# ଧରିତ୍ରୀ DHARITRI

ଢେଙ୍କାନାଳ, ବୁଧବାର, ଡିସେମ୍ବର ୯/୨୦୨୦ (୧୬ ପୃଷ୍ଠା) | Dhenkanal, Wednesday, December 9/2020 | ★★★★★

୧୬ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମିଚେଲ ସ୍ୱେପସନଙ୍କ ପ୍ରଭାବୀ ବୋଲିଂ

ମଙ୍ଗଳବାର ଅନୁଷ୍ଠିତ ଭାରତ ବିପକ୍ଷ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ରଭାବୀ ବୋଲିଂ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ସ୍ୱେପସନ।

୧୬

୧୦

## ନୁସ୍‌ରତଙ୍କ ଆଖିକୁ ନିଦ ନାହିଁ

ବଲିଉଡ୍ ଅଭିନେତ୍ରୀ ନୁସ୍‌ରତ ଭାରୁଚା ତାଙ୍କ ଆଗାମୀ ଫିଲ୍ମ ପାଇଁ ଟେନ୍‌ସନ୍‌ରେ ଶୋଇପାରୁନାହାନ୍ତି।



# ଚାଷୀଙ୍କୁ ବିପୁଳ ସମର୍ଥନ



ଫଟୋ ଫିଚର: ପୃଷ୍ଠା–୧୨

ଭୁବନେଶ୍ୱରରେ ମଙ୍ଗଳବାର ଭାରତ ବନ୍ଦ ପ୍ରଭାବରେ ରାସ୍ତା ଶୂନ୍‌ଶାନ ଥିବା ବେଳେ ଜଣେ ଆନ୍ଦୋଳନକାରୀ ଏକ ଫ୍ଲେକ୍ସ ମାଧ୍ୟମରେ କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରୁଛନ୍ତି।

ଭୁବନେଶ୍ୱର,୮।୧୨(ବ୍ୟୁରୋ)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ୩ କୃଷି ବିଲ୍‌କୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ଏବଂ ରାଜନୈତିକ ଦଳ ତରଫରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ଦେଶବ୍ୟାପୀ ବିପୁଳ ସମର୍ଥନ ମିଳିଛି। ଓଡ଼ିଶାରେ ମଧ୍ୟ ବନ୍ଦ ସଫଳ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ କୃଷକ ସଂଗଠନ ପକ୍ଷରୁ ଶୋଭାଯାତ୍ରା, ପିକେଟିଂ କରାଯିବା ସହ ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ କରାଯାଇଛି। କାଁ ଭାଁ ଦୁଇଚକିଆ ଯାନବାହନ ଚଳାଚଳ କରୁଥିଲେ ମଧ୍ୟ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ବନ୍ଦ ରହିଥିଲା। ଦୋକାନ ବଜାର, କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡ଼ିଥିଲା। କୃଷକ ଓ ଶ୍ରମିକ ସଂଗଠନଗୁଡ଼ିକ ବିଭିନ୍ନ ରେଲଷ୍ଟେଶନରେ ବିକ୍ଷୋଭ କରିବାରୁ ୫ ଘଣ୍ଟା ଧରି ରେଳ ଚଳାଚଳ ହୋଇପାରି ନ ଥିଲା। ଦୂରଦୂରାନ୍ତକୁ ଯିବାକୁ ଥିବା ଲୋକମାନେ ସନ୍ଧ୍ୟା ପର୍ଯ୍ୟନ୍ତ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରି ରହିଥିଲେ। ବିମାନ ସେବା ଯଦିଓ ଚାଲିଥିଲା, ତେବେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିବା ଯାତ୍ରୀମାନେ ଟ୍ୟାକ୍ସି କିମ୍ବା ଅନ୍ୟାନ୍ୟ ଯାନବାହନ ନ ପାଇ ଚାଲିଚାଲି ଯାଇଥିଲେ। ଏପରିକି ବନ୍ଦ ଯୋଗୁ ଫଳ, ପନିପରିବା ଦୋକାନ ମଧ୍ୟ ବନ୍ଦ ରହିଥିଲା। ଏଥିଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲେ ମଧ୍ୟ ଚାଷୀ ଆନ୍ଦୋଳନକୁ ବିଭିନ୍ନ ମହଲରୁ ବିପୁଳ ସମର୍ଥନ ମିଳିଥିଲା। ☞ପୃଷ୍ଠା–୪

### ବନ୍ଦ ସଫଳ

- ବ୍ୟବସାୟ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ
- ବିକ୍ଷୋଭ କରି ଶତାଧିକ ଗିରଫ
- କୃଷି ଆଇନ ପ୍ରତ୍ୟାହାର ନ ହେବାଯାଏ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ

## ‘କେଜ୍‌ରିୱାଲଙ୍କୁ ଗୃହବନ୍ଦୀ କରାଯାଇଛି’



ନୂଆଦିଲ୍ଲୀ,୮।୧୨: ‘ଭାରତ ବନ୍ଦ’ର କେନ୍ଦ୍ରସ୍ଥଳ ପାଲଟିଥିବା ଜାତୀୟ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତାଙ୍କ ଘରେ ଗୃହବନ୍ଦୀ କରାଯାଇଛି ବୋଲି ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ ଅଣାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ପୋଲିସ କେଜ୍‌ରିୱାଲଙ୍କୁ ଗୃହବନ୍ଦୀ କରିଥିବା ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ ସମାଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି, ସୋମବାର କେଜ୍‌ରିୱାଲ ସିଙ୍ଘୁ ସୀମାକୁ ଯାଇ ଚାଷୀଙ୍କୁ ଜରୁରୀ ସାମଗ୍ରୀ ଓ ସେବା ପ୍ରଦାନର ସମୀକ୍ଷା କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ☞ପୃଷ୍ଠା–୪

## ପତ୍ରକୁ ଅସ୍ତ୍ର କରୁଛି ଭାଜପା: ପାୱାର



ନୂଆଦିଲ୍ଲୀ, ୮।୧୨(ଆଇଏଏନ୍‌ଏସ୍): ଭାରତ ବନ୍ଦ ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଭାଜପା ଧାନ ହଟାଉଛି ବୋଲି ଟାର୍ଗେଟ କରିଛନ୍ତି। ସେ କେନ୍ଦ୍ର କୃଷିମନ୍ତ୍ରୀ ଥିବାବେଳେ କେବଳ ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି)ରେ ସଂସ୍କାର ଆଣିବା ପାଇଁ କହିଥିଲେ। କେନ୍ଦ୍ର ସରକାରଙ୍କ ଭଳି ନୂଆ କୃଷି ଆଇନ ଆଣିବା ପାଇଁ ସେ କେବେ ପ୍ରସ୍ତାବ ଦେଇ ନ ଥିଲେ ବୋଲି ପାୱାର ସ୍ପଷ୍ଟ କରିଛନ୍ତି। ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ☞ପୃଷ୍ଠା–୪

## ‘ହଁ କି ନା କୁହ’

ନୂଆଦିଲ୍ଲୀ,୮।୧୨

କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ କୃଷକ ନେତାଙ୍କୁ ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଲୋଚନା ପାଇଁ ଡାକିଛନ୍ତି। ବୁଧବାର ହେବାକୁ ଥିବା ଷଷ୍ଠ ପର୍ଯ୍ୟାୟ ବୈଠକ ପୂର୍ବରୁ ଶାହାଙ୍କ ନିମନ୍ତ୍ରଣକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ତେବେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ବିବାଦୀୟ ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଦାବି କରାଯିବ। ଦାବି ସହ କୌଣସି ସାଲିସ କରାଯିବ ନାହିଁ। ସରକାର ଉକ୍ତ ଆଇନକୁ ହଟାଇବେ କି ନାହିଁ, ଶାହାଙ୍କଠାରୁ ହଁ ନାରେ ଉତ୍ତର ମଗାଯିବ ବୋଲି କୃଷକ ନେତା ରୁଦ୍ର ସିଂ ମନ୍‌ସା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଚାଷୀଙ୍କୁ ଡାକିଲେ ଶାହା

ମିଳିଥିବା ସୂଚନାନୁସାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ୧୩ କୃଷକ ପ୍ରତିନିଧିଙ୍କୁ ଫୋନ୍ କରି ଡାକିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ପଞ୍ଜାବର ହୋଇଥିବାବେଳେ ଅନ୍ୟ ୫ ଜଣ ଦେଶର ବିଭିନ୍ନ ଭାଗର ବୋଲି ଜଣାପଡ଼ିଛି। ଉକ୍ତ ବୈଠକରେ ଅଲ୍ ଇଣ୍ଡିଆ କିଷାନ ସଭାର ହନ୍ନନ ମୋଲ୍ଲାହ ଓ ଭାରତୀୟ କିଷାନ ୟୁନିୟନର ☞ପୃଷ୍ଠା–୪




## ଆଜି କ୍ୟାବିନେଟ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ବୁଧବାର ଅପରାହ୍ଣ ୬ଟା ୪୫ରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ମୋହର ଲାଗିବ। ତେବେ ବୈଠକର ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଜୟ କିଷାନ

## କଟ୍‌ନୀ ଆଳରେ ଚାଷୀଙ୍କୁ ଲୁଟ୍


ପ୍ରେମାନନ୍ଦ ଖମାରୀ

ବରଗଡ଼ ଅଫିସ୍,୮।୧୨



ବରଗଡ଼ ଜିଲା ଝରାପାଲି ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

ଚିରାଚରିତ ଢଙ୍ଗରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ପେଷି ହୋଇ ଗଲେଣି। ଧାନ କିଣାବିକା ସମୟରେ ଗୁଣବତ୍ତାକୁ ନେଇ କଟ୍‌ନୀଛଟ୍‌ନୀ ଆଳ ଅଭାବୀ ବିକ୍ରିର ମୁଖ୍ୟ କାରଣ ପାଲଟିଛି। ଧାନ କିଣାବିକାରେ ରହିଥିବା ଅବ୍ୟବସ୍ଥାକୁ ସୁଧାରିବା ବଦଳରେ ନୂଆ କୃଷି ଆଇନ ଚାଷୀଙ୍କ ପାଇଁ କଟା ଘା’ରେ ଚୂନ ଭଳି ହୋଇଛି। ନୂଆ କୃଷି ଆଇନ ଅଭାବୀ ବିକ୍ରିକୁ ରୋକିପାରିବ, ସେ ଆଶା ମଧ୍ୟ କ୍ଷୀଣ। ଫଳରେ ଧାନ ଭଳି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇବା ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ୁଛି। ଆଉ ନୂଆ କୃଷି ଆଇନ ଯୋଗୁ ଯେତେବେଳେ ଧାନ କିଣାବିକା ସରକାରୀ ସଂସ୍ଥା ହାତରୁ ପୁଞ୍ଜିପତିଙ୍କ ହାତକୁ ଚାଲିଯିବ, ସେତେବେଳେ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ପାଇବା ନେଇ ☞ପୃଷ୍ଠା–୪



ରୋମାନିଆ ପାର୍ଲାମେଣ୍ଟ ନିର୍ବାଚନରେ ଶାସକ ନ୍ୟାଶନାଲ ଲିବେରାଲ ପାର୍ଟି ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହେବା ପରେ ପ୍ରଧାନମନ୍ତ୍ରୀ ପଦରୁ ଲୁଡୋଭିକ୍ ଓର୍ବାନ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି କ୍ଲାଉସ୍ ଇଓହାନିସ୍ ତାଙ୍କ ଇସ୍ତଫାକୁ ଗ୍ରହଣ କରିନେବା ସହ ପ୍ରତିରକ୍ଷା ମନ୍ତ୍ରୀ ନିକୋଲାଇ ସିଉକାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି।



## ସଂକ୍ଷେପରେ

### କଶ୍ମୀରକୁ ଆତଙ୍କବାଦୀ ପଠାଇବ ତୁର୍କୀ

**ଆଙ୍କାରା,୮।୧୨:** ଭାରତରେ ଅଶାନ୍ତି ସୃଷ୍ଟି କରିବା ଲାଗି ପାକିସ୍ତାନ ଏବେ ତୁର୍କୀ ସହିତ ହାତ ମିଳାଇଛି। କଶ୍ମୀରକୁ ଆତଙ୍କବାଦୀ ପଠାଇବା ଲାଗି ତୁର୍କୀ ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ସିରିଆର ଆତଙ୍କବାଦୀ ସଂଗଠନକୁ ଏଥିରେ ସାମିଲ କରାଯାଇଛି। ପୂର୍ବରୁ ସିରିଆ ଆତଙ୍କବାଦୀଙ୍କୁ ଲିବିୟା ଏବଂ ଅଜରବୈଜାନକୁ ପଠାଯାଇଛି। କଶ୍ମୀର ପ୍ରସଙ୍ଗ ନେଇ ତୁର୍କୀ ଭାରତ ବିରୋଧରେ ମନ୍ତବ୍ୟ ଦେଇଥିବାବେଳେ ଏବେ ଏଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏସମ୍ପର୍କରେ କିଛି ଦିନ ତଳେ ତୁର୍କୀ ସମର୍ଥିତ ସୁଲେମାନ ଶାହା ବ୍ରିଗେଡ୍ ଆତଙ୍କବାଦୀ ସଂଗଠନ ମୁଖ୍ୟ ଅବୁ ଇମଶା ସୂଚନା ଦେଇଥିଲେ। ସେ ନିଜ ସଂଗଠନ ସଦସ୍ୟଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। କଶ୍ମୀରରେ ଅଶାନ୍ତି ସୃଷ୍ଟି ଲାଗି ଅନ୍ୟ ଆତଙ୍କବାଦୀ ସଂଗଠନ ସହିତ ଆଲୋଚନା କରିବା ପାଇଁ ଇମଶାଙ୍କୁ ତୁର୍କୀ ସରକାର ନିର୍ଦ୍ଦେଶ ଦେଇଥିବା ସେ ସଦସ୍ୟଙ୍କୁ କହିଛନ୍ତି।

### ୨୦୧୭ରୁ ଏଲ୍ଏସିରେ ସାମରିକ କ୍ୟାମ୍ପ ସ୍ଥାପନ କରିଛି ଚାଇନା

**ନୂଆଦିଲ୍ଲୀ, ୮।୧୨:** ୨୦୧୭ରେ ଡୋକ୍‌ଲାମରେ ଭାରତ ଓ ଚାଇନା ସୈନ୍ୟ ଦୀର୍ଘ ୭୩ ଦିନ ମୁହାଁମୁହିଁ ହୋଇଥିଲେ। ସାମରିକ ଓ କୂଟନୈତିକ ସ୍ତରରେ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିଲା । ଏହା ପରେ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟବର୍ତ୍ତୀ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ସାମରିକ କ୍ୟାମ୍ପ ସ୍ଥାପନ କରିଛି । ଏହି ଶିବିର ଚାଇନା ସୈନ୍ୟଙ୍କୁ ସେମାନଙ୍କ ପାର୍ଶ୍ୱରେ ପାଟ୍ରୋଲିଂ କରିବାରେ ସହାୟକ ହେଉଛି। ଚଳିତ ବର୍ଷ ଏପ୍ରିଲ-ମେ'ରୁ ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍ଏସିରେ ଦୁଇ ଦେଶର ସୈନ୍ୟ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ବାରମ୍ବାର ଆଲୋଚନା ସତ୍ତ୍ୱେ ସମସ୍ୟାର ସମାଧାନ ହେଉ ନ ଥିବାରୁ ଭାରତୀୟ ସୈନ୍ୟଙ୍କୁ ସେଠାରେ ଦୀର୍ଘଦିନ ମୁତୟନ ହୋଇ ରହିବାକୁ ପଡ଼ିବ।


### ବ୍ରିଟେନରେ ୯୦ ବର୍ଷୀୟା ନେଲେ ପ୍ରଥମ ଫାଇଜର ଟିକା



**ଲଣ୍ଡନ, ୮।୧୨:** ବ୍ରିଟେନରେ ମଙ୍ଗଳବାରଠାରୁ ସମୂହ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୯୦ ବର୍ଷୀୟା ବୃଦ୍ଧା ମାର୍ଗାରେଟ କିନାନ ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ଫାଇଜର ଟିକା ନେଇଛନ୍ତି। ସପ୍ତାହକ ପରେ ୯୧ ବର୍ଷରେ ପାଦ ଦେବାକୁ ଯାଉଥିବା ମାର୍ଗାରେଟ କେନ୍ଦ୍ରୀୟ ଇଂଲଣ୍ଡର କୋଭେଣ୍ଟ୍ରିସ୍ଥିତ ଏକ ହସ୍ପିଟାଲରେ ଟିକା ନେଇଥିଲେ। ପ୍ରଥମ କୋଭିଡ୍ ଟିକା ନେଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି ବୋଲି ମାର୍ଗାରେଟ କହିଥିଲେ। ସେହିପରି ଉତ୍ତରପୂର୍ବ ଇଂଲଣ୍ଡରେ ରହୁଥିବା ପ୍ରଥମ ଭାରତୀୟ ବଂଶୋଦ୍ଭବ ଦମ୍ପତିଙ୍କୁ ମଙ୍ଗଳବାର ଟିକା ଦିଆଯାଇଛି। ଡ. ହରି ଶୁକ୍ଳା(୮୭) ଏବଂ ତାଙ୍କ ସ୍ତ୍ରୀ ରଞ୍ଜନ(୮୩) ପ୍ରଥମ ପର୍ଯ୍ୟାୟରେ ଟିକା ନେଇଛନ୍ତି।

## ଚନ୍ଦ୍ରକୁ ପ୍ରଥମ ମହିଳା ପଠାଇବେ ବେଜୋସ୍

ନୂଆଦିଲ୍ଲୀ, ୮।୧୨



ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ମହାକାଶ କମ୍ପାନୀ 'ବ୍ଲୁ ଅରିଜିନ୍' ଚନ୍ଦ୍ରପୃଷ୍ଠକୁ ପ୍ରଥମ ମହିଳା ପଠାଇବାକୁ ଯାଉଛି। ଏହି କମ୍ପାନୀ ଦ୍ୱାରା ନିର୍ମିତ ଲୁନାର ଲ୍ୟାଣ୍ଡର ୨୦୨୪ ସୁଦ୍ଧା ଚନ୍ଦ୍ରକୁ ମହାକାଶଚାରୀ ପଠାଇବାକୁ ସମର୍ଥ। ଏନେଇ ନାସା ଖୁବ୍ ଶୀଘ୍ର ନିଷ୍ପତ୍ତି ଘୋଷଣା କରିବ। ପ୍ରଥମ ମହିଳାଙ୍କୁ ନେଇ ଚନ୍ଦ୍ରପୃଷ୍ଠକୁ ଯିବାକୁ ଥିବା ରକେଟ ଇଞ୍ଜିନ୍ (ବିଇ-୭) ପରୀକ୍ଷାର ଏକ ଭିଡିଓ ଶୁକ୍ରବାର ବେଜୋସ୍ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏଥିପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ। ଏହା ତରଳ ଉଦ୍‌ଜାନ ଓ ତରଳ ଅମ୍ଳଜାନ ଇନ୍ଧନରେ ଚାଲିବାକୁ ଥିବା ଲୁନାର ଲ୍ୟାଣ୍ଡିଂ ଇଞ୍ଜିନ୍। ଏହା ସର୍ବାଧିକ ୧୦ ହଜାର ଆଇବିଏଫ୍ ଶକ୍ତି ସୃଷ୍ଟି କରିବ। ଏହା ବ୍ଲୁ ଅରିଜିନ୍‌ର ଜାତୀୟ ଟିମ୍ ଏଚ୍ଏଲ୍ଏସ୍ ଲୁନାର ଲ୍ୟାଣ୍ଡରକୁ ଶକ୍ତି ଯୋଗାଇବ।

## ଚିଡ଼ିଆଖାନାରେ ୪ ସିଂହଙ୍କୁ କରୋନା

ବାର୍ସିଲୋନା, ୮।୧୨

ସ୍ପେନ୍‌ର ବାର୍ସିଲୋନା ଚିଡ଼ିଆଖାନାରେ ୪ଟି ସିଂହ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସିଂହଙ୍କୁ କରୋନା ଭୂତାଣୁ ସଂକ୍ରମଣ କରିବା ଏହା ଦ୍ୱିତୀୟ ଘଟଣା। ସେମାନଙ୍କଠାରେ କରୋନା ଲକ୍ଷଣ ଦେଖାଯିବା ପରେ ନମୁନା ପରୀକ୍ଷା କରାଯାଇଥିଲା। ତେବେ ସିଂହଗୁଡ଼ିକ କିପରି ସଂକ୍ରମିତ ହେଲେ ତାହାର ତଦନ୍ତ କରାଯାଉଛି।




# ବଳ ଦେଖାଇଲେ ଚାଷୀ

**କେଉଁଠି ଟାୟାର ଜାଳି ଅଖଚକ ବନ୍ଦ ତ ପୁଣି କେଉଁଠି ଧାରଣା ଉପରେ ଶୋଇ ରେଳରୋକୋ। ଦୋକାନ ବଜାର, ଅଫିସ ଅମଲା ସବୁଠି ଝୁଲୁଥିଲା ତାଲା। ବିଭିନ୍ନ ସ୍ଥାନରେ ପୋଲିସ ସହ କୃଷକଙ୍କ ସଂଘର୍ଷ ଓ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଶୁଣିବାକୁ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ଦେଶରେ ଏପରି ଅଚଳାବସ୍ଥା ଦେଖାଯାଇଥିଲା। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ କୃଷକଙ୍କ 'ଭାରତ ବନ୍ଦ' ମୋଟାମୋଟି ଭାବେ ସଫଳ ହୋଇଥିବା ଏହି ସବୁ ଦୃଶ୍ୟ ବୟାନ କରୁଛି।**

### ଭାରତ ବନ୍ଦ

- ୨୫ ରାଜ୍ୟରେ ପ୍ରଭାବ
- ସାଧାରଣ ଜୀବନଯାତ୍ରା ବ୍ୟାହତ
- ଆଜି ରାଷ୍ଟ୍ରପତିଙ୍କୁ ଭେଟିବେ ବିରୋଧୀ
- ଷଷ୍ଠ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ତୋମାର-ଖଟ୍ଟାର ମନ୍ତ୍ରଣା



ନୂଆଦିଲ୍ଲୀ,୮।୧୨

ଗତ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଆଣିଥିବା ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୦ ଅତ୍ୟନ୍ତ ବିବାଦୀୟ ହୋଇଯାଇଛି। ଏହି ୩ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ନଭେମ୍ବର ୨୬ରୁ ଆନ୍ଦୋଳନ ଚଳାଇଥିବା ଶତାଧିକ କୃଷକ ସଙ୍ଗଠନ ମଙ୍ଗଳବାର 'ଭାରତ ବନ୍ଦ' ଡାକରା ଦେଇଥିଲେ। କେନ୍ଦ୍ର ସରକାର ଏହି ଆଇନର କେତେକ ଧାରାରେ ସଂଶୋଧନ ପାଇଁ ସଙ୍କେତ ଦେଇଥିଲେ। ତେବେ ଚାଷୀମାନେ ସମ୍ପୂର୍ଣ୍ଣ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଛନ୍ତି। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ସହ ବୁଧବାର ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ କେନ୍ଦ୍ର ଉପରେ ଚାପ ବୃଦ୍ଧି ପାଇଁ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ଆନ୍ଦୋଳନର ତ୍ରୟୋଦଶ ଦିନ 'ଭାରତ ବନ୍ଦ'ର ପ୍ରଭାବ ୨୫ ରାଜ୍ୟର ୧୦,୦୦୦ରୁ ଅଧିକ ସ୍ଥାନରେ ଦେଖିବାକୁ ମିଳିଛି। ବିଶେଷକରି ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ସର୍ବାଧିକ ପ୍ରଭାବ ଅନୁଭୂତ ହୋଇଛି। କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଟିଆର୍‌ଏସ୍, ଏଏପି ସମେତ ପ୍ରାୟ ୨ ଡଜନ ରାଜନୈତିକ ଦଳ ଏବଂ ୧୦ରୁ ଅଧିକ ଶ୍ରମିକ ସଙ୍ଗଠନ ବନ୍ଦକୁ ସମର୍ଥନ କରିଥିଲେ।

ଜାତୀୟ ରାଜଧାନୀ ଦିଲ୍ଲୀ 'ଭାରତ ବନ୍ଦ'ର କେନ୍ଦ୍ରସ୍ଥଳ ପାଲଟିଥିଲା। ନୂଆଦିଲ୍ଲୀ ଭିତରେ ଓ ସୀମାରେ କୃଷକଙ୍କ ବନ୍ଦ ପାଳନ ଯୋଗୁ ଟ୍ରେନ, ଯାନବାହନ ଚଳାଚଳ, ଦୋକାନ ବଜାର ଓ ଅଫିସ ଆଦି ବନ୍ଦ ରହିଥିଲା। ପଞ୍ଜାବରେ ଶାସକ କଂଗ୍ରେସ ସମେତ ଏଏପି ଏବଂ ଶିରୋମଣି ଅକାଳୀ ଦଳ ବନ୍ଦକୁ ସମର୍ଥନ କରିଥିଲେ। ରାଜ୍ୟର ୫୦,୦୦୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ କୃଷକଙ୍କ ସମର୍ଥନରେ ବାହାରି ସାମୂହିକ ଛୁଟି ନେଇଥିଲେ। ଭାଜପା-ଜେଜେପି ଶାସିତ ପଡ଼ୋଶୀ ହରିୟାଣାରେ ବନ୍ଦକୁ ବିରୋଧୀ କଂଗ୍ରେସ ଓ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳର ସମର୍ଥନ ମିଳିଥିଲା। ବନ୍ଦ ପାଳନ ଚାଲିଥିବାବେଳେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଅପରାହ୍ନରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଦିଲ୍ଲୀ ବାସଭବନରେ ଭେଟି ବୁଧବାର ହେବାକୁ ଥିବା ବୈଠକ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଟିଏମ୍‌ସି, କଂଗ୍ରେସ ଓ ବାମଦଳ ସମର୍ଥନ ଘୋଷଣା କରିଥିଲେ ହେଁ ମିଶ୍ରଫଳ ଦେଖାଯାଇଛି। ରାଜସ୍ଥାନ ରାଜଧାନୀ ଜୟପୁରରେ ମଣ୍ଡିଗୁଡ଼ିକ ବନ୍ଦ ଥିଲେ ବି ଦୋକାନ ବଜାର ଖୋଲାଥିଲା। ସେଠାରେ ରାଜ୍ୟର ଶାସକ କଂଗ୍ରେସ ଓ ବିରୋଧୀ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଓଡ଼ିଶା, ମହାରାଷ୍ଟ୍ର, ବିହାର ଓ ଝାଡ଼ଖଣ୍ଡରେ ବିକ୍ଷୋଭକାରୀମାନେ ରେଳ ଲାଇନ ଅବରୋଧ କରିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବନ୍ଦ ପାଳନ ବେଳେ ଜରୁରୀ ସେବାକୁ ବାଦ୍ ଦିଆଯାଇଥିବାବେଳେ ବ୍ୟାଙ୍କଗୁଡ଼ିକ ମଧ୍ୟ ଚାଲୁ ରହିଥିଲା। ଅଲ୍ ଇଣ୍ଡିଆ କିଷାନ ସଭା ସାଧାରଣ ସମ୍ପାଦକ ହନ୍ନନ ମୋଲ୍ଲାହ ଏହି ଶଟ୍‌ଡାଉନକୁ କୃଷକଙ୍କ ଶକ୍ତିର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ଚାଷୀଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ପରବର୍ତ୍ତୀ ପର୍ଯ୍ୟାୟକୁ ବଢ଼ାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅଚଳାବସ୍ଥାକୁ ଦୃଷ୍ଟିରେ ରଖି କୃଷି ଆଇନ ପ୍ରତ୍ୟାହାର ନିମନ୍ତେ ବୁଧବାର ସନ୍ଧ୍ୟାରେ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବେ। ଏନେଇ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପାଟନାରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବାବେଳେ ଜଣେ ପୂଜକ ଚାଲି ଚାଲି ଯାଉଛନ୍ତି।



ନୂଆଦିଲ୍ଲୀ-ଗାଜିପୁର ସୀମାରେ ଭାରତ ବନ୍ଦ ବେଳେ ସୁଫି ସିଙ୍ଗର କନୱର ଗ୍ରେୱାଲ ଓ ଭାରତୀୟ କିଷାନ ୟୁନିୟନ ମୁଖପାତ୍ର ରାକେଶ ଟିକାଏତଙ୍କ ସହ କୃଷକମାନେ।

> ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଷ୍ଟାଡିୟମଗୁଡ଼ିକୁ ଅସ୍ଥାୟୀ ଜେଲରେ ପରିଣତ କରିବା ଲାଗି ଅନୁମତି ଦେଲେନାହିଁ। ଏଥିଲାଗି କେନ୍ଦ୍ର ସରକାର ତାଙ୍କ ଘରକୁ ଜେଲରେ ପରିଣତ କରିଦେଲେ। କେଜ୍‌ରିୱାଲଙ୍କୁ ଗୃହବନ୍ଦୀ କରାଯାଇଛି। ତାଙ୍କ ସହ ଭେଟିବା ପାଇଁ କାହାକୁ ଦିଆଯାଉନାହିଁ।
>
> **-ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**

> ବିରୋଧୀ ଦଳଗୁଡ଼ିକର ନେତାଙ୍କୁ ନେଇ ଏକ ପ୍ରତିନିଧି ଦଳ ବୁଧବାର ଅପରାହ୍ନ ୫ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ ଅନ୍ୟ ନେତାମାନେ ଏଥିରେ ସାମିଲ ହେବେ।
>
> **-ସୀତାରାମ ୟେଚୁରୀ, ସିପିଏମ୍ ନେତା**

> ନୂଆ କୃଷି ଆଇନକୁ ନେଇ ଚାଲିଥିବା ଆନ୍ଦୋଳନରୁ ଓହରିବା ପାଇଁ କୌଣସି ମଧ୍ୟମ ପନ୍ଥା ନାହିଁ। ତେଣୁ ସରକାର ଆମ ଦାବି ପୂରଣ କରିବେ ନା ନାହିଁ। ହଁ ନାରେ ଉତ୍ତର ଦିଅନ୍ତୁ।
>
> **-ରୁଦ୍ରୁ ସିଂ ମନ୍‌ସା, କୃଷକ ନେତା**

### ଯୁବଚାଷୀଙ୍କ ମୃତଦେହ ମିଳିଲା

ନୂଆଦିଲ୍ଲୀ,୮।୧୨

କୃଷକଙ୍କ ଭାରତ ବନ୍ଦ ବେଳେ ମଙ୍ଗଳବାର ଟିକ୍ରି ବର୍ଡରରେ ଜଣେ ଯୁବଚାଷୀଙ୍କ ମୃତଦେହ ମିଳିଛି। ମୃତକ ଅଜୟ ମୁର(୩୨) ହରିୟାଣାର ସୋନିପତ୍‌ସ୍ଥିତ ଗୋହାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଅଜୟ ଏକ ଖୋଲା ପଡ଼ିଆରେ ଶୋଇଥିଲେ। ସକାଳେ ତାଙ୍କ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ସେନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## 'କଂଗ୍ରେସ କୃଷି ସଂସ୍କାର ବିରୋଧୀ ନୁହେଁ'

ନୂଆଦିଲ୍ଲୀ,୮।୧୨(ପି.ଟି.)

କୃଷି କ୍ଷେତ୍ରରେ ସଂସ୍କାରକୁ କଂଗ୍ରେସ ବିରୋଧ କରେନାହିଁ। କିନ୍ତୁ କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନରେ ଆମେ ଚାହୁଁଥିବା ପରିବର୍ତ୍ତନ ନାହିଁ। ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ଏହି ଆଇନକୁ ଉଚ୍ଛେଦ କରାଯାଉ ବୋଲି ମଙ୍ଗଳବାର ବରିଷ୍ଠ କଂଗ୍ରେସ ନେତା ତଥା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଦାବି କରିଛନ୍ତି। ସବୁ ପକ୍ଷଙ୍କ ସହ ବିଚାରବିମର୍ଶ କରି ସଂସଦରେ ଆଲୋଚନା ପରେ କୃଷି ସଂସ୍କାର ଅଣାଯାଉ ବୋଲି ସେ ମତ ଦେଇଛନ୍ତି।



ଭୂପିନ୍ଦର ସିଂ ହୁଡା

## ଏଭରେଷ୍ଟ ଉଚ୍ଚତା ୮,୮୪୮.୮୬ ମିଟର

ବେଜିଂ, ୮।୧୨



ଏଭରେଷ୍ଟ ଶୃଙ୍ଗର ଉଚ୍ଚତା ୮,୮୪୮.୮୬ ମିଟର। ନେପାଳ ଏବଂ ଚାଇନା ମଙ୍ଗଳବାର ମିଳିତ ଭାବେ ଏହା ଘୋଷଣା କରିଛନ୍ତି। ବିଶ୍ୱର ଏହି ସର୍ବୋଚ୍ଚ ଶୃଙ୍ଗର ଉଚ୍ଚତାକୁ ନେଇ ବିବାଦ ରହିଆସିଥିବାବେଳେ ଏବେ ଏହାର ସମାଧାନ ହୋଇପାରିଛି। ଅବଶ୍ୟ ପ୍ରକୃତ ଉଚ୍ଚତାକୁ ନେଇ କାଠମାଣ୍ଡୁ ଓ ବେଜିଂ ମଧ୍ୟରେ ମତଭେଦ ହୋଇଥିଲା। ଉଭୟ ଦେଶର ସର୍ଭେୟରମାନେ ଏକ ସମିଟ୍‌ରେ ଏକାଠି ହେବା ପରେ ଏଭରେଷ୍ଟ ଶୃଙ୍ଗର ଉଚ୍ଚତା ୮,୮୪୮.୮୬ ମିଟର (୨୯,୦୩୧.୬୯ ଫୁଟ)ରେ ସେମାନେ ସହମତ ହୋଇଥିଲେ। ପୂର୍ବରୁ ହିସାବ ହୋଇଥିବା ଉଚ୍ଚତାଠାରୁ ଏହା ସାମାନ୍ୟ ଅଧିକ। ନେପାଳ ଓ ଚାଇନା ମଧ୍ୟରେ ବନ୍ଧୁତାର ଚିରନ୍ତନୀ ପ୍ରତୀକ ଏଭରେଷ୍ଟ ବୋଲି ନେପାଳୀ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ କୁମାର ଗ୍ୟାୱାଲି ଏହି ଅବସରରେ କହିଛନ୍ତି। ପୂର୍ବରୁ ନେପାଳ କେବେ ଏଭରେଷ୍ଟ ଉଚ୍ଚତା ମାପି ନ ଥିଲା।

### ବଢ଼ିଛି ୮୬ ସେ.ମି.

୧୯୫୪ରେ ଭାରତ ପକ୍ଷରୁ ହୋଇଥିବା ସର୍ଭେରେ ଏଭରେଷ୍ଟର ଉଚ୍ଚତା ୮,୮୪୮ ମିଟର ବୋଲି ଦର୍ଶାଯାଇଥିଲା ଏବଂ ନେପାଳ ଏହାକୁ ବ୍ୟବହାର କରିଆସୁଥିଲା। ୨୦୦୫ରେ ଚାଇନା ଏଭରେଷ୍ଟ ଉଚ୍ଚତାକୁ ୮,୮୪୪.୪୩ ମିଟର ଦର୍ଶାଇଥିଲା। ପର୍ବତାରୋହୀମାନଙ୍କ ମତରେ ୨୦୧୫ରେ ନେପାଳରେ ହୋଇଥିବା ୭.୮ ତୀବ୍ରତାର ଭୂକମ୍ପ ଯୋଗୁ ଏଭରେଷ୍ଟ ଉଚ୍ଚତା ସାମାନ୍ୟ ବୃଦ୍ଧି ପାଇଛି। ନେପାଳରେ ଏହି ଭୂକମ୍ପ ଯୋଗୁ ୯,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏଭରେଷ୍ଟ ଉଚ୍ଚତା ମାପିବାକୁ କାଠମାଣ୍ଡୁ ଗତବର୍ଷ ମେ'ରେ ପ୍ରଥମ ଟିମ୍ ପଠାଇଥିଲା। ପରେ ଚାଇନା ଟିମ୍ ସେଠାକୁ ଯାଇଥିଲେ।

## କୋଭିଡ୍ ଟିକାକୁ ଖୁବ୍‌ଶୀଘ୍ର ମଞ୍ଜୁରୀ

ନୂଆଦିଲ୍ଲୀ, ୮।୧୨

ଆଗାମୀ କିଛି ସପ୍ତାହ ମଧ୍ୟରେ ଭାରତରେ କେତେକ କୋଭିଡ୍-୧୯ ଟିକାକୁ ବ୍ୟବହାର ପାଇଁ ଲାଇସେନ୍ସ ମିଳିଯିବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଭାରତୀୟଙ୍କୁ କୋଭିଡ୍ ଟିକା ଦିଆଯିବ। ପ୍ରାୟ ୧ କୋଟି ସ୍ୱାସ୍ଥ୍ୟ କର୍ମଚାରୀ, ୨ କୋଟି ଫ୍ରଣ୍ଟଲାଇନ୍ ୱାର୍କର ଏବଂ ୨୭ କୋଟି ବୟସ୍କ ନାଗରିକଙ୍କୁ ଟିକା ଦିଆଯିବ। ଚିକିତ୍ସା ପ୍ରଦାନକାରୀଙ୍କ ସମେତ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ଅନ୍ୟମାନଙ୍କୁ ଟିକା ମିଳିବାକୁ ଥିବାବେଳେ ଫ୍ରଣ୍ଟଲାଇନ ୱାର୍କରଙ୍କ ମଧ୍ୟରେ କେନ୍ଦ୍ରୀୟ ଓ ରାଜ୍ୟ ପୋଲିସ, ସଶସ୍ତ୍ର ବଳ, ହୋମ୍‌ଗାର୍ଡ, ସିଭିଲ ଡିଫେନ୍ସ, ବିପର୍ଯ୍ୟୟ ପରିଚାଳନା ସ୍ୱେଚ୍ଛାସେବୀ, ମ୍ୟୁନିସିପାଲ କର୍ମଚାରୀ ଏବଂ ୫୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଟିକା ମିଳିବ।

### ପ୍ରଥମେ ୩୦ କୋଟିଙ୍କୁ ଦିଆଯିବ ଟିକା

ଦେଶର କରୋନା ସ୍ଥିତି ସମ୍ପର୍କରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ଭାରତ ବାୟୋଟେକ୍ ସେମାନଙ୍କ ଟିକାର ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ପାଇଁ ଆବେଦନ କରିଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ କୋଭିଶିଲ୍ଡ ଟିକାକୁ ସେରମ୍ ଇନ୍‌ଷ୍ଟିଚ୍ୟୁଟ ଉତ୍ପାଦନ କରୁଛି। ସେହିପରି ଭାରତ ବାୟୋଟେକ୍ ସ୍ୱଦେଶୀ ଟିକା କୋଭାକ୍ସିନ୍‌ର ବିକାଶ କରିଛି। ଏହା ବ୍ୟତୀତ ଫାଇଜର ମଧ୍ୟ ଟିକାର ଜରୁରୀ ବ୍ୟବହାର ଲାଗି ଅନୁମତି ପାଇଁ ଆବେଦନ କରିଛି।

ବୈଜ୍ଞାନିକମାନଙ୍କଠାରୁ ସବୁଜ ସଙ୍କେତ ମିଳିବା ପରେ ଟିକା ବିପୁଳ ପରିମାଣରେ ଉତ୍ପାଦନ ହେବ। ସମସ୍ତଙ୍କ ପାଖରେ ଟିକା ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଉଛି। କମ୍ପାନୀଗୁଡ଼ିକର ଆବେଦନକୁ ତତ୍ପରତା ସହ ବିଚାର କରାଯାଉଥିବା ନୀତି ଆୟୋଗ ସଦସ୍ୟ ତଥା ଭାକ୍ସିନ ଟାସ୍କଫୋର୍ସର ମୁଖ୍ୟ ଡ. ଭି.କେ. ପଲ୍ କହିଛନ୍ତି। ବର୍ତ୍ତମାନ କୋଭିଶିଲ୍ଡ ଏବଂ କୋଭାକ୍ସିନ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବାବେଳେ ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ ଭି'ର ପରୀକ୍ଷା ଚଳିତ ମାସରୁ ଆରମ୍ଭ ହେବ।

### ୨୫୦ ଟଙ୍କାରେ ଯୋଗାଇବ ସେରମ୍

ବେଙ୍ଗାଲୁରୁ, ୮।୧୨



ବିଶ୍ୱର ସର୍ବାଧିକ ଟିକା ଉତ୍ପାଦନକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ଏହି କମ୍ପାନୀ ସରକାରଙ୍କୁ ଡୋଜ୍ ପ୍ରତି ୨୫୦ ଟଙ୍କା (୩.୩୯ ଡଲାର)ରେ ଟିକା ଯୋଗାଇଦେବ। ଏହାର କୋଭିଶିଲ୍ଡ ଟିକାର ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ପାଇଁ ଏସ୍ଆଇଆଇ ସୋମବାର ଆବେଦନ କରିଥିଲା। ଭାରତର ଘରୋଇ ବଜାରରେ ଟିକାର ଦାମ୍ ୧୦୦୦ ଟଙ୍କା (୧୩.୫୫ ଡଲାର) ରହିବ ବୋଲି ପୂର୍ବରୁ ଏସ୍ଆଇଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦର ପୁନାୱାଲା କହିଥିଲେ। ତେବେ ସରକାର ବିପୁଳ ପରିମାଣରେ ଟିକା ନେବାକୁ ଥିବାରୁ କମ୍ ଦାମ୍‌ରେ ଯୋଗାଇ ଦିଆଯିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୮୧,୬୪,୨୦୯ | ୧୫,୫୫,୩୨୪ | ୪,୭୨,୨୮,୬୬୮ |
| ଭାରତ | ୯୭,୨୫,୫୨୫ | ୧,୪୧,୨୬୪ | ୯୨,୦୧,୪୪୭ |
| ଓଡ଼ିଶା | ୩,୨୧,୯୧୩ | ୧୭୮୪(+୫୩) | ୩,୧୬,୯୭୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନିଯୁକ୍ତିପତ୍ରରେ ଥିବା ଦସ୍ତଖତର ହେବ ଯାଞ୍ଚ

■ ଆକାଶଙ୍କୁ ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ
■ ଲାବୋରେଟୋରି ପଠାଯିବା ସହ ସତ୍ୟ ସାମ୍ନାକୁ ଆସିବ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଟାଟା ମୋଟର୍ସ କମ୍ପାନୀରେ ଚାକିରି ଦେବା ଆଳରେ ଠକେଇ କରି ଜେଲ ଯାଇଥିବା ଆକାଶ ପାଠକଙ୍କୁ କମିଶନରେଟ ପୋଲିସ ରିମାଣ୍ଡରେ ଆଣିବ। ତାଙ୍କ ଦସ୍ତଖତ ନମୁନାକୁ ଯାଞ୍ଚ ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଯିବା ପରେ ସତ୍ୟ ପଦାକୁ ଆସିବ। ଆପଏଣ୍ଟମେଣ୍ଟ ଲେଟର ବା ନିଯୁକ୍ତିପତ୍ରରେ ଥିବା ଆକାଶଙ୍କ ଦସ୍ତଖତକୁ ମେଳକ କରାଯିବ। ଟାଟା ମୋଟର୍ସ ନାଁରେ ଆକାଶ ବାଣ୍ଟିଥିବା ନିଯୁକ୍ତିପତ୍ରରେ ଥିବା ଦସ୍ତଖତ ସହ ଆକାଶଙ୍କ ଦସ୍ତଖତ ମେଳ କରାଯିବ ବୋଲି ଟ୍ୱିନ୍‌ସିଟି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ସୂଚନା ମୁତାବକ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ନିଜକୁ ଟାଟା ମୋଟର୍ସର ଏମ୍‌ଡି ପରିଚୟ ଦେଇ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଠକିଥିଲେ। ଟାଟାରେ ଚାକିରି କରାଇଦେବା ନାଁରେ କୋଟି କୋଟି ଟଙ୍କା ହରିଲୁଟ୍ କରିଥିବା ନେଇ ଠକାମିର ଶିକାର ଯୁବତୀଯୁବକ ଅଭିଯୋଗ ଆଣିଥିଲେ। ଏନେଇ କମିଶନରେଟ ପୋଲିସ ପକ୍ଷରୁ ଟାଟାକୁ ଚିଠି କରାଯାଇଥିଲା। ମାତ୍ର ଟାଟାରେ ଆକାଶଙ୍କ ନାମରେ କେହି କର୍ମଚାରୀ ନ ଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଫଳରେ ଜାଲିଆତି ହୋଇଥିବା ନେଇ ସନ୍ଦେହ ବଢ଼ିଛି। ଖାରବେଳନଗର ଥାନାରେ ୬୫ଲକ୍ଷ ଟଙ୍କା ଠକେଇକୁ ନେଇ ଆକାଶଙ୍କ ନାମରେ ସ୍କାଏ କିଙ୍ଗ ସଂସ୍ଥା ପକ୍ଷରୁ ଅଭିଯୋଗ ପରେ କମିଶନରେଟ ପୋଲିସ ମାମଲାର ତଦନ୍ତ ଚଳାଇଛି। ଏହି ଠକେଇ ମାମଲାରେ ସମ୍ପୃକ୍ତି ନେଇ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ନାମ ଯୋଡ଼ି ହୋଇଥିଲା। ଟାଟା ମୋଟର୍ସ ପକ୍ଷରୁ କରାଯାଇଥିବା ଅଭିଯୋଗ ମୁତାବକ ଆକାଶ ଗିରଫ ହୋଇଛନ୍ତି। ଏଥିସହ ଭାବି ଜ୍ୱାଇଁ ଆକାଶଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ସହ ଠକେଇରେ ଶ୍ୱଶୁର ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ହାତରେ ପ୍ରମାଣ ଲାଗିବାପରେ ପ୍ରଦୀପଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଆକାଶ ଓ ପ୍ରଦୀପଙ୍କ ଆକାଉଣ୍ଟ ଭିତରେ କୋଟି କୋଟି ଟଙ୍କା କାରବାର ହୋଇଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବେ ଘଟଣାର ତଦନ୍ତ କରୁଛି। ପ୍ରଦୀପଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିବା ଲୋକଙ୍କୁ ଇଡି ପକ୍ଷରୁ ଜେରା କରାଯାଉଛି। ଏଥିସହ ଭିଜିଲାନ୍ସ ବିହାର ପାଟଣା ଅଞ୍ଚଳରେ ଅଭୟଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ପଚରା ଉଚରା କରିବା ସହ ବେନାମୀ ସମ୍ପତ୍ତିକୁ ଚିହ୍ନଟ କରୁଛି।

## ସ୍ପଷ୍ଟୀକରଣ

ଧରିତ୍ରୀର ୮ ଡିସେମ୍ବର ସଂସ୍କରଣର ପୃଷ୍ଠା-୩ ରେ 'ଜବାବୀ ସତ୍ୟପାଠ ଦାଖଲ କଲା ଘରୋଇ ସ୍କୁଲ ସଂଘ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରରେ ଅଭିଭାବକ ମହାସଂଘ ସତ୍ୟପାଠ ଦାଖଲ କଲା ପରିବର୍ତ୍ତେ ଭୁଲ୍‌ବଶତଃ ଘରୋଇ ସ୍କୁଲ ସଂଘ ବୋଲି ଉଲ୍ଲେଖ କରାଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

# ଅନିଶ୍ଚିତତାରେ ପୋଲାଭରମ୍ ପ୍ରକଳ୍ପ ମାମଲା

ନୂଆଦିଲ୍ଲୀ, ୮।୧୨

ଇନ୍ଦିରାସାଗର ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ୨୦୨୧ ଡିସେମ୍ବରରେ ଶେଷ ହେବ ବୋଲି ଆନ୍ଧ୍ରପ୍ରଦେଶ ସରକାର ଘୋଷଣା କରିଛି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟରେ ପୋଲାଭରମ ମାମଲା ଶୀଘ୍ର ଶୁଣାଣି ତାଲିକାରେ ସ୍ଥାନିତ କରିବାରେ ଓଡ଼ିଶା ବିଫଳ ହୋଇଥିବାରୁ ଏହି ମାମଲାର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ଚଳିତ ବର୍ଷ ଫେବୃୟାରୀରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କୁ ପ୍ରତିପକ୍ଷଙ୍କ କାଉଣ୍ଟର ଆଫିଡେଭିଟ୍‌ର ଜବାବ ସତ୍ୟପାଠ ମାଧ୍ୟମରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତା' ପରଠାରୁ ଉକ୍ତ ମାମଲାର ଆଉ ଶୁଣାଣି ହୋଇନାହିଁ। ଆନ୍ଧ୍ର ସରକାର ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଉଥିବାରୁ ଆଇନ ଦୃଷ୍ଟିରୁ ଓଡ଼ିଶା ଏହାର ଶୀଘ୍ର ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ମଧ୍ୟବର୍ତ୍ତୀ ଆବେଦନ କରିପାରିବ। ତେବେ ରାଜ୍ୟ ପକ୍ଷରୁ ଏନେଇ ଆବେଦନ କରାଯାଇ ନାହିଁ।

ନଭେମ୍ବର ୧୭ରେ ଆନ୍ଧ୍ର ଜଳ ସମ୍ପଦ ମନ୍ତ୍ରୀ ପି. ଅନିଲ୍ କୁମାର ନିର୍ମାଣସ୍ଥଳ ପରିଦର୍ଶନ କରିବା ସହ ୨୦୨୧ ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ। ବନ୍ଧ ଯୋଗୁ ବିଭିନ୍ନ ବୁଡ଼ି ଅଞ୍ଚଳରେ ଏହାର କିପରି ପ୍ରଭାବ ପଡ଼ିବ, ତାହା ଅନୁଧ୍ୟାନ କରା ନ ଯାଇ ଏବଂ ପରିବେଶ ମଞ୍ଜୁରୀ ବିନା ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏନେଇ ଓଡ଼ିଶା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛି। ପୋଲାଭରମ ବନ୍ଧ ହେଲେ ଓଡ଼ିଶାର ଅନେକ ଆଦିବାସୀ ଘର ଓ ଜମି ହରାଇବେ।

ଆନ୍ଧ୍ର ସରକାର ପ୍ରକଳ୍ପର ପରିସର ୩୬ ଲକ୍ଷ କ୍ୟୁସେକ୍‌ରୁ ୫୦ ଲକ୍ଷ କ୍ୟୁସେକ୍‌କୁ ବଢ଼ାଇଥିବା ଓଡ଼ିଶା ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଥିଲା। ଏହାଦ୍ୱାରା ରାଜ୍ୟର ବ୍ୟାପକ ଅଞ୍ଚଳ ବନ୍ୟା ପ୍ଲାବିତ ହେବ ବୋଲି ସରକାର ଜଣାଇଥିଲେ। କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ୨୦୦୯ ଜାନୁୟାରୀରେ ଆନ୍ଧ୍ର ସରକାରଙ୍କୁ ପତ୍ର ଲେଖି ସାନି ପରିବେଶ ମଞ୍ଜୁରୀ ହାସଲ କରିବାକୁ କହିଥିଲେ। ଆନ୍ଧ୍ର ଏପର୍ଯ୍ୟନ୍ତ ତାହା ପାଇନାହିଁ। ୨୦୧୧ରେ ମନ୍ତ୍ରଣାଳୟ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ କହିଥିଲା। ୨୦୧୩ ଏପ୍ରିଲରେ ମନ୍ତ୍ରଣାଳୟ ତାଙ୍କ ପୂର୍ବ ନିର୍ଦ୍ଦେଶକୁ ୬ ମାସ ପାଇଁ ସ୍ଥଗିତ ରଖିଲେ ଓ ତାହା ବର୍ଷ ପରେ ବର୍ଷ ସେହିପରି ସ୍ଥଗିତ ହୋଇ ରହିଛି। ଆନ୍ଧ୍ର ସରକାରଙ୍କ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ନିଷ୍ପତ୍ତି ବିରୋଧରେ ଓଡ଼ିଶା ସରକାର ୨୦୦୭ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

## କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ, ସଚିବଙ୍କ ବିରୋଧରେ ଏତଲା

### ୱେବ୍‌ସାଇଟ୍‌ରେ ଶ୍ରୀମନ୍ଦିରର ଭୁଲ୍ ଚିତ୍ର

**ପୁରୀ ଅଫିସ,୮।୧୨:** କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଶ୍ରୀମନ୍ଦିର ସମ୍ପର୍କରେ ଭୁଲ୍ ତଥ୍ୟ ପ୍ରଦାନ କରାଯାଇଛି। ଶ୍ରୀମନ୍ଦିରକୁ ଏଥିରେ ଭୁଲ୍ ଚିତ୍ରଣ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ଚିତ୍ର ପରିବର୍ତ୍ତେ ଏଥିରେ ବାଲେଶ୍ୱରର ଇମାମୀ ଜଗନ୍ନାଥ ମନ୍ଦିରର ଫଟୋ ଦିଆଯାଇଛି। ଏ ନେଇ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦାଏର କରାଯାଇଛି। ପୁରୀ ଜିଲା ଯୁବ ଅଧିବକ୍ତା ସଂଘର ଅନିଲ କୁମାର ସାହୁ ଏହି ଏତଲା ଦାଏର କରିଛନ୍ତି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନ ଇନ୍‌କ୍ରେଡିବଲ୍ ଇଣ୍ଡିଆରେ ଭାରତ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଜ୍ଞାପନ ଦିଆଯାଇଥାଏ। ଏହାର ୟୁଟ୍ୟୁବ୍‌ରେ ବିଭିନ୍ନ ଐତିହାସିକ ସ୍ଥାନ ରହିଛି। ଏଥିରେ ଶ୍ରୀମନ୍ଦିରର ଭୁଲ୍ ଫଟୋ ସ୍ଥାନିତ ହୋଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କ ସମେତ ଇନ୍‌କ୍ରେଡିବଲ୍ ଇଣ୍ଡିଆ ସଂସ୍ଥା ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଏତଲାରେ ନିବେଦନ କରାଯାଇଛି।

# ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା କଂଗ୍ରେସ

### ରାୟଗଡ଼ାରୁ ରତ୍ନପଥର ଜବତ ଘଟଣା

ରାୟଗଡ଼ା ଅଫିସ,୮।୧୨

ରାୟଗଡ଼ା ସହରରୁ ସୋମବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରତ୍ନପଥର ଜବତ ଘଟଣା ଭିନ୍ନମୋଡ଼ ନେଉଛି। ଚୋରାଚାଲାଣ ଘଟଣାରେ ବିଜେଡିର ଲିଙ୍କ୍ ରହିଥିବା ମଙ୍ଗଳବାର ରାୟଗଡ଼ା ଜିଲା କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାର ତଦନ୍ତ କରି ମନ୍ତ୍ରୀଙ୍କୁ ବହିଷ୍କାର ନିମନ୍ତେ ଦଳ ଦାବି କରିଛି।

ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ଏହି ଦାବି କରିଛି। ସୂଚନାଯୋଗ୍ୟ, ପୋଲିସ ସହାୟତାରେ ଏସ୍‌ଟିଏଫ୍ ସୋମବାର ସହରରୁ ୧୫୧ କେଜି ରତ୍ନପଥର ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅମ୍ବାଦଳା ଥାନା ଅଧୀନ ବିଜାବନ୍ଧାଲି ଗ୍ରାମର ଜିତେନ୍ଦ୍ର କୁମାର ବେହେରାଙ୍କୁ ଟାଉନ୍ ଥାନାରେ ଅଟକ ରଖାଯାଇଛି। ତେବେ ଜିତେନ୍ଦ୍ରଙ୍କୁ ପୋଲିସ ଉଠାଇନେବା ପରେ ବିଜେଡିର ମନ୍ତ୍ରୀ ଓ ଅନେକ ତୁଙ୍ଗନେତାଙ୍କ ସହ ତାଙ୍କର ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେଣୁ ଶାସକ ଦଳର କେତେଜଣ ମନ୍ତ୍ରୀ, ନେତା ଓ ବିଧାୟକଙ୍କ ଛତ୍ରଛାୟା ତଳେ ରହି ଏସବୁ ବେଆଇନ କାର୍ଯ୍ୟ ଚାଲିଥିବା କଂଗ୍ରେସ ଅଭିଯୋଗ ଆଣିଛି। ଏହି ଘଟଣାରେ କଂଗ୍ରେସ ସିଧାସଳଖ ଅନୁସୂଚିତ ଜାତି, ଜନଜାତି ଓ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଟାର୍ଗେଟ କରିଛି। ଅଭିଯୁକ୍ତଙ୍କର ମନ୍ତ୍ରୀଙ୍କ ସହ ଘନିଷ୍ଠତା ରହିଛି ବୋଲି କୁହାଯାଇଛି। ତେଣୁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉ ବୋଲି ଦଳ ଦାବି କରିଛି। ମନ୍ତ୍ରୀ ସାରକାଙ୍କ ବ୍ୟତୀତ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ରମେଶ ମାଝି, ପଦ୍ମନାଭ ବେହେରା, ସୁଦାମ ମାରାଣ୍ଡି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା ଏବଂ ନିକଟରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସହ ଜିତେନ୍ଦ୍ରଙ୍କ ଘନିଷ୍ଠତା ରହିଥିବା ଅଭିଯୋଗ ହୋଇଛି। ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଥିବା ମନ୍ତ୍ରୀ ଓ ବିଧାୟକମାନଙ୍କୁ ଦଳରୁ ବହିଷ୍କାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଏହା ନ ହେଲେ ଦଳ ରାଜରାସ୍ତାକୁ ଆସିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଅଭିଯୋଗକୁ ନେଇ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ସେ କହିଛନ୍ତି, ବିରୋଧି ଦଳ ଅଭିଯୋଗ କରିବେ। କିନ୍ତୁ ଘଟଣାର ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ରାଉରକେଲା ଭିତ୍ତିକ କମ୍ପାନୀ ଉପରେ ଆଇଟି ଚଢ଼ାଉ

**ନୂଆଦିଲ୍ଲୀ,୮।୧୨:** ଓଡିଶାର ରାଉରକେଲା ସ୍ଥିତ ଏକ ଷ୍ଟିଲ ପ୍ରଡକ୍ଟ ନିର୍ମାଣ କରୁଥିବା କମ୍ପାନୀ ଉପରେ ଆୟକର ବିଭାଗ(ଆଇଟି) ପକ୍ଷରୁ ଚଢାଉ କରାଯାଇଛି। ୧୭ ଜାଲ କମ୍ପାନୀ ନାମରେ ପ୍ରାୟ ୧୭୦ କୋଟି ଟଙ୍କାର ଜାଲ କ୍ରୟ ବୁକିଂ କରାଯାଇଥିବା ଅଭିଯୋଗ ଆସିଛି। ଏଭଳି କୌଣସି କାରବାର କରି ନ ଥିବା ସମ୍ପୃକ୍ତ ସଂସ୍ଥାଗୁଡିକ କହିଛନ୍ତି। ଜାଲ କମ୍ପାନୀ ନାମରେ ୧୭୦ କୋଟି ଟଙ୍କାର ନଗଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟରୁ ଉଠାଯାଇଥିବା ଜଣାପଡିଛି। ମାତ୍ର ଜାଲ କମ୍ପାନୀଗୁଡିକର ନିର୍ଦ୍ଦେଶକ ଏବଂ ପ୍ରୋପାଇଟରମାନେ ଅର୍ଥନୈତିକ ଦୁର୍ବଳ ବର୍ଗ କିମ୍ବା ଦିନ ମଜୁରିଆ ହୋଇଥିବା ତଦନ୍ତରୁ ସାମ୍ନାକୁ ଆସିଛି।






**ଆଜିର ମନ୍ତବ୍ୟ**

"କୃଷି ସେକ୍ଟରରେ ସଂସ୍କାରକୁ କଂଗ୍ରେସ ବିରୋଧ କରେନି। କିନ୍ତୁ ନୂଆ କୃଷି ଆଇନରେ ସଂସ୍କାର ପ୍ରତିଫଳିତ ହେଉନାହିଁ।
– ଭୂପିନ୍ଦର ସିଂ ହୁଡା, କଂଗ୍ରେସ ନେତା


ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିବାହ ପୂର୍ବରୁ ପୁଅ ଘରେ ବୁଲିଲା କଳାକନା

## ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ସଶସ୍ତ୍ର ଡକାୟତି

**କାମାକ୍ଷାନଗର,୮।୧୨(ଡି.ଏନ୍.ଏ.):** ସରିଥିଲା ନିର୍ବନ୍ଧ। ୧୧ ତାରିଖରେ ପଡ଼ିଥାଆନ୍ତା ହାତଗଣ୍ଠି। ଏଥିଲାଗି ଜୋର୍‌ସୋରରେ ଚାଲିଥିଲା ପ୍ରସ୍ତୁତି। ନବବଧୂଙ୍କ ପାଇଁ କିଣା ସରିଥିଲା ଗହଣାଗାଣ୍ଠି। ଭୋଜିଭାତରେ ଖର୍ଚ୍ଚ ଲାଗି ରଖାଯାଇଥିଲା ଲକ୍ଷାଧିକ ଟଙ୍କା। ହେଲେ ବିଳମ୍ବିତ ରାତିରେ ସବୁ ସାରିଦେଲେ ଡକାୟତ ଦଳ। ରାତିଅଧିଆ ଘରେ ପଶି ବନ୍ଧୁକ, ମାରଣାସ୍ତ୍ର ମୁନରେ ପରିବାର ଲୋକଙ୍କୁ ଭୟଭୀତ କରାଇ ଲୁଟିନେଲେ ସବୁକିଛି। ବାହା ଘରକୁ ମଝିରେ ଦିନଟେ ଥିବାବେଳେ ସର୍ବସ୍ୱ ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି ବର ପରିବାର। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ସରଦେଈପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଲୋମଟାଙ୍କୁରା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଲୁଟ୍‌ର ଶିକାର ହୋଇଥିବା ପ୍ରମୋଦ ଶତପଥୀ ଜଣେ ଅବସରପ୍ରାପ୍ତ ଶିକ୍ଷକ। ୧୧ ତାରିଖରେ ପୁଅ ବାହାଘର ଥିବାରୁ ସେ ଘରେ ନଗଦ ଲକ୍ଷେ ଟଙ୍କା ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା କିଣି ରଖିଥିଲେ। ବିଳମ୍ବିତ ରାତିରେ ୧୦ରୁ ୧୨ଜଣ ଦୁର୍ବୃତ୍ତ ପିସ୍ତଲ ଏବଂ ଅନ୍ୟ ମାରଣାସ୍ତ୍ର ଧରି ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ଏହାପରେ ପରିବାର ସଦସ୍ୟଙ୍କୁ ଭୟଭୀତ କରାଇ ଲୁଟ୍‌ପାଟ ଆରମ୍ଭ କରିଦେଇଥିଲେ। ଆଲମିରାରେ ରଖାଯାଇଥିବା ଟଙ୍କା, ସୁନାଗହଣା ନେଇ ଚମ୍ପଟ୍ ମାରିଥିଲେ। ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରମୋଦଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୪୦୫/୨୦ରେ ଏକ ମାମଲା ରୁଜୁ ହୋଇଛି।

କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଯୋଜନାବଦ୍ଧ ଭାବେ ଏହି ଲୁଟ୍ ହୋଇଛି। ଏଥିରେ କେତେଜଣ ଜାଣିବା ଶୁଣିବା ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ।

## ପ୍ରଥମ ପୃଷ୍ଠାରୁ...

### ଚାଷୀଙ୍କୁ...

ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ବନ୍ଦ ପାଳନରେ ସାମିଲ ହୋଇ ଶୋଭାଯାତ୍ରା, ରେଳରୋକୋ ଓ ପିକେଟିଂ କରିଥିଲେ। ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବନ୍ଦ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା। ସଂଯୁକ୍ତ କୃଷକ ମୋର୍ଚ୍ଚା ଏବଂ ଅଖିଳ ଭାରତ କୃଷକ ସମନ୍ୱୟ ସମିତି ପକ୍ଷରୁ ଆହୂତ ଭାରତ ବନ୍ଦ ସଫଳ ହୋଇଛି ବୋଲି କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ଶାଖା ପକ୍ଷରୁ କୁହାଯାଇଛି। ରାଜ୍ୟର ୧୬ଟି ପ୍ରମୁଖ କୃଷକ ସଂଗଠନଗୁଡ଼ିକୁ ନେଇ ଗଠିତ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ଶାଖା ରାଜ୍ୟରେ ବନ୍ଦ ଡାକରାକୁ ସଂଯୋଜନା କରି କାର୍ଯ୍ୟ କରିଥିଲା। ଏହି ବନ୍ଦକୁ ୧୫ଟି ରାଜନୈତିକ ଦଳ, ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ ଫେଡେରେଶନ, ବିଭିନ୍ନ ଶ୍ରମିକ କର୍ମଚାରୀ, ଛାତ୍ର, ଯୁବ, ମହିଳା ଏବଂ କୃଷି ସଂଗଠନ ଏହାକୁ ସମର୍ଥନ ଜଣାଇ ପ୍ରତିବାଦ କରିବା ସହ ରାସ୍ତାକୁ ଓହ୍ଲାଇଥିଲେ।

ଭୁବନେଶ୍ୱରରେ ସଂଗଠନର କର୍ମକର୍ତ୍ତା ରେଳଷ୍ଟେଶନ, ମାଷ୍ଟରକ୍ୟାଣ୍ଟିନ, ଜୟଦେବ ବିହାର, ଖଣ୍ଡଗିରି, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଜାତୀୟ ରାଜପଥରେ ବିକ୍ଷୋଭ କରିବା ବେଳେ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତା ମୋଟରସାଇକେଲ ଶୋଭାଯାତ୍ରା କରି ସହରରେ ଦୋକାନ ବଜାର ବନ୍ଦ କରିଥିଲେ। ଭୁବନେଶ୍ୱରରେ ଏହି ଆନ୍ଦୋଳନରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ଆବାହକ ଶେଷଦେବ ନନ୍ଦ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର, ପ୍ରଭାତ ପାଣିଗ୍ରାହୀ, ଆଦିବାସୀ ନେତା ସାଲ ମାର୍ଣ୍ଡି, ରାଜ୍ୟ କିଷାନ କଂଗ୍ରେସ ନେତା ଅମିୟ ପଟ୍ଟନାୟକ, ଅଗ୍ରଗାମୀ କୃଷକ ସଭାର ରାଜ୍ୟ ଉପଦେଷ୍ଟା ଜ୍ୟୋତି ରଞ୍ଜନ ସାହୁ, ଏଆଇକେକେଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ରଘୁନାଥ ଦାସ, ଇନ୍‌ସାଫର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଆନ୍ଦୋଳନରେ ଅଂଶଗ୍ରହଣ କରି ଗିରଫ ହୋଇଥିଲେ। ସେହିପରି ବିଭିନ୍ନ ରାଜନୈତିକ ଦଳ ତରଫରୁ ସୁରେଶ କୁମାର ରାଉତରାୟ, ପଞ୍ଚାନନ କାନୁନ୍‌ଗୋ, ଅଳି କିଶୋର ପଟ୍ଟନାୟକ, ଆଶିଷ କାନୁନ୍‌ଗୋ, ଯୁଧିଷ୍ଠିର ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଶିବାନନ୍ଦ ରାୟ, ଜନାର୍ଦ୍ଦନ ପତି, ରାମକୃଷ୍ଣ ପଣ୍ଡା, ରାମଚନ୍ଦ୍ର ଖୁଣ୍ଟିଆ, ବୀରେନ୍ଦ୍ର ପ୍ରତାପ ଦାସ, ରାଧାକାନ୍ତ ସେଠୀ, କିଶୋର ଜେନା, ମହେନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କୃଷି ଆଇନକୁ ବିରୋଧ କରି ଗିରଫ ହୋଇଥିଲେ।

ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, କଟକ, ସମ୍ବଲପୁର, ସୋନପୁର, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଆଦି ଜିଲାରେ ବନ୍ଦ ପାଳନ କରିଥିଲେ। ବରଗଡ଼ରେ ପଶ୍ଚିମ ଓଡ଼ିଶା କୃଷକ ସଂଘର୍ଷ ସମନ୍ୱୟ ସମିତି, ସମ୍ବଲପୁରରେ ଆଇକେଏସ, ଅନୁଗୋଳରେ ଓଡ଼ିଶା କୃଷକ ସଭା, ପୁରୀରେ ଅଖିଳ ଭାରତ କୃଷକ ମହାସଭାର କର୍ମକର୍ତ୍ତା ବନ୍ଦରେ ସାମିଲ ହୋଇ ରାସ୍ତା, ରେଳରୋକୋ କରିବା ସହ ଧାରଣା ଦେଇଥିଲେ। କେନ୍ଦ୍ର ସରକାର ୩ଟି କୃଷି ଆଇନକୁ ପ୍ରତ୍ୟାହାର ନ କରିବା ଯାଏ କୃଷକ ଆନ୍ଦୋଳନ ଓଡ଼ିଶାରେ ଜାରି ରହିବ ବୋଲି କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ଶାଖା ତରଫରୁ ସୁରେଶ ପାଣିଗ୍ରାହୀ କହିଛନ୍ତି।

### 'କେଜ୍‌ରିୱାଲଙ୍କୁ...

କାହାକୁ ଯିବାକୁ ଦିଆଯାଉ ନାହିଁ। ଏପରି କି ଦଳୀୟ ବିଧାୟକ ଓ ନେତା ସେଠାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ମାଡ଼ ମାରି ରାସ୍ତାକୁ ଫିଙ୍ଗିଦେଇଛି। ଅନ୍ୟପକ୍ଷେ ଏହି ଅଭିଯୋଗକୁ ଦିଲ୍ଲୀ ପୋଲିସ ଖଣ୍ଡନ କରିଛି। ଏଏପି କର୍ମୀଙ୍କ ସହ ଅନ୍ୟ ଦଳର ନେତାଙ୍କ ସମ୍ଭାବ୍ୟ ସଂଘର୍ଷକୁ ଏଡ଼ାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଏହାକୁ ହଟାଯାଇଛି ବୋଲି ଦିଲ୍ଲୀ ପୋଲିସ କହିଛି। ଅନ୍ୟପକ୍ଷେ ଏଏପି ମିଛ କହୁଥିବା ଭାଜପା ସମାଲୋଚନା କରିଛି।

### ପତ୍ରକୁ ଅସ୍ତ୍ର...

୨୦୧୦ ଅଗଷ୍ଟ ୧୧ରେ ଏପିଏମ୍‌ସିକୁ ନେଇ ତତ୍କାଳୀନ କୃଷିମନ୍ତ୍ରୀ ପାୱାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଥିଲେ। ଏହାକୁ ନେଇ ସେ ଓ ବିରୋଧୀ ଦଳଗୁଡ଼ିକ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି ଭାଜପା ଅଭିଯୋଗ ଆଣିଛି। ଏହାର ଜବାବରେ ପାୱାର କହିଛନ୍ତି, ଉକ୍ତ ଚିଠିରେ କେବଳ ଘରୋଇ କ୍ଷେତ୍ରର ଯୋଗଦାନକୁ ଅନୁମତି ଦେବା ପାଇଁ ଏପିଏମ୍‌ସି ଆଇନରେ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ। ନୂଆ କୃଷି ଆଇନ ଆଣିବା ନେଇ ଲେଖି ନ ଥିଲେ। ଭାଜପା ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସେହି ପତ୍ରକୁ ଅସ୍ତ୍ର କରୁଛି।

### ଆଜି କ୍ୟାବିନେଟ...

ବୈଠକରେ ଯୋଗ ଦେବାକୁ ମଙ୍ଗଳବାର ମନ୍ତ୍ରୀମାନଙ୍କୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ଲିଙ୍ଗରାଜ ମନ୍ଦିର ଚିଠା ଆଇନକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ଏଥିସହିତ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଇସ୍ପାତ ଓ ଖଣି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆଦି ବିଭାଗର ୭ରୁ ୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ। ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନଫରେନ୍ସ ଜରିଆରେ ବୈଠକରେ ଅଧ୍ୟକ୍ଷତା କରିବେ। ମନ୍ତ୍ରୀମାନେ ନିଜ ଜିଲାରୁ ଓ ଭୁବନେଶ୍ୱରରେ ଥିବା ମନ୍ତ୍ରୀମାନେ ଲୋକସେବା ଭବନରୁ ଯୋଗଦେବେ।

### 'ହଁ କି ନା...

ରାକେଶ ଟିକାଏତ୍ ସାମିଲ ଅଛନ୍ତି। ପ୍ରଥମେ ଶାହାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାତି ୭ଟାରେ ବୈଠକ ପାଇଁ ଆୟୋଜନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁସା ଏରିଆକୁ ବୈଠକ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଆଲୋଚନାର ନିଷ୍କର୍ଷ ଜଣାପଡ଼ିନାହିଁ।

### କଟ୍‌ନୀ ଆଳରେ...

ଚାଷୀକୁଳ ଆଶଙ୍କା ପ୍ରକାଶ କରିଛନ୍ତି।

ଚାଷୀମାନେ ଅଭିଯୋଗ କରୁଛନ୍ତି ଯେ, ଗୁଣବତ୍ତାର ସମସ୍ତ ମାପଦଣ୍ଡ ପୂରଣ କରୁଥିବା ଧାନ ମଣ୍ଡିକୁ ଆସିଲେ ମଧ୍ୟ ବସ୍ତା (୭୫ କିଗ୍ରା) ପ୍ରତି ୧ରୁ ୨କିଗ୍ରା ଲେଖାଏ କଟ୍‌ନୀଛଟ୍‌ନୀ କରାଯାଉଛି। ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ, ମଣ୍ଡିରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଧାନର ଗୁଣମାନ ନିର୍ଦ୍ଧାରଣ ହେବା କଥା, କିନ୍ତୁ ତାହା କରାଯାଉ ନାହିଁ। ମଣ୍ଡିଗୁଡ଼ିକରେ ମିଲର୍ସ କିମ୍ବା ସେମାନଙ୍କ ଏଜେଣ୍ଟ ଗୁଣମାନ ପରୀକ୍ଷା କରୁଛନ୍ତି। ସେହିପରି ମଣ୍ଡିରେ ଧାନ ପହଞ୍ଚିବା ପରେ ସେଠାରେ ତାହା ଶୁଖାଇବା ବିଧି ଥିବାବେଳେ ତାହା ମଧ୍ୟ କରାଯାଉନାହିଁ। ଏଥିପାଇଁ ଚାଷୀ ଶୋଷଣର ଶିକାର ହେଉଛି। ବରଗଡ଼ ଜିଲା ଗାଇସୀମାର ଚାଷୀ ନିରଞ୍ଜନ ପ୍ରଧାନ କୁହନ୍ତି, ୧୭ ପ୍ରତିଶତ ପର୍ଯ୍ୟନ୍ତ ଆର୍ଦ୍ରତା ରହିଲେ କଟ୍‌ନୀଛଟ୍‌ନୀ ହେବ ନାହିଁ ବୋଲି ସରକାର ନିର୍ଦ୍ଧାରଣ କରିଛନ୍ତି। ଆର୍ଦ୍ରତା ପରିମାଣ ୧୭ ପ୍ରତିଶତରୁ ଅଧିକ ହେଲେ କୁଇଣ୍ଟାଲ ପ୍ରତି ୧ କିଗ୍ରା ଧାନ କାଟିବାକୁ ସରକାର ନିୟମ କରିଛନ୍ତି। କିନ୍ତୁ ଚାଷୀଙ୍କୁ ଭୁଆଁ ବୁଲାଇ ୧ କୁଇଣ୍ଟାଲ ବଦଳରେ ୧ବସ୍ତା (୭୫କିଗ୍ରା) ପ୍ରତି ୧କିଗ୍ରା ଧାନ କାଟଛାଣ୍ଟ କରାଯାଉଛି ଏବଂ ଏଥିପାଇଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଉଭୟ ମଣ୍ଡି ଓ ମିଲ୍‌ରେ କଟ୍‌ନୀଛଟ୍‌ନୀ ଚାଲିଛି। ମିଲର୍ସମାନେ ଆର୍ଦ୍ରତା ଆଳ ଦେଖାଇ ଧାନ ଉଠାଉ ନାହାନ୍ତି। ଫଳରେ ଚାଷୀ ଶେଷ ମୁହୂର୍ତ୍ତରେ କମ୍ ଦରରେ ମିଲର୍ସ, ଧାନକ୍ରୟ ସଂସ୍ଥା ପାଖରେ ନିଜ ଧାନକୁ ବିକ୍ରି କରୁଛନ୍ତି। ବରଗଡ଼ ଜିଲା ସରକଣ୍ଡାର ଚାଷୀ ହର ବଣିଆ କୁହନ୍ତି, ଧାନ ଉଠାଣ ଏବଂ କଷ୍ଟମ ମିଲିଂ ଆଧାରରେ ଚାଉଳ ଦେବା ବ୍ୟତୀତ ଧାନ କିଣାବିକାରେ ମିଲର୍ସଙ୍କ ଅନ୍ୟ କୌଣସି ଭୂମିକା ନାହିଁ। କିନ୍ତୁ ମିଲର୍ସଙ୍କ ଏଜେଣ୍ଟମାନେ ମଣ୍ଡିରେ ପହଞ୍ଚି ଧାନ ଓଜନଠାରୁ ଆରମ୍ଭ କରି ମାନ ନିର୍ଦ୍ଧାରଣ ଏବଂ କଟ୍‌ନୀଛଟ୍‌ନୀ କରୁଛନ୍ତି। ଆମ ସରକଣ୍ଡା ମଣ୍ଡିରେ ଏଭଳି ୫/୬ଜଣ ଚାଷୀଙ୍କ ଧାନରୁ ବସ୍ତା ପ୍ରତି ୨କିଗ୍ରା ଲେଖାଏଁ କଟାଯାଇଛି। ସେହିପରି ମଣ୍ଡିକୁ ଧାନ ନ ଆସି ସିଧାସଳଖ ରାଇସ୍ ମିଲ୍‌କୁ ଯାଉଛି ଏବଂ ମନଇଚ୍ଛା ମିଲର୍ସମାନେ ଧାନ କଟ୍‌ନୀଛଟ୍‌ନୀ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ। ଚାଷୀଙ୍କୁ ଏଭଳି ଲୁଟ୍ କରାଯାଉଥିଲେ ମଧ୍ୟ ସରକାରୀ କଳ ଚୁପ୍ ରହିଛନ୍ତି।


ନିରଞ୍ଜନ ପ୍ରଧାନ


ହର ବଣିଆ

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ କୁହନ୍ତି ଯେ, ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ଧାନ କିଣୁଛି। ଫଳରେ ଧାନର ଗୁଣମାନ ତଥା ଏଫ୍ଏକ୍ୟୁ ନିର୍ଦ୍ଧାରଣ ସମ୍ପୃକ୍ତ ବିଭାଗର ଉପସ୍ଥିତିରେ ହେବା ଦରକାର। ମାତ୍ର ସେଥିରେ ବାସ୍ତବତା ରହୁ ନ ଥିବା ପରିଲକ୍ଷିତ ହେଉଛି। ମଣ୍ଡି ବଦଳରେ ଯେଉଁ ଧାନ ସିଧାସଳଖ ମିଲର୍ସଙ୍କ ପାଖରେ ପହଞ୍ଚୁଛି, ସେଭଳି ସ୍ଥଳେ ମିଲର୍ସଙ୍କ ମର୍ଜିରେ କଟ୍‌ନୀଛଟ୍‌ନୀ ହେଉଛି ଏବଂ ଚାଷୀ ଶୋଷଣର ଶିକାର ହେଉଛନ୍ତି। ବରଗଡ଼ ଜିଲାର ମିଲ୍ ମାଲିକ ରାଜୁ ଶର୍ମା କୁହନ୍ତି, ଚାଉଳର ଗୁଣବତ୍ତା ଠିକ୍ ନ ରହିଲେ ଏଫ୍‌ସିଆଇ ମିଲର୍ସଙ୍କ ପାଖରୁ ତାହା ନେବ ନାହିଁ। ଭଲ ଗୁଣବତ୍ତାର ଚାଉଳ ପାଇଁ ଠିକ୍ ଗୁଣମାନର ଧାନ ମଧ୍ୟ ଦରକାର। ଫଳରେ ଧାନର ଗୁଣମାନ ପରୀକ୍ଷା କରାଯିବା ଜରୁରୀ।


ଲିଙ୍ଗରାଜ


ରାଜୁ ଶର୍ମା

ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, କଟ୍‌ନୀଛଟ୍‌ନୀ କରି ଚାଷୀଙ୍କୁ ଶୋଷଣ କରାଯାଉଥିବା ନେଇ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ। ଅଭିଯୋଗ ମିଳିଲେ ସେ ଦିଗରେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମକ୍ଷେତ୍ରରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ପାରିବାରିକ କ୍ଷେତ୍ରରେ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ବନ୍ଧୁଙ୍କ ନିକଟରୁ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ** ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ଏଣେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡିପାରେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ।

**ମିଥୁନ** ସରଳ ସ୍ୱଭାବ ହେତୁ ଅନ୍ୟମାନଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ବ୍ୟବସାୟରେ ଶାଖା ପ୍ରଶାଖା ବଢ଼ିବାର ପ୍ରଯତ୍ନ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ ଓ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ମାତ୍ର ସମସ୍ୟା ଛାଡିବ ନାହିଁ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** ପରିବାରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁମିଳନ ହେତୁ ମନ ପ୍ରଫୁଲ୍ଲ ରହିବ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କନ୍ୟା** ଆର୍ଥିକ ସମସ୍ୟା ସୁଧୁରିବ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଚିନ୍ତା କରିଥିବା କାମଗୁଡିକ ଠିକ୍‌ଭାବେ ସମ୍ପନ୍ନ ହେବନାହିଁ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଚିତ୍ରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ।

**ତୁଳା** ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରୁ ମଉଜ ମଜଲିସ୍ ପାଇଁ ମନ ବଳିବ। ବିଶାଖା ନକ୍ଷତ୍ର ଦ୍ୱନ୍ଦ୍ୱରେ ପଡି ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁନଶ୍ଚ କାର୍ଯ୍ୟବ୍ୟସ୍ତ ଯୋଗୁଁ ଖାଦ୍ୟପେୟ ମଧ୍ୟ ଠିକ୍ ରହିବ ନାହିଁ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ନିନ୍ଦିତ ହେବେ। କୌଣସି ବନ୍ଧୁ ଧୋକା ଦେଇ ପାରନ୍ତି କିମ୍ବା ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଅଭାବ ସୁଧାରିବା ପରିପ୍ରେକ୍ଷୀରେ ଜଣେ ପଡୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ଆଜି ସମସ୍ତ ପ୍ରକାର ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟିହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ମୂଳା ନକ୍ଷତ୍ର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଶାନ୍ତିରେ ନିଃଶ୍ୱାସ ମାରିବେ। ଖଳ ଲୋକଙ୍କ ହାବୁଡରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି।


**ମକର** ଆଜି ହିଁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବ। ପାରିବାରିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ ଏବଂ ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ଉପକୃତ ହେବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିଯିବ।

**ମୀନ** ହାତକୁ ନେଇଥିବା କାମଗୁଡିକ ପୂରଣ ହୋଇଯିବ। ମାତ୍ର ଏଥି ସକାଶେ କଠିନ ପରିଶ୍ରମ କରିବାକୁ ପଡିବ। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି ତଥା ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣପକ୍ଷର ଅଁଳାନବମୀ ଯୁକ୍ତ ଦଶମୀ ବୁଧବାର, ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ଦିବା ଘ.୧୨.୩୧ମି. ଗତେ, ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୬.୧୩ମି. ଗତେ ଘ.୦୬.୫୭ମି. ମଧ୍ୟେ, ଘ.୦୭.୪୦ମି. ଗତେ ଘ.୦୮.୨୩ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୨.୪୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୫୭ମି. ଗତେ ଘ.୦୮.୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୩୯ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଜାତିର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68263

**GROOM WANTED**

Government ଚାକିରିଆ ବୟସ-34 ଏକୁଟିଆ ରହୁଥିବା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। +917077495623. D-19152

Beautiful Gopal girl 27 M.Sc State Govt. service, BBSR. 9776562742. D-19151




**SALE**

**Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929.** D-70118

ଅଫିସର ପୁରୁଣା ଆସବାବପତ୍ର ବିକ୍ରୟ କରାଯିବ। ବିକ୍ରୟ ତାରିଖ– ୧୦।୧୨।୨୦ ଓ ୧୧।୧୨।୨୦, ବିକ୍ରୟ ଠିକଣା– Plot- 280, Bhoi Nagar, BBSR-22. Contact: 8895124899, 7978717151. D-19168

**ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395.** D-70117

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ.୪୨୦/-ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

**3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726.** D-70035

**1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165.** D-19138

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

5BHK East Facing Flat for sale at Sailashree Vihar having 4toilets, 2350 Sq.ft. area, 4th Floor, 2 Fourwheeler parking. Contact: 9853805227. D-69355

**Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999.** D-69945

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**PURCHASE**

LAND Requires for Plotting Project in Around, Bhubaneswar. 9937816565, 9937568585. D-19112




Furnished Office Space 2000 Sq.ft. 1st Floor at Samantavihar, Near Nalco Square, Chandrasekharpur, Bhubaneswar. 9776021815. D-70121




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70044




Shivam logistic packers movers. Household/ car relocation countrywide. 9777044177, 9338461133. D-19148

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Newly open Saikrupa Panchakarma and Spa. Contact: 8984068077.** D-19124

Refreshing your mind & body with best therapy at Lotus Spa. 8018234866 D-69589

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

Newly open full body massage Ladies and Gents. 9337349409. D-69591

**AFFIDAVIT**

I, Dibyajyoti Marndi, S/o. Biram Marndi residing At: Jirida, P.O.- Udala, Dist.- Mayurbhanj, Odisha have changed my name to Dibyajyoti Mardi vide affidavit dated 04.12.2020 sworn before Notary P.K. Mishra, Odisha. D-19178



## ୨ ବାଇକ୍ ଧକ୍କା, ଜଣେ ମୃତ

ବଅଁରପାଳ, (ଡି.ଏନ.ଏ.)-ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁରୁଡୁଲ ଛକ ନିକଟରେ ମଙ୍ଗଳବାର ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଲାସିଙ୍ଗା ଗ୍ରାମର ପ୍ରମୋଦ ସାହୁ। ପ୍ରମୋଦ କମ୍ପାନୀରୁ କାମ ସାରି ଘରକୁ ଫେରୁଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରମୋଦଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼

ରାସୋଳ,୮।୧୨(ଡି.ଏନ୍.ଏ.): ହିନ୍ଦୋଳ ବ୍ଲକ ରାସୋଳ ଥାନା ନୂଆପାଟଣା ବିରିପୁର ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଛୁରାମାଡ଼ ହୋଇଛି। ସେ ହେଲେ ସହଦେବ ନାଏକ। ଗ୍ରାମର ୭ଜଣ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗ୍ରାମର ଜଣେ ବାଇକ୍ ଆରୋହୀ ଜନୈକ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ। ସହଦେବ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଘଟଣା ଉଗ୍ରରୂପ ନେଇଥିଲା। ଅଭିଯୁକ୍ତ ବାଇକ୍ ଆରୋହୀ ଏବଂ ସହଦେବ ସମର୍ଥକଙ୍କ ମଧରେ ମୁହାଁମୁହିଁ ହୋଇଥିଲା। ଏହି ସମୟରେ ସହଦେବ ଛୁରାମାଡ଼ର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷ ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି।

### କୁକୁଡ଼ା ଚିଆଁ ଲାଗି ମହିଳାଙ୍କୁ ମାଡ଼

ବଇଣ୍ଡା,୮।୧୨(ଡି.ଏନ୍.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ପ୍ରତିମା ଭୋଇଙ୍କୁ ତାଙ୍କ ଯାଆ ଟିକି ଭୋଇ ମାଡ଼ ମାରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଉଭୟଙ୍କ ମଧରେ ପାରିବାରିକ ବିବାଦ ଲାଗି ରହିଥିଲା। ସୋମବାର ଏକ କୁକୁଡ଼ା ଚିଆଁକୁ ନେଇ ଗଣ୍ଡଗୋଳ ହୋଇଥିଲା। ଟିକି ଏକ ବାଡ଼ିରେ ପ୍ରତିମାଙ୍କୁ ପିଟିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଦୁର୍ଘଟଣାରେ ୨ ଗୁରୁତର

ବଇଣ୍ଡା,୮।୧୨(ଡି.ଏନ୍.ଏ.): ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ପଟାପଥର ଛକ ନିକଟରେ ମଙ୍ଗଳବାର ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଭେଜିଗୋଠ ଗ୍ରାମର ନରେନ୍ଦ୍ର ପ୍ରଧାନ ଏବଂ ତାଙ୍କ ଅପା ଘାସିରାଣୀ ପ୍ରଧାନ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନରେନ୍ଦ୍ରଙ୍କ ବାପା ବାନାମ୍ବର ପ୍ରଧାନଙ୍କ ଅଭିଯୋଗକ୍ରମେ ଠାକୁରଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ନରେନ୍ଦ୍ର ଏବଂ ଘାସିରାଣୀ ବାଇକ୍ (ଓଡି ୧୯-ଏ-୪୩୮)ରେ ସାନହୁଲାରୁ ଭେଜିଗୋଠ ଅଭିମୁଖେ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ (ଓଡି ୩୩ ଜେ ୭୭୨୨) ସହ ଧକ୍କା ହୋଇଥିଲା।

### ତଳମୁହାଁ କରୋନା ଗ୍ରାଫ୍

ଢେଙ୍କାନାଳ ଅଫିସ,୮।୧୨: ଢେଙ୍କାନାଳ ଜିଲାରେ କରୋନା ଗ୍ରାଫ୍ ତଳମୁହାଁ ହେବାରେ ଲାଗିଛି। ମଙ୍ଗଳବାର ଜିଲାରୁ ମାତ୍ର ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫,୬୪୯ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୫୯୮ରେ ପହଞ୍ଚିଛି। ଆକ୍ରାନ୍ତ ଜଣକ ଢେଙ୍କାନାଳ ପୌରାଞ୍ଚଳର। ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ଫାଇନ୍‌ରେ ନ ଅଟକୁ ଆଇନ




**ଅନୁଗୋଳ ଅଫିସ, ୮।୧୨**

ରାଜ୍ୟରେ କ୍ରମାଗତ ଭାବେ ବଢ଼ୁଛି ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ହାର। ୨୦୧୯ ବର୍ଷରେ ମୋଟ୍ ୧୧,୦୬୪ଟି ଦୁର୍ଘଟଣା ଘଟିଛି। ୫,୩୩୩ ଜଣ ଏହାର ଶିକାର ହୋଇଥିବାବେଳେ କେବଳ ୨,୩୯୮ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ସେମାନଙ୍କ ମଧରୁ ୨,୧୫୬ଜଣ ହେଲ୍‌ମେଟ ପରିଧାନ କରି ନ ଥିବା ସୂଚନା ମିଳିଛି। ଦ୍ରୁତ ଗତି, ବେପରୁଆ ଗାଡ଼ିଚାଳନା, ମଦ୍ୟପାନ ଓ ଗାଡ଼ି ଚାଳନା ସମୟରେ ମୋବାଇଲରେ କଥାହେବା, ରଙ୍ଗରୁଟ୍‌ରେ ଯିବା ଆଦି ଦୁର୍ଘଟଣାର କାରଣ ବୋଲି କୁହାଯାଉଛି। ତେଣୁ ବୃଦ୍ଧି ପାଉଥିବା ଦୁର୍ଘଟଣା ରୋକିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୋଟର ଯାନ (ସଂଶୋଧନ) ଆଇନ ୨୦୧୯ ଲାଗୁ କରାଯାଇଛି। କିନ୍ତୁ କୋଭିଡ୍ କଟକଣା ପାଇଁ ଏହାକୁ କୋହଳ କରାଯାଇଥିଲା। ହେଲେ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ତାଗିଦା ପରେ ରାଜ୍ୟରେ ଏହି ଆଇନ ଆସନ୍ତା ଜାନୁୟାରୀ ୨୦୨୧ରୁ କଡ଼ାକଡ଼ି କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନୁଗୋଳ ଜିଲାରେ ଗତ ସେପ୍ଟେମ୍ବର ମାସରୁ ବ୍ଲକିଂ ଓ ଚେକିଂ ଚାଲିଛି। ଟ୍ରାଫିକ୍ ନିୟମ ଭଙ୍ଗ କରିଥିବା କେତେଜଣଙ୍କ ଲାଇସେନ୍ସ ରଦ୍ଦ ସହ ଆଉ କେତୋଟି ଲାଇସେନ୍ସ ନିଲମ୍ବନ କରାଯାଇଛି। ତେବେ କରୋନା ଦେଇଥିବା ଆର୍ଥିକ ଝଟ୍‌କାରୁ ଜିଲାବାସୀ ଏଯାଏ ମୁକୁଳିପାରି ନ ଥିବାବେଳେ ବାଇକ୍ ଚାଳକ ଓ ସହଯାତ୍ରୀଙ୍କ ପାଇଁ ଡବଲ୍ ଆଇଏସ୍‌ଆଇ ମାର୍କ ହେଲମେଟ୍ ବାଧ୍ୟତାମୂଳକ କରାଯିବା ନିଶ୍ଚିତ ବାଧିବ। ଏହାଛଡ଼ା ସରକାର ରାସ୍ତା ମରାମତି ଓ ଉନ୍ନତୀକରଣ ନ କରି କେବଳ ଦୁର୍ଘଟଣା ପାଇଁ ଗାଡ଼ି ଚାଳକଙ୍କୁ ଦୋଷ ଦେବା ମଧ ଗ୍ରହଣୀୟ ନୁହେଁ। ତେଣୁ ଆଇନକୁ କେବଳ ଫାଇନ୍ ଆଦାୟରେ ସୀମିତ ନ ରଖି ଦୁର୍ଘଟଣା ହ୍ରାସ ଦିଗରେ ବ୍ୟବହାର କରାଯାଉ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

### ପ୍ରଥମେ ସଚେତନ, ପରେ କାର୍ଯ୍ୟାନୁଷ୍ଠାନ



ନୂତନ ମୋଟରଯାନ ଆଇନ କଡ଼ାକଡ଼ି ଲାଗୁ ହେବା ପୂର୍ବରୁ ଲୋକଙ୍କୁ ସଚେତନ କରାଯିବ। ଏହି ସମୟରେ କେହି ଅମାନିଆ ହେଲେ ଜରିମାନା ଆଦାୟ କରାଯିବ। ମୋଟର ସାଇକେଲରେ ଯାଉଥିବା ଦୁଇ ଜଣ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ। ଏପରି କଡ଼ା ନିୟମ ସେମାନଙ୍କ ଜୀବନର ସୁରକ୍ଷା ପାଇଁ କରାଯାଇଛି। ଅଡୁଆ ଲାଗୁଥିଲେ ମଧ ଏହାର ଉଦ୍ଦେଶ୍ୟ ମହତ୍। ତେଣୁ ଲୋକମାନେ ଏହାକୁ ସମ୍ମାନ ଦେବା ଆବଶ୍ୟକ।

-ନରସିଂହ ଭୋଲ, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି

### ଲୋକେ ନିୟମ ମାନିଲେ ଦୁର୍ଘଟଣା କମିବ



ସରକାରଙ୍କ ଉଦ୍ଦେଶ୍ୟ ଜରିମାନା ଆଦାୟ କରିବା ନୁହେଁ। ଲୋକଙ୍କ ଧନ ଜୀବନ ବଞ୍ଚାଇବାକୁ ଏପରି ଆଇନ କରାଯାଇଛି। ଅନ୍ୟ ରାଜ୍ୟଗୁଡ଼ିକରେ ବହୁ ପୂର୍ବରୁ ମୋଟର ସାଇକେଲ୍ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ ରହିଛି। ଓଡ଼ିଶାରେ ଦୁର୍ଘଟଣା ବଢ଼ୁଥିବାରୁ ରାଜ୍ୟ ସରକାର ଆଇନକୁ କଡ଼ାକଡ଼ି କରିବାକୁ ଯୋଜନା କରିଛନ୍ତି। ଲୋକେ ସଚେତନ ହେଲେ ଜରିମାନା ଦେବାକୁ ପଡ଼ିବ ନାହିଁ ଓ ଦୁର୍ଘଟଣା ମଧ କମିବ।

-ବିଭବ ସାମନ୍ତସିଂହାର, ପରିବହନ ଅଧିକାରୀ, ଅନୁଗୋଳ

### ସଡ଼କ ସୁରକ୍ଷା କଥା ଚିନ୍ତା କରାଯାଉ



ଦୁର୍ଘଟଣା ବୃଦ୍ଧି ପାଇଁ କେବଳ ବେପରୁଆ ଗାଡ଼ିଚାଳନା ନୁହେଁ, ସଡ଼କର ଆବଶ୍ୟକ ମରାମତି ଓ ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରି ସଚେତନତା ସୃଷ୍ଟି କରା ନ ଯିବା ମଧ ଦାୟୀ। ଏ କ୍ଷେତ୍ରରେ ସରକାରୀ ଅବହେଳା ଜଳଜଳ ଦିଶୁଛି। ବଅଁରପାଳରୁ ରନ୍ତଲେଇ ମଧରେ ୧୨ଟି ବ୍ଲାକ୍ ସ୍ପଷ୍ଟ ଥିବାରୁ ଏଠାରେ ଜିଲାର ଅଧିକାଂଶ ଦୁର୍ଘଟଣା ଘଟୁଛି। ସରକାରଙ୍କ ନୂତନ ଆଇନ ଅତି ଉତ୍ତମ। କିନ୍ତୁ ପ୍ରଥମେ ରାସ୍ତା ମରାମତି କଥା ଚିନ୍ତା କରାଯିବା ଉଚିତ।

-କଲ୍ୟାଣ କିଶୋର ମହାନ୍ତି, ସଡ଼କ ସୁରକ୍ଷା କମିଟି ସଦସ୍ୟ, ଅନୁଗୋଳ

### ପାତରଅନ୍ତର କରା ନ ଯାଉ



ସରକାର ନୂତନ ମୋଟରଯାନ ଆଇନକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। କିନ୍ତୁ ବିଭିନ୍ନ ସମୟରେ ନିୟମ କାର୍ଯ୍ୟକାରୀ କରିବାରେ ପାତରଅନ୍ତର ହେଉଥିବା ଲକ୍ଷ୍ୟ କରାଯାଏ। ଦୁଇଚକିଆ ଚାଳକଙ୍କ ଉପରେ ପୋଲିସ ପକ୍ଷରୁ ଅଧିକ ଜୁଲମ କରାଯାଉଥିବା ବେଳେ ଚାରିଚକିଆ ଗାଡ଼ି ଚାଳକଙ୍କୁ ଛାଡ଼ି ଦିଆଯାଇଥାଏ। ତେଣୁ କେବଳ ରାଜସ୍ୱ ବୃଦ୍ଧି ପାଇଁ ନୂଆ ଆଇନ କଡ଼ାକଡ଼ି କରା ନ ଯାଇ ଦୁର୍ଘଟଣା ହ୍ରାସ ଦିଗରେ ଯେପରି ସହାୟକ ହେବ ସେ ଦିଗରେ ଉଦ୍ୟମ କରାଯାଉ।

-ରୀତିକା ମିଶ୍ର, ଅନୁଗୋଳ

### ସହାୟତା କରିବାକୁ ଭୟ କରିବେ



ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ସହଯୋଗ କରି ଜୀବନ ରକ୍ଷା କରିବାକୁ ସରକାର ନିବେଦନ କରୁଛନ୍ତି। ଏପରିକି ସହାୟତାକାରୀଙ୍କୁ ସଡ଼କ ସୁରକ୍ଷା ସପ୍ତାହରେ ପୁରସ୍କାର ଦେଇ ଉତ୍ସାହିତ କରୁଛନ୍ତି। ସେମାନଙ୍କୁ ପୋଲିସ ଜାଲରେ ଛନ୍ଦିପାରିବ ନାହିଁ ବୋଲି ସରକାର କହୁଛନ୍ତି। କିନ୍ତୁ ନୂତନ ଆଇନରେ ବାଇକ୍‌ରେ ଦୁଇ ଜଣ ଯିବା ଓ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯିବା ଦ୍ୱାରା ଦୁର୍ଘଟଣାଗ୍ରସ୍ତଙ୍କୁ କେହି ବାଇକ୍‌ରେ ମେଡିକାଲ ନେବାକୁ ଭୟ କରିବେ।

-ବିଶ୍ୱ ରଞ୍ଜନ ପଟ୍ଟନାୟକ, ଅନୁଗୋଳ

### ପ୍ରଶାସନ ଅବହେଳା ନ କରୁ



ଅନୁଗୋଳ ଜିଲାରେ ରାସ୍ତା ଅବସ୍ଥା କେମିତି ଅଛି, ତାହା ଜାତୀୟ ରାଜପଥରୁ ବାରି ହୋଇପଡୁଛି। ଗ୍ରାମାଞ୍ଚଳଠାରୁ ଶିଳ୍ପାଞ୍ଚଳଯାଏ ସବୁଠି କଦର୍ଯ୍ୟ ଅବସ୍ଥା। ପ୍ରତି ମାସରେ ଅନୁଷ୍ଠିତ ସଡ଼କ ସୁରକ୍ଷା ବୈଠକରେ ଏହା ଉପରେ ଆଲୋଚନା ହେଉଛି। କିନ୍ତୁ ପରବର୍ତ୍ତୀ ସମୟରେ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଜିଲାରେ ଦୁର୍ଘଟଣା ସଂଖ୍ୟା ବଢ଼ୁଛି। ଏଥିପ୍ରତି ପ୍ରଥମେ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ମରାମତି କରୁ।

-ସୁଶୀଲ ସାହୁ, ଅନୁଗୋଳ

### ପାଟ୍ରୋଲିଂ ବ୍ୟବସ୍ଥା ଢିଲା ନ ହେଉ



ଅନୁଗୋଳ ଜିଲା ଦେଇ ଯାଇଥିବା ବିଭିନ୍ନ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଦ୍ରୁତ ଗତି ଓ ମଦ୍ୟପାନ କରି ଗାଡ଼ିଚାଳନା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ରାଜପଥରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉ। ତେବେ କରୋନା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାବେଳେ ସରକାର ଦାମୀ ଡବଲ୍ ହେଲମେଟ୍ କିଣିବାକୁ ବାଇକ୍‌ଧାରୀଙ୍କୁ ବାଧ କରିବା ବେଶ୍ ବାଧିବ। ଆଉ ଟିକେ ଅଧିକ ସମୟ ଦେବା ଦରକାର ଥିଲା।

-ସନାତନ ସାହୁ, ଅନୁଗୋଳ

### ପୁରୁଣାଗାଡ଼ି ବ୍ୟାନ୍ ହେବା ଆବଶ୍ୟକ



ପୁରୁଣା ଗାଡ଼ି କେବଳ ଅଧିକ ପ୍ରଦୂଷଣର କାରଣ ହେଉନି, ଏହା ଦୁର୍ଘଟଣା ସଂଖ୍ୟା ମଧ ବୃଦ୍ଧି କରୁଛି। ଅନେକ ସମୟରେ ଦୁର୍ଘଟଣାର ତଦନ୍ତ ବେଳେ ଗାଡ଼ିର ଫିଟ୍‌ନେଶ ନ ଥିବା ଜଣାପଡୁଛି। ତେଣୁ ଜିଲାର ବିଭିନ୍ନ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯାଇ ଫିଟ୍‌ନେଶ ନ ଥିବା ପୁରୁଣା ବାଇକ୍, ଭାରିଯାନଗୁଡ଼ିକୁ ଜବତ କରାଯାଉ। ସେହିପରି ଚାଳକଙ୍କ ନିକଟରେ ବୈଧ ଲାଇସେନ୍ସ ରହିଛି କି ନାହିଁ, ତାହା ଉପରେ ମଧ ପରିବହନ ବିଭାଗ ଦୃଷ୍ଟି ଦେଉ।

-ମୃତ୍ୟୁଞ୍ଜୟ ସାହୁ, ଅନୁଗୋଳ

## 'ହିତାଧିକାରୀ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କର'



ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ।

**ଅନୁଗୋଳ ଅଫିସ, ୮।୧୨**

ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଠିକ୍ କାର୍ଯ୍ୟକାରିତାକୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ପେନ୍‌ସନ୍ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ନାମ ଅନ୍‌ଲାଇନ୍ ପୋର୍ଟାଲରେ ଡିଜିଟାଇଜେଶନ୍ କରିବା ସହ ଆଧାର ସଂଯୋଗୀକରଣ ଓ ଏହାର ଠିକ୍ ସଂଶୋଧନ କାର୍ଯ୍ୟ ୧୫ ଦିନ ମଧ୍ୟରେ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରେଜିଷ୍ଟରକୁ ଠିକ୍ ଭାବେ ପରିଚାଳନା କରିବା ସହ ହିତାଧିକାରୀ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କ ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପୋର୍ଟାଲରେ ସଂଯୋଗୀକରଣ କରାଯିବ। କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ସହାୟ ଯୋଜନାରେ ସହାୟତା ଉପକରଣ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି କିନ୍ନରଙ୍କୁ ବିଭିନ୍ନ ସରକାରୀ ଯୋଜନା ଯୋଗାଇ ଦେଇ ସମ୍ମାନର ସହ ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଜିଲାରେ ଥିବା ଭିନ୍ନକ୍ଷମଙ୍କୁ ଠିକ୍ ଭାବେ ଚିହ୍ନଟ କରାଯାଇ ସହାୟତା ପ୍ରଦାନ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନରେ ମେଗା କ୍ୟାମ୍ପ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପଖଣ୍ଡ, ବ୍ଲକ ଓ ପୌରାଞ୍ଚଳର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅନୁଗୋଳରୁ ଆଉ ୩୧

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ଜିଲାରୁ ମଙ୍ଗଳବାର ୩୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୧୭୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ଛେଣ୍ଡିପଦା ବ୍ଲକରୁ ୧୧ ଜଣ, କଣିହାଁରୁ ୮, ଅନୁଗୋଳରୁ ୧୦ ଓ ବଅଁରପାଳ ବ୍ଲକରୁ ୨ ରହିଛନ୍ତି। ସେହିପରି ଜିଲାରୁ ୨୭ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ୧୧ ଫୁଟର ଅଜଗର ଉଦ୍ଧାର

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ କୁମଣ୍ଡ ଗ୍ରାମ ପଶ୍ଚିମେଶ୍ୱର ମନ୍ଦିର ନିକଟରୁ ଏକ ୧୧ ଫୁଟର ଅଜଗର ଉଦ୍ଧାର ହୋଇଛି। ଗ୍ରାମର କେତେଜଣ ଯୁବକଙ୍କଠାରୁ ଖବରପାଇ ସର୍ପମିତ୍ର ଆଦିତ୍ୟ ବେହେରା, ସଞ୍ଜୟ ବେହେରା ଓ ରାଧାମୋହନ ସାହୁ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ଅନୁଗୋଳ ବନାଞ୍ଚଳ ବନରକ୍ଷୀ ଲିଙ୍ଗରାଜ ଦେହୁରୀଙ୍କ ଉପସ୍ଥିତିରେ ସାପଟିକୁ ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

## ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ




ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ ସଭା।

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା, ଓମ୍‌ସା ଏବଂ ଘରୋଇ ହସ୍ପିଟାଲ ସଂଘ ପକ୍ଷରୁ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ନଭେମ୍ବର ୨୦ ତାରିଖରେ ସେଣ୍ଟ୍ରାଲ କାଉନ୍‌ସିଲ ଅଫ୍ ଇଣ୍ଡିଆନ୍ ମେଡିସିନ୍ ଏବଂ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଆୟୁଷ ଡାକ୍ତରମାନେ ସ୍ୱଳ୍ପ ତାଲିମ ନେଇ ଅପରେଶନ କରିପାରିବେ ବୋଲି ଯାହା କୁହାଯାଇଛି, ତାହାକୁ ଡାକ୍ତର ସଂଘ ସର୍ବଭାରତୀୟ ସ୍ତରରେ ବିରୋଧ କରୁଛି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହର ନ ହେଲେ ଆଗାମୀ ୧୧ ତାରିଖରେ ଜରୁରୀ ଏବଂ କୋଭିଡ୍ ଚିକିତ୍ସାକୁ ବାଦ୍ ଦେଇ ଅନ୍ୟ ଚିକିତ୍ସା ସେବା ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରତିବାଦ ସଭାରେ ଆଇଏମ୍ଏ ସଭାପତି ଡାକ୍ତର ବିଜୟ କୁମାର ନାଥ, ସମ୍ପାଦକ ଡାକ୍ତର ପ୍ରଭାତ କୁମାର ପଣ୍ଡା, ଅର୍ଥ ସମ୍ପାଦକ ଡାକ୍ତର ବିଶ୍ୱଜିତ୍ ସାମଲ, ଆଇଏମ୍ଏ ପୂର୍ବତନ ସଭାପତି ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ, ଉପଦେଷ୍ଟା ଡାକ୍ତର ବିଚ୍ଛନ୍ଦ ଚରଣ ପ୍ରଧାନ, ସୌମ୍ୟକାନ୍ତ ବିଶୋଇ, ଦେବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ଘାଟା

**ଅନୁଗୋଳ ଅଫିସ/ ବଇଣ୍ଡା/ ଆଠମଲ୍ଲିକ/ ମାଧପୁର/ ବଅଁରପାଳ/ କଣିହାଁ,୮।୧୨(ଡି.ଏନ.ଏ.)**

ସର୍ବଭାରତୀୟ ବନ୍ଦ ଆନ୍ଦୋଳନକୁ ମଙ୍ଗଳବାର ଅନୁଗୋଳ ଜିଲାରେ ସମର୍ଥନ ମିଳିଛି। ସହରରେ ଥିବା ପୋଷ୍ଟ ଅଫିସ୍, ଟେଲିକମ୍ ଅଫିସ୍, ବ୍ୟାଙ୍କ, ବଜାରକୁ ଆନ୍ଦୋଳନକାରୀମାନେ ବନ୍ଦ କରିବା ସହ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସଭ୍ୟ ବିଷ୍ଣୁଚରଣ ସାହୁ, ଜ୍ୟୋତ୍ସ୍ନା ସାମଲ, ଏଆଇକେକେଏମ୍‌ଏସ୍ ସଙ୍ଗଠକ ସଞ୍ଜୟ ସାହୁ, କୁମର ସାହୁ, ପ୍ରମୋଦ କୁମାର ପ୍ରଧାନ, ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, ବସନ୍ତ ପଟ୍ଟନାୟକ, ରଞ୍ଜନ ନନ୍ଦ, ମହେନ୍ଦ୍ର ସାହୁ ଏବଂ ଶ୍ରମିକ ନେତା ତପନ କୁମାର ମହାନ୍ତି, ଡାକ୍ତର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଜିଲା ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ କର୍ମୀମାନେ ମଧ ଆନ୍ଦୋଳନକୁ ଓହ୍ଲାଇଥିଲେ। କିଶୋରନଗର ବ୍ଲକରେ ବନ୍ଦ ଶାନ୍ତିପୂର୍ଣ୍ଣ ଥିଲା। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ତୀର୍ଥବାସୀ ଭୋଇ, ରମଣୀରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଠମଲ୍ଲିକରେ କଂଗ୍ରେସ ନେତା କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଓକିଲ ଜିତେନ୍ଦ୍ର ମୁଖୀ, ଅଜିତ ମହାନ୍ତି, ଦେବବ୍ରତ ପ୍ରଧାନ, ଘନଶ୍ୟାମ ମହାପାତ୍ର, କାଳିଆ ମହାନ୍ତି ପ୍ରମୁଖ ସହରରେ ପିକେଟିଂ କରିଥିଲେ। ମାଧପୁର ବଜାରରେ ଆଠମଲ୍ଲିକ କୃଷକ ମହାସଂଘ ମୁଖ୍ୟ ସଂଯୋଜକ ଆଇନଜୀବୀ ଅଞ୍ଜନ ପ୍ରଧାନ, ସଭାପତି ଦେବେନ୍ଦ୍ର ପ୍ରଧାନ, ସମ୍ପାଦକ ଯତୀନ୍ଦ୍ର ପ୍ରଧାନ, କୈଳାସ ମହାକୁଡ଼ ପ୍ରମୁଖଙ୍କ ନେତୃତ୍ୱରେ ଦୋକାନ ବଜାର ବନ୍ଦ କରାଯାଇଥିଲା। ନାଲ୍‌କୋ ଓ ବଅଁରପାଳଠାରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଦିଲୀପ କୁମାର ରାଉତ, ବିନୋଦ କୁମାର ମାଝି, ଦୁଃଶାସନ ଦାସ, ଅଜୟ ବେହେରା, ଭାରତ ବେହେରା ପ୍ରମୁଖ ରାସ୍ତାରୋକୋ କରିଥିଲେ। କଣିହାଁ ବ୍ଲକ ଏନ୍‌ଟିପିସି ବାଇପାସ୍ ଛକରେ ବନ୍ଦ ପାଳନ କରାଯାଇଥିଲା। ଏଆଇକେକେଏମ୍‌ଏସ୍ ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ଡିୱାଇଓ ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁ, ଏଆଇଏମ୍‌ଏସ୍‌ଏସ୍ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ଏସ୍‌ୟୁସିଆଇ ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ଶ୍ରମିକ ନେତା ଟୁନା ନାୟକ ପ୍ରମୁଖ ବନ୍ଦ ପାଳନରେ ସାମିଲ ଥିଲେ। ଏହି ବନ୍ଦ ପାଳନ ଯୋଗୁ ୫୦ ଲକ୍ଷ ଟଙ୍କାର ବ୍ୟବସାୟ ବାଧାପ୍ରାପ୍ତ ହୋଇଥିବା କୁହାଯାଉଛି।



ଅନୁଗୋଳ ସହରରେ କଂଗ୍ରେସ କର୍ମୀମାନେ ଦୋକାନ ବନ୍ଦ କରାଉଛନ୍ତି।

# ଚାଷୀ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ

**ଢେଙ୍କାନାଳ ଅଫିସ/ଭୁବନ/ ସାତମାଇଲ(ଡି.ଏନ୍.ଏ.),୮।୧୨**




ବନ୍ଦ ପାଳନରେ ସାମିଲ ଏଏପି କର୍ମକର୍ତ୍ତାମାନେ।

- ୮ଘଣ୍ଟା ଜାତୀୟ ରାଜପଥରେ ଯାତାୟାତ ଠପ୍
- ବନ୍ଦକୁ ସମର୍ଥନ ଜଣାଇଲା କଂଗ୍ରେସ, ଏଏପି

ଗଡ଼ିଲାନି ଗାଡ଼ି। ବନ୍ଦ ରହିଲା ବ୍ୟବସାୟିକ ପ୍ରତିଷ୍ଠାନ। କେନ୍ଦ୍ର ବିରୋଧୀ ନାରାରେ ସକାଳୁ ଅପରାହ୍ନ ଯାଏ ସରଗରମ ରହିଲା ଗାଁଠୁ ସହର। ଢେଙ୍କାନାଳ ଜିଲାରେ ମଙ୍ଗଳବାର ଭାରତ ବନ୍ଦ ପାଳନ ବେଳେ ଦେଖିବାକୁ ମିଳିଥିଲା ଏଭଳି କିଛି ଦୃଶ୍ୟ। ନୂଆ କୃଷି ଆଇନକୁ ବିରୋଧ କରି ଚାଷୀ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିବାବେଳେ ଏହାକୁ ସମର୍ଥନ ଜଣାଇଥିଲେ ବିଭିନ୍ନ ରାଜନୈତିକ ଦଳ। ଆନ୍ଦୋଳନକୁ ବିଭିନ୍ନ ସ୍ତରରେ ସମର୍ଥନ ମିଳିଥିବାବେଳେ ପ୍ରଭାବିତ ହୋଇଥିଲା ସାଧାରଣ ଜୀବନଯାତ୍ରା।

ଚାଷୀ ବିରୋଧୀ କୃଷି ଆଇନ ପ୍ରତ୍ୟାହାର କରିବା ଦାବିରେ ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗଦାଶିଳା ନିକଟ ୫୫ନଂ. ଜାତୀୟ ରାଜପଥରେ ସକାଳ ୭ଟାରୁ ଅପରାହ୍ନ ୩ଟାଯାଏ ରାସ୍ତା ଅବରୋଧ କରାଯାଇଥିଲା। ଜିଲା ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ରଥ, କୈଳାସ ଚନ୍ଦ୍ର ସାହୁ, ସୁଧାକର ପରିଡ଼ା, ପ୍ରହ୍ଲାଦ ସାହୁଙ୍କ ଉପସ୍ଥିତିରେ ଶତାଧିକ ଚାଷୀ ରାସ୍ତା ଅବରୋଧ କରିଥିଲେ। ସେହିପରି କଂଗ୍ରେସ ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଡା. ତୁଷାରକାନ୍ତି ନାୟକ, ପ୍ରକାଶ କୁଅଁର ପ୍ରମୁଖ କଲେଜ ବାଇପାସ୍ ନିକଟ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। କର୍ମକର୍ତ୍ତାମାନେ ପିକେଟିଂ କରି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିଲେ। ଆମ୍ ଆଦ୍ମୀ ପାର୍ଟି (ଏଏପି)ର ଜିଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ ବାଜିଚୌକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ, ଚକ୍ରଧର ତରାଇ, ରଘୁନାଥ ମିଶ୍ର, ରଞ୍ଜନ ମିଶ୍ର, ଶାନ୍ତନୁ ରାଉତ, ରାଜୀବ କର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଭୁବନ କୃଷକ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟି ଏବଂ କଂଗ୍ରେସର ଯୁବନେତା ବିନୋଦ ମହାରଣାଙ୍କ ନେତୃତ୍ୱରେ ଭୁବନରେ ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ଅଞ୍ଚଳବାସୀ ସମର୍ଥନ ଜଣାଇଥିଲେ। ହିନ୍ଦୋଳ ବ୍ଲକ ସାତମାଇଲରେ ସୂଚନାଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକ, କଂଗ୍ରେସ ନେତା ତ୍ରିନାଥ ବେହେରା, ଛବିରାଜ ବିଶ୍ୱାଳ, ବିଶ୍ୱେଶ୍ୱର ସେଠୀ, ରତିକାନ୍ତ ଗଡ଼ନାୟକ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘଦିନ ଧରି ପାଳିତ ହେଉଥିବା ପ୍ରଥାସବୁ ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା। ଆମ୍ଭେମାନେ ଅତୀତକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନ ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ।। **–ଶ୍ରୀଅରବିନ୍ଦ**

# ଜୟ କିଷାନ

କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ବିରୋଧ କରି ଦେଶର କୃଷକ ସଙ୍ଗଠନଗୁଡ଼ିକ ୮ ଡିସେମ୍ବରରେ କରିଥିବା ଭାରତ ବନ୍ଦ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ କରାଯାଇଥିବା ଏହି ପ୍ରତୀକାତ୍ମକ ଧର୍ମଘଟରେ ପ୍ରାୟତଃ ଅପ୍ରୀତିକର ଘଟଣା ଦେଖିବାକୁ ମିଳିନାହିଁ। ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସକାଳେ ଘୋଷଣା କରାଯାଇଥିଲା ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ୍‌ଙ୍କୁ କେନ୍ଦ୍ରଚାଳିତ ଦିଲ୍ଲୀ ପୋଲିସ ଗୃହବନ୍ଦୀ କରି ରଖିଛି। ହେଲେ ଦିଲ୍ଲୀ ପୋଲିସ ଏହାକୁ ଖଣ୍ଡନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ କେଜରିୱାଲ ସେ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ କରାଯାଇଥିବା ଭାରତ ବନ୍ଦ ଯୋଗୁ ଧନଜୀବନ ନଷ୍ଟ ହୋଇଥିବାର ଅନେକ ନଜିର ରହିଆସିଛି। କୃଷକଙ୍କ ଏବର ଆନ୍ଦୋଳନକୁ ଅନେକ ବିରୋଧୀ ରାଜନୈତିକ ଦଳ ସମର୍ଥନ ଦେଇଥିଲେ ମଧ୍ୟ ସେମାନଙ୍କ ଅଂଶଗ୍ରହଣ କୌଣସି ମାନେ ରଖିନାହିଁ। କାରଣ କୃଷକମାନେ ରାଜନେତାଙ୍କୁ ପ୍ରତିବାଦଠାରୁ ଦୂରେଇ ରଖିଛନ୍ତି। ଇତିମଧ୍ୟରେ ସରକାର ଓ କୃଷକ ସଙ୍ଗଠନ ମଧ୍ୟରେ ହୋଇଥିବା ୫ ରାଉଣ୍ଡର ଆଲୋଚନା ଅନିର୍ଣ୍ଣାୟକ ହୋଇଛି। ୬ଷ୍ଠ ଥର ପାଇଁ ୯ ଡିସେମ୍ବରରେ କଥାବାର୍ତ୍ତା ସକାଶେ ଦିନ ଧାର୍ଯ୍ୟ ହୋଇଥିଲା। ୮ ଡିସେମ୍ବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କୃଷକ ନେତାମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଶେଷ ମୁହୂର୍ତ୍ତରେ ୯ ଡିସେମ୍ବର ବୈଠକକୁ ବାତିଲ କରିଦିଆଯାଇଛି।

ଗତ ୧୨ ଦିନ ଧରି କୃଷକ ସଙ୍ଗଠନଗୁଡ଼ିକ ନେତୃତ୍ୱରେ ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଚାଷୀମାନେ ଠୁଳ ହୋଇ ଯେଭଳି ପ୍ରତିବାଦ ଜାରି ରଖିଛନ୍ତି, ତାହା ଅତୀତରେ କଦାପି ଦେଖାଦେଇ ନ ଥିଲା। ବିବାଦୀୟ ୩ କୃଷି ଆଇନକୁ ଉଚ୍ଛେଦ କରିବା ସକାଶେ ଚାଷୀ ଜିଦ୍ ଧରିଥିବାରୁ ସଙ୍ଗଠନରେ ଫାଟ କରିବା ଲାଗି ଯେତେ ପେଞ୍ଚ କରାଯାଉଥିଲେ ମଧ୍ୟ ସବୁ ସରକାରୀ ମସୁଧା ବିଫଳ ହୋଇଛି। ଗୋଟେ ଧାରଣା ରହିଆସିଛି ଯେ ଭାରତରେ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ କୌଣସି ରାଜନୈତକ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇ ଶାସନ ଗାଦିରେ ବସିଲେ ମନଇଚ୍ଛା ଆଇନ ଆଣିପାରିବ। ପୂର୍ବରୁ ଭାରତୀୟମାନେ ନୂତନ ଭାବେ ପ୍ରଣୟନ ଆଇନ ସମ୍ପର୍କରେ କିଛି ବୁଝିବାକୁ ଚାହୁଁ ନ ଥିଲେ। ଆନ୍ନା ହାଜାରେଙ୍କ ଲୋକପାଳ ଆନ୍ଦୋଳନ ଦୁର୍ନୀତି ଭଳି ଏକ ଚରିତ୍ରଗତ ରୋଗକୁ ଆଇନ ପ୍ରଣୟନ ମାଧ୍ୟମରେ ବନ୍ଦ କରିବାର ଅସମ୍ଭବ ପ୍ରୟାସ କରିଥିଲା। କ୍ରମଶଃ ସେହି ସ୍ଥିତି ବଦଳିବାରେ ଲାଗିଛି। ପ୍ରଥମେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଓ ନାଗରିକ ସଂଶୋଧନ ଆଇନ (ସିଏଏ)ର ବିପଦ ବହୁତ ଲୋକ ବୁଝିପାରିଲେ। ନାଗରିକମାନେ ଜାଣିଲେ ଯେ ଏହା କେବଳ ମୁସଲମାନ ସମ୍ପ୍ରଦାୟ ବିରୋଧରେ ନୁହେଁ, କ୍ଷମତାକୁ ଯେକୌଣସି ଚିନ୍ତାଧାରା ଦଖଲ କରିବ ତାହା ସେହି ଆଇନକୁ ହିନ୍ଦୁମାନଙ୍କ ବିରୋଧରେ ମଧ୍ୟ ବ୍ୟବହାର କରାଯାଇ ପାରିବ।

ଏହି ତିନି କୃଷି ଆଇନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କରି ଯେଉଁ ଆନ୍ଦୋଳନ ହେଉଛି ତାହା ପ୍ରମାଣ କରୁଛି ଯେ, ଭାରତର ଜନସାଧାରଣ ଆଇନ ପ୍ରଣୟନର ଫନ୍ଦିଫିକର ବୁଝିବାକୁ ଆରମ୍ଭ କଲେଣି। ସୁସ୍ଥ ଗଣତନ୍ତ୍ରର ଆଧାରଶିଳା ହେଉଛି ଜନସାଧାରଣ ପ୍ରତ୍ୟେକ ଆଇନ ସମ୍ପର୍କରେ ସଚେତନ ହେବେ। ଏହା ହେଲେ ନିର୍ବାଚନ ସମୟରେ ଉନ୍ନତ ଦେଶଗୁଡ଼ିକ ଭଳି ଭାରତରେ ମଧ୍ୟ ସାମାଜିକ, ବହିର୍ବ୍ୟାପାର ଏବଂ ଅର୍ଥନୈତିକ ପ୍ରସଙ୍ଗକୁ ନେଇ ଭୋଟ ହେବ। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଜନତାଙ୍କ ସଚେତନତା ବୃଦ୍ଧିପାଇଲେ ନେତାମାନଙ୍କର କାଳ ହେବ। ଭାରତରେ ସାମନ୍ତବାଦୀ ଚିନ୍ତାଧାରା ମାନସିକତା ସମସ୍ତଙ୍କୁ ଗ୍ରାସ କରିଛି। ସେଥିପାଇଁ ବୁଝିବାଶୁଝିବା ନାଗରିକ ସେହି ମାନସିକତାର ଶତ୍ରୁ ହୋଇଯିବ। ସେମାନଙ୍କୁ କ୍ଷୁଦ୍ର ସରକାରୀ ସହାୟତା କିମ୍ବା ଲାଳସାରେ ବାଟବଣା କରିବା କଷ୍ଟକର। କୃଷି ଆନ୍ଦୋଳନରେ ସେହିଭଳି ଆଭାସ ଦେଖିବାକୁ ମିଳୁଛି। ଅଧିକାଂଶ ବିରୋଧୀ ରାଜନୈତିକ ଦଳର ସମର୍ଥନ ଥିବା ସତ୍ତ୍ୱେ ଚାଷୀମାନେ ସେମାନଙ୍କୁ ଆନ୍ଦୋଳନରେ ପ୍ରବେଶ ଦେଲେନାହିଁ। ଏହା ଭାଜପା ପାଇଁ ଏକ ବିରାଟ ମୁଣ୍ଡବ୍ୟଥା ପାଲଟିଥିବ। କାରଣ କଂଗ୍ରେସ କିମ୍ବା ବାମପନ୍ଥୀଙ୍କ ବିରୋଧରେ କହିବା ସହଜ। କିନ୍ତୁ ଭାରତୀୟ ଚାଷୀଙ୍କୁ ଦେଶଦ୍ରୋହୀ ବା ଉଗ୍ରବାଦୀ ଆଖ୍ୟା ଦେବାର ବ୍ୟକ୍ତି ନିଜେ ଦେଶଦ୍ରୋହୀ ବୋଲି ପରିଚିତ ହେବେ। ସମୟ ହିଁ କହିବ କିଏ ଜିତିପାରିଲା। ସରକାର ଏକ ବ୍ୟବସ୍ଥା, ଯାହାକି କରଦାତାଙ୍କ ଅର୍ଥ ଦ୍ୱାରା ଚାଲେ। ସେଥିପାଇଁ ଲୋକଙ୍କ ଧନକୁ ବରବାଦ୍ କରି ସେହି ନାଗରିକଙ୍କୁ ଦମନ କରିବା ଉଚିତ ନୁହେଁ। ସରକାର ଯଦି ଚାଷୀଙ୍କ ଦାବିକୁ ସ୍ୱୀକାର କରନ୍ତି ତେବେ ଅହଂଭାବ ପରିବର୍ତ୍ତେ ଗଣତନ୍ତ୍ରକୁ ସମ୍ମାନ ଦେବେ ବୋଲି ବୁଝାପଡ଼ିବ। ମୋଦି ସରକାରଙ୍କ 'ଜୟ ଯବାନ' ଶୁଣାଯାଉଥିଲା, ଏବେ 'ଜୟ କିଷାନ' ଶୁଣାଯାଉ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୫

- ରୁଷ୍ ପ୍ରଧାନମନ୍ତ୍ରୀ ଭିକ୍ଟର ଚେର୍ନୋମିର୍ଦ୍ଦିନ ଏବଂ ଚେଚେନ ସରକାରୀ ମୁଖ୍ୟ ଡୋକୁ ଜାଉଗାୟେଭଙ୍କ ମଧ୍ୟରେ ରୁଷ୍ ସହିତ ଚେଚେନ ମିଶ୍ରଣକୁ ଅନୁମୋଦନ କରି ଏକ ଚୁକ୍ତି ସ୍ୱାକ୍ଷରିତ।
- ଖ୍ୟାତନାମା ଉଦ୍ୟୋଗପତି ଦୀପକ ବାନକର୍ ଭାରତୀୟ ଶିଳ୍ପ ବଣିକ ମହାସଂଘ ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ବାଟ ଦେଖାଉଛି ଭିଏତ୍‌ନାମ



ଡ.ଚିତ୍ତରଞ୍ଜନ ମିଶ୍ର

ପ୍ରଥମ କୋଭିଡ୍-୧୯ ଘଟଣାକୁନେଇ ଚାଇନା ଘୋଷଣା କରିବାର ମାତ୍ର କିଛିଦିନ ଭିତରେ ୧୦୦ ନିୟୁତ ଜନସଂଖ୍ୟା ବିଶିଷ୍ଟ ଦେଶ ଭିଏତ୍‌ନାମ ସତର୍କତାମୂଳକ ପଦକ୍ଷେପ ନେଇଥିଲା। ଏହା ଫଳରେ ଭିଏତ୍‌ନାମରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟାର ହାର ବିଶ୍ୱର ଚାରୋଟି ସର୍ବନିମ୍ନ କୋଭିଡ୍-୧୯ ମୃତ୍ୟୁ ହାର ଥିବା ରାଷ୍ଟ୍ର ମଧ୍ୟରେ ପରିଗଣିତ; ଯାହା କି ଏକ ନିୟୁତ ଲୋକସଂଖ୍ୟା ପିଛା ମାତ୍ର ଜଣେ। ଏହି ମହାମାରୀକୁ ପ୍ରତିହତ କରିବାରେ ଭିଏତ୍‌ନାମ ବଳିଷ୍ଠ ପଦକ୍ଷେପ ନେଇଛି। ଏହା ଯୋଗୁ ଦେଶରେ ବାଣିଜ୍ୟ ଓ ବ୍ୟବସାୟ ତୁରନ୍ତ ଉନ୍ମୋଚିତ ହୋଇପାରିଲା ଏବଂ ୨୦୨୦ରେ ଭିଏତନାମ ସମଗ୍ର ବିଶ୍ୱର 'ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି' ଭାବେ ସାବ୍ୟସ୍ତ ହେବାକୁ ଯାଉଅଛି। ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ର ସେମାନଙ୍କର ଆର୍ଥିକ ଉଦ୍ଧାର ପାଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଦ୍ୱାରସ୍ଥ ହୋଇଥିଲାବେଳେ ଭିଏତନାମ ୩ ପ୍ରତିଶତ ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିଚାଲିଛି। ସମଗ୍ର ବିଶ୍ୱର ବାଣିଜ୍ୟିକ କାରବାର ଭାଙ୍ଗିରୁଜି ଚୂରମାର ହୋଇଯାଇଥିଲେ ମଧ୍ୟ ଭିଏତ୍‌ନାମର ଅଭିବୃଦ୍ଧିର ଚାଳକ ହେଲା ରେକର୍ଡ ପରିମାଣର ବାଣିଜ୍ୟିକ ଉଦ୍‌ବୃତ୍ତାଂଶ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏସିଆ ମହାଦେଶରେ ପ୍ରଥମେ ଜାପାନ, ତା'ପରେ ତାଇୱାନ ଓ ଦକ୍ଷିଣ କୋରିଆ ଏବଂ ଖୁବ୍ ନିକଟ ଅତୀତରେ ଚାଇନା ନିଜକୁ ମାନୁଫାକ୍ଚରିଂଭିତ୍ତିକ ରପ୍ତାନିର ପାୱାର ହାଉସ ବା ଶକ୍ତି କେନ୍ଦ୍ର ଭାବେ ଗଢି ତୋଳି ଦାରିଦ୍ର୍ୟର ପିଞ୍ଜରା ଭିତରୁ ଉଦ୍ଧାର କଲେ। ଏବେ ଭିଏତନାମ ସେହି ଏକା ରାସ୍ତା ଆପଣେଇ ନେଇଛି । ସମଗ୍ର ବିଶ୍ୱ ଯେତେବେଳେ ଏକ କଠିନ ସମୟର ମୁହାଁମୁହିଁ ହେଉଛି ସେତେବେଳେ ଭିଏତନାମ ରାଷ୍ଟ୍ର ନିର୍ମାଣ କଳ୍ପେ ନିଜକୁ ଉତ୍ସର୍ଗ କରି ପ୍ରଗତିର ବିଜୟ ବାନା ଉଡାଇ ଚାଲିଛି । ଯୁଦ୍ଧ ପରବର୍ତ୍ତୀ 'ବେବି ବୁମ' ବା ଜନ୍ମ ହାରର ସାମୟିକ ଦୃଶ୍ୟମାନ ବୃଦ୍ଧି ସମୟ ଅପସରି ଯାଇଛି। କ୍ଷିପ୍ର ଜଗତୀକରଣର ଯୁଗ ସହ ସମୃଦ୍ଧିଭିତ୍ତିକ ବାଣିଜ୍ୟିକ କାରବାର ଓ ପୁଞ୍ଜିଲଗାଣ ସୁଅର ସମୟ ମଧ୍ୟ ପରିସମାପ୍ତି ହୋଇଯାଇଛି। ଅର୍ଥନୈତିକ ଅଭିବୃଦ୍ଧିରେ ଶିଥିଳତା ସମଗ୍ର ବିଶ୍ୱରେ ଅନୁଭୂତ ହେଉଅଛି । ଆମେରିକା ଭଳି ସୁପର ପାୱାରମାନେ ଜାପାନ, ତାଇୱାନ, ଦକ୍ଷିଣ କୋରିଆ ଓ ଚାଇନା ଭଳି ଏସୀୟ ବିସ୍ମୟଙ୍କ ଦ୍ୱାରା ବିଶ୍ୱରେ ଆଧିପତ୍ୟ ବିସ୍ତାର ପାଇଁ ବ୍ୟବହାର କରାଯାଉଥିବା ଉଦ୍ଦେଶ୍ୟ ସାଧନର ସାମୟିକ ପନ୍ଥାକୁ ଆଉ ଅଣଦେଖା କରିପାରୁନାହାନ୍ତି। 'କରେନ୍ସି ମାନିପୁଲେସନ'କୁ ନେଇ ଆମେରିକା ଭିଏତନାମ ପଛରେ ଅନୁସନ୍ଧାନ କରିବାରେ ଲାଗିପଡିଛି। ସେହି ଏହା ରକମର ଅଭିଯୋଗକୁ ନେଇ ଆମେରିକା ଚାଇନା ସହ ଆମଦାନୀ ଓ ରପ୍ତାନି ଶୁଳ୍କ ସମ୍ବନ୍ଧୀୟ ଯୁଦ୍ଧକୁ ମଧ୍ୟ ତ୍ୱରାନ୍ୱିତ କରିଥିଲା।

ଇତିହାସ କେବେ ବି ଏଭଳି ଏକ ଅନନ୍ୟ ସଫଳତା ଜୀବନରେ ଦେଖିନାହିଁ; ଯାହା କି ମୂଳ ଏସିଆ ମହାଦେଶର ବିସ୍ମୟ ସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ସହ ତୁଳନୀୟ ହୋଇପାରିବ। ଏହି ମୂଳ ଏସୀୟ ସଭ୍ୟତା ପାଞ୍ଚ ଦଶନ୍ଧି ଧରି କ୍ଷିପ୍ର ଗତିରେ ଅଭିବୃଦ୍ଧି ହାସଲ କରିଥିଲା; ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ସମୟରେ ରପ୍ତାନିରେ ଅଭିବୃଦ୍ଧି ହାରାହାରି ୨୦ପ୍ରତିଶତର ପାଖାପାଖି ଥିଲା, ଯାହା କି ସେ ସମୟର 'ଇମର୍ଜିଂ ନେସନ୍ସ' ବା ଉଦ୍‌ଭାସିତ ରାଷ୍ଟ୍ରଗୁଡ଼ିକର ଅଭିବୃଦ୍ଧି ତୁଳନାରେ ହାରାହାରି ଦୁଇ ଗୁଣ ଥିଲା। ଭିଏତନାମ ଗତ ତିନି ଦଶନ୍ଧି ଧରି ସେହିଭଳି ଏକା ରକମର ପଦକ୍ଷେପ ଗ୍ରହଣ କରି ଚାଲିଛି ଓ ନିରନ୍ତର ପ୍ରୟାସ ମଧ୍ୟ ଜାରି ରଖିଛି। ଏପରି କି ୨୦୧୦ ଦଶନ୍ଧିରେ ବିଶ୍ୱ ବାଣିଜ୍ୟିକ କାରବାର ମାନ୍ଦା ଅବସ୍ଥାକୁ ଆସିଯାଇଥିଲାବେଳେ ଭିଏତନାମର ରପ୍ତାନି ବର୍ଷକୁ ୧୬%ହାରରେ ବୃଦ୍ଧି ଘଟିଥିଲା, ଯାହା କି ବିଶ୍ୱର ଉଦ୍‌ଭାସିତ ରାଷ୍ଟ୍ରଗୁଡ଼ିକ ତୁଳନାରେ ୩ଗୁଣ ଅଧିକ ଥିଲା।

ଗତ ୩ ଦଶନ୍ଧି ଧରି ଭିଏତନାମର ହାରାହାରି ରୋଜଗାରରେ ୫ଗୁଣ ଅଭିବୃଦ୍ଧି ଘଟି ୩୦୦୦ଡଲାରରେ ପହଞ୍ଚିଥିଲା, ଯାହା କି ଭାରତ ଭଳି ରାଷ୍ଟ୍ରକୁ ମଧ୍ୟ ରାସ୍ତାରେ ଟପି ଯାଇଥିଲା। ଭିଏତନାମ ସାମାଜିକ ମଙ୍ଗଳକାରକ ଯୋଜନା ଓ ରପ୍ତାନି ଭିତ୍ତିଭୂମିର ଉନ୍ନତି ଉଭୟ କ୍ଷେତ୍ରରେ ପୁଞ୍ଜିଲଗାଣକୁ ସମତୁଲ କରି ରଖିବାରେ ସମର୍ଥ; ଯାହା କି ଅଧିକାଂଶ ଉଦ୍‌ଭାସିତ ରାଷ୍ଟ୍ରଗୁଡ଼ିକ କରିପାରିନାହାନ୍ତି। ଭିଏତନାମ ଭଳି ବିକାଶର ସ୍ତରରେ ଥିବା ରାଷ୍ଟ୍ରରେ ଦାରିଦ୍ର୍ୟ ଭିତରେ ବଞ୍ଚୁଥିବା ଲୋକମାନଙ୍କ ସଂଖ୍ୟା ଅସାଧାରଣ ଭାବେ ନିମ୍ନ ଥିଲାବେଳେ ଭିତ୍ତିଭୂମିର ଗୁଣାତ୍ମକ ମାନ ଅସାଧାରଣ ଭାବେ ଉର୍ଦ୍ଧ୍ୱରେ ଥିଲା।

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଅନୁଯାୟୀ ଭିଏତନାମରେ ଦିନକୁ ମୁଣ୍ଡପିଛା ୨ ଡଲାର ରୋଜଗାର କରୁଥିବା ଲୋକମାନଙ୍କର ଅନୁପାତ ୬୦%ରୁ ଖସି ୫ %ର କମ୍ ସ୍ତରକୁ ଆସିଯାଇଛି। ଦେଶର କୌଣସି ଗୋଟିଏ ହେଲେ ଲୋକକୁ ବି ପଛରେ ପଡି ରହିବାକୁ ଦିଆଯାଇନି, ଯାହାକୁ କି 'ଲିଭିଂ ନୋ ୱାନ ବିହାଇଣ୍ଡ' ବୋଲି କୁହାଯାଉଛି। ଇତି ମଧ୍ୟରେ ଭିଏତ୍‌ନାମ ସରକାର ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (ଜିଡିପି)ର ୮ ପ୍ରତିଶତ ବିଭିନ୍ନ ପ୍ରୋଜେକ୍ଟର ନିର୍ମାଣ ତଥା ରାସ୍ତା ଘାଟ ଓ ବନ୍ଦର ନିର୍ମାଣରେ ଭୀଷଣ ଭାବେ ଖର୍ଚ୍ଚ କରୁଅଛି। ଏଥିରୁ ଭାରତ ଶିଖିବାର ଅଛି। ଆମକୁ ମନେରଖିବାକୁ ପଡିବ ମୁଣ୍ଡ ପିଛା ମୋଟ ଆଭ୍ୟନ୍ତରୀଣ ଉତ୍ପାଦରେ ଦ୍ରୁତ ଅଭିବୃଦ୍ଧି ମାନବିକ ବିକାଶକୁ ସମ୍ଭବପର କରିଥାଏ।

ଭିଏତନାମ ବୈଦେଶିକ ଅର୍ଥକୁ ନାନାବିଧ ରପ୍ତାନି ଦ୍ରବ୍ୟର ମାନୁଫାକ୍ଚରିଂ ପାଇଁ ବିନିଯୋଗ କରିବା କ୍ଷେତ୍ରରେ ମଙ୍ଗ ଧରିଥାଏ। ଗତ ୫ବର୍ଷ ଭିତରେ ଭିଏତନାମରେ ସିଧାସଳଖ ବୈଦେଶିକ ପୁଞ୍ଜି ବିନିଯୋଗ (ଏଫ.ଡି.ଆଇ.) ମୋଟ ଘରୋଇ ଉତ୍ପାଦର ହାରାହାରି ୬ ପ୍ରତିଶତରୁ ଅଧିକ ଥିଲା; ଯାହା କି ଯେ କୌଣସି ଉଦ୍‌ଭାସିତ ରାଷ୍ଟ୍ର ପାଇଁ ସର୍ବାଧିକ। ଭିଏତନାମ ରପ୍ତାନି ଦ୍ରବ୍ୟର ବିନିର୍ମାତାମାନଙ୍କ ପାଇଁ ଏକ ଆଦରଣୀୟ ଲକ୍ଷ୍ୟସ୍ଥଳ ପାଲଟି ଯାଇଛି। ବିଗତ ଦଶକମାନଙ୍କରେ ତୀକ୍ଷ୍ଣ ଅଭିବୃଦ୍ଧି ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କ ମଜୁରି ବା ପାରଶ୍ରମିକ ଚାଇନା ତୁଳନାରେ ଅର୍ଦ୍ଧେକ ହୋଇଥାଏ ଏବଂ ଶ୍ରମ ଶକ୍ତି ଅଧିକ ଯଥାର୍ଥ ରୂପେ ଖୁବ୍ ଶିକ୍ଷିତ ହୋଇଥାନ୍ତି, ସେଥିପାଇଁ ସ୍କୁଲ ଶିକ୍ଷା କ୍ଷେତ୍ରରେ ପ୍ରଚୁର ବ୍ୟୟ ପରିମାଣକୁ ଆମେ ଧନ୍ୟବାଦ ଦେବା।

ମାର୍ଜିତ ଓ ରୁଚିସମ୍ପନ୍ନ ସାମଗ୍ରୀର ପ୍ରସ୍ତୁତି ପାଇଁ ଦକ୍ଷ ଏବଂ ଅଭିଜ୍ଞ ଶ୍ରମ ଶକ୍ତି ଉପଯୋଗରେ ଭିଏତନାମ ପ୍ରଗତିର ଗୋଟିକ ପରେ ଗୋଟିଏ ଶିଡ଼ି ଅତିକ୍ରମ କରି ଚାଲିଛି କୌଣସି ପ୍ରତିଦ୍ୱନ୍ଦ୍ୱୀଠାରୁ କ୍ଷିପ୍ର ଗତିରେ। ୨୦୧୫ରେ ଉଚ୍ଚ ମାନଯୁକ୍ତ ଲୁଗାପଟା, କପଡ଼ା ଏବଂ ଟେକ୍ସଟାଇଲ୍ସ ସାମଗ୍ରୀର ରପ୍ତାନି କ୍ଷେତ୍ରରେ ଭିଏତନାମ ଅଗ୍ରଣୀ ଭୂମିକା ସଂପାଦିତ କରିଥିଲା ଓ ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଯେତେବେଳେ କି ସମଗ୍ର ବିଶ୍ୱ କୋଭିଡ୍-୧୯କୁ ନେଇ ଅତ୍ୟନ୍ତ ତ୍ରସ୍ତ ଓ ପ୍ରପୀଡିତ ସେତେବେଳେ ଭିଏତନାମ ରେକର୍ଡ ପରିମାଣର ବାଣିଜ୍ୟିକ କାରବାର କରି ଖର୍ଚ୍ଚ ପରେ ବଳକା ପରିମାଣର ରାଜସ୍ୱ ଦେଖାଇପାରିଛି।

ସମଗ୍ର ବିଶ୍ୱରେ ଅଭିବୃଦ୍ଧି ହାର ମନ୍ଥର ହୋଇଯାଇଥିବାବେଳେ ଭିଏତନାମ କିଭଳି ବିସ୍ମୟ ପଥର ଯାତ୍ରୀ ହୋଇପାରିଲା? ସମ୍ଭବତଃ ଗତ ୫ବର୍ଷ ଭିତରେ କୌଣସି ବି ରାଷ୍ଟ୍ର ବିଶ୍ୱ ରପ୍ତାନି କ୍ଷେତ୍ରରେ ନିଜ ଅଂଶଧନର ଅଭିବୃଦ୍ଧି ଭିଏତନାମ ତୁଳନାରେ ଅଧିକ କରିପାରି ନାହାନ୍ତି। ଅଧିକାଂଶ ଭିଏତନାମ ଅଧିବାସୀ ଏବେ ବି ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ସହରମାନଙ୍କରେ ଥିବା କଳକାରଖାନାରେ କାମ କରିବା ପାଇଁ ଏହି ଲୋକମାନଙ୍କୁ ଅଣାଯାଇ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ହାସଲ କରାଯାଇପାରୁଛି, ଫଳତଃ ଦେଶର ଅର୍ଥନୀତି ସମୃଦ୍ଧ ହେଉଛି ଏବଂ ଆଗକୁ ମଧ୍ୟ ଏହି ଧାରା ବଜାୟ ରହିବ। ଭିଏତନାମର ଅଧିକାଂଶ ରାଷ୍ଟ୍ରାୟତ୍ତ କମ୍ପାନୀ ଘରୋଇକରଣ ହୋଇଯାଇଛି କିନ୍ତୁ ଯେଉଁ କମ୍ପାନୀଗୁଡିକ ଏବେ ବି ସରକାରୀ ମାଲିକାନାରେ ଅଛି ସେଗୁଡିକ ଖୁବ୍ ବୃହତ୍ ଏବଂ ଦେଶର ଅର୍ଥନୈତିକ ଉତ୍ପାଦନର ପରିମାଣର ପ୍ରାୟ ଏକ ତୃତୀୟାଂଶ; ଯାହା କି ୧୦ବର୍ଷ ତଳେ ମଧ୍ୟ ସମାନ ସ୍ତରର ଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାତ୍ରାଧିକ ଋଣ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ ଯାହା କି ଜାପାନ, ଦକ୍ଷିଣ କୋରିଆ ଏବଂ ତାଇୱାନ ଭଳି ଦେଶଗୁଡିକର କ୍ରମାଗତ ସହନୀୟ ଅଭିବୃଦ୍ଧିର ପରିସମାପ୍ତିର ମୁଖ୍ୟ କାରଣ ହୋଇଥିଲା ;ଯାହା କି ଏବେ ଚାଇନାର ମୁଣ୍ଡ ଉପରେ ତୀକ୍ଷଣ ଖଣ୍ଡା ହୋଇ ଝୁଲି ରହିଛି। ଯେ କୌଣସି ବିକାଶ ପଥରେ ଆସନ୍ନ ବିପଦ ମଧ୍ୟ ଭରି ରହିଛି। ସାଂପ୍ରତିକ ସ୍ଥିତି ଆଧାରରେ ଭିଏତନାମ ପୁରାତନ ଯୁଗରୁ ଏକ ବିସ୍ମୟ ଭାବେ ପ୍ରତିଭାତ ହେଉଅଛି ଏବଂ ସମୃଦ୍ଧିଶାଳୀ ହେବାପାଇଁ ରପ୍ତାନିକୁ ବଳବତ୍ତର କରି ଗଢି ତୋଳୁଛି ଓ ବିଶ୍ୱ ଅର୍ଥନୀତିକୁ ବାଟ ଦେଖାଉଛି।

ବି /୩, ଏଚ.ଆଇ.ଜି. କଲୋନୀ
ବରମୁଣ୍ଡା ହାଉସିଂ ବୋର୍ଡ
ଭୁବନେଶ୍ୱର, ମୋ:୯୩୩୮୨୦୪୯୯୩

# କାଉକଟାଳ, ମାଛି ଓ ମଳ



ରଞ୍ଜନ କୁମାର ଦାସ

ଏ ସଂସାରରେ କାଉ ଓ ମାଛି ସର୍ବତ୍ର ବିଦ୍ୟମାନ। ଏମାନେ ଅମର ବୋଲି ମନେ କରାଯାଏ। ଭାରତୀୟ ସଂସ୍କୃତିରେ କାଉ ଏକ କର୍କଶ ପକ୍ଷୀ, କୋଳାହଳ ଓ କଳହର ପ୍ରତୀକ। ଯେଉଁଠି ଯୁଦ୍ଧ, ଯେଉଁଠି ବିଭୀଷିକା, ଯେଉଁଠି ମୃତ୍ୟୁ, ଶବାଧାର ସେଠି କାଉର ଆବିର୍ଭାବ ହୁଏ। ସ୍ଥାନ ବିଶେଷରେ ଏମାନଙ୍କୁ ଅଶୁଭତ୍ୱର ପ୍ରତୀକ ବୋଲି କୁହାଯାଏ। ଏମାନେ ପଚାଶଢ଼ା ଜିନିଷ, ମୃତଜୀବର ମାଂସ ଆଦି ଭକ୍ଷଣ କରିଥାନ୍ତି। କାଉର କର୍କଶ ରାବ ଆମର ଏକାଗ୍ରତା ନଷ୍ଟ କରିଥାଏ। ୟୁରୋପୀୟ ଲୋକକଥାରେ ଏମାନଙ୍କୁ ମୃତ୍ୟୁର ଦୂତ ବା ବାର୍ତ୍ତାବହ ବୋଲି ମନେକରାଯାଏ। ଏମାନେ କୁଆଡ଼େ ଆସନ୍ନ ମୃତ୍ୟୁ, ବିଭୀଷିକା ଓ ବିପଦର ବାସ୍ନା ବାରିପାରନ୍ତି । ରାତ୍ରିକାଳରେ କାଉ ବୋବେଇବା ମଧ୍ୟ ଅତ୍ୟନ୍ତ ଅଶୁଭ ବୋଲି ଲୋକେ ମନେକରନ୍ତି। କିଛି କିଛି ସ୍ଥାନରେ କାଉକୁ ଏକ ଚତୁର ପ୍ରାଣୀ ରୂପେ ବିବେଚନା କରାଯାଏ। ଏହା କେବେ ପୋଷା ମାନେନା। କୌଣସି କୌଣସି ଜାଗାରେ ଏହା ଶନିଦେବଙ୍କର ବାହନ ରୂପେ ମଧ୍ୟ ଚିତ୍ରିତ। ଏ ସବୁକୁ ମିଶେଇଲେ କାଉ ବିଷୟରେ ଏକ ନକାରାତ୍ମକ ଚିତ୍ର ମନକୁ ଆସେ। ସେ ଚତୁର ହେଲେ ବି ଚୋର। କାକ ଭୂଷଣ୍ଡ ରୂପ ଧାରଣ କଲେ ବି ମୃତ୍ୟୁ ଓ ବିଭୀଷିକାର ପୟଗମ୍ବର। ଦେବଦୂତ ହେଲେ ବି ସବୁ ଅଶୁଭ କାର୍ଯ୍ୟରେ ଲିପ୍ତ ଓ ଅଶୁଭ କ୍ଷେତ୍ରରେ ବିଦ୍ୟମାନ। କାଉ କେବଳ ଏକ ପ୍ରତୀକ ମାତ୍ର। ଆମ ସମାଜରେ କାଉ ଭଳି ଅନେକ ଲୋକ ଥାଆନ୍ତି। ସେମାନେ ଦିନସାରା ରାଉ ରାଉ ନ ହେଲେ, କଳିତକରାଳରେ ଲିପ୍ତ ନ ରହିଲେ ତାଙ୍କୁ ଭଲ ଲାଗେନା। ସମସ୍ତଙ୍କୁ ଖୁମ୍ପିବା ତାଙ୍କର କାମ। ମା' ସୀତାଙ୍କୁ ବି କାଉ ଖୁମ୍ପିବାକୁ ପଛଘୁଞ୍ଚା ଦେଇ ନ ଥିଲା। ଅନ୍ୟର ଘରେ ପଶି ଶୁଖା ହୋଇଥିବା ଅରୁଆଚାଉଳ ବଡ଼ି ଖାଇଯିବା ତାଙ୍କ ଉଦ୍ଦେଶ୍ୟ। ସେମାନଙ୍କୁ ବିଭ୍ରାଟର ଅଗ୍ରଦୂତ ବୋଲି ମନେକରାଯାଏ। କାଉ ଭଳି ଏ ଲୋକମାନଙ୍କୁ ଯେତେ ଭଲ ଚର୍ଚ୍ଚା କଲେ ମଧ୍ୟ ସେମାନେ ବୋଲ ମାନିବା ଲୋକ ନୁହନ୍ତି। ଯେଉଁଠି ସେମାନେ ପହଞ୍ଚିଯାଆନ୍ତି କୋଳାହଳ ଆରମ୍ଭ ହୋଇଯାଏ।

କାଉ ଭଳି ମାଛି ମଧ୍ୟ ପୃଥିବୀର ସବୁଆଡେ ଦେଖାଯାଇଥାନ୍ତି। ମାଛିଗୁଡ଼ିକ ମଳ ଖୋଜନ୍ତି। ଯୋଉଠି ମଳ ଥିବ ଦୁର୍ଗନ୍ଧ ଅଳିଆ ଆବର୍ଜନା ଥିବ ସେମାନେ ସେଠି ବିଚରଣ କରିବାକୁ ଭଲ ପାଆନ୍ତି। ଯାବତୀୟ ପ୍ରକାର ରୋଗର ଜୀବାଣୁ ବହି ଆଣନ୍ତି। ମାଛି ମଧ୍ୟ କାଉ ପରି ରୋଗ ଯନ୍ତ୍ରଣା, ପୀଡ଼ା ଓ ମୃତ୍ୟୁର ବାର୍ତ୍ତାବହ। ଏମାନେ କୌଣସି ଦୃଷ୍ଟିରୁ ସମାଜର ହିତକାରୀ ଜୀବ ନୁହନ୍ତି। କାଉ ଭଳି ମାଛି ମଧ୍ୟ ଏକ ପ୍ରତୀକ ରୂପେ ବ୍ୟବହୃତ ହୁଏ। ଯେଉଁ ଲୋକ ମାଛି ପରି ଅଳିଆ ଆବର୍ଜନା ଓ ମଳ ସନ୍ଧାନରେ ଦିନରାତି ଲିପ୍ତ ଥାଏ ଏବଂ ଦୁର୍ଗନ୍ଧର ଅନୁଧାବକ ସେମାନେ ଇତର ଶ୍ରେଣୀୟ ବିବେଚିତ ହୋଇଥାନ୍ତି। ତାଙ୍କୁ କେହି ପାଖରେ ପୂରାନ୍ତି ନାହିଁ। ଦେଖିଲା ମାତ୍ରେ ଛେଇ ଛେଇ କରି ଘଉଡ଼ାନ୍ତି। ମାଛି ନ ଆସିବା ପାଇଁ ଯେମିତି ଘର ସଫାସୁତୁରା କରାଯାଏ, ଫିନାଇଲ ବ୍ଲିଚିଂ ପାଉଡ଼ର ପକାଯାଏ ସେମିତି ଏଇ ଶ୍ରେଣୀୟ ଲୋକମାନେ ଆମ ପାଖକୁ ନ ଆସିବା ପାଇଁ ଆମେ ଯାବତୀୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାଉ।

ସାମଗ୍ରୀକ ଭାବେ କହିବାକୁ ଗଲେ କାଉ ଓ ମାଛି ଏକ ଅପସଂସ୍କୃତିର ପ୍ରତିନିଧି। ମନ୍ଦିର ଅପେକ୍ଷା ମଶାଣିରେ, ଡ୍ରଇଁରୁମ ଅପେକ୍ଷା ପାଇଖାନାରେ ଏମାନଙ୍କର ଆତଯାତ ବେଶି। ଫଳ ଅପେକ୍ଷା ମଳ ଏମାନଙ୍କର ପ୍ରିୟ। ଆଲୋଚନା ଅପେକ୍ଷା କୋଳାହଳ ଏମାନଙ୍କର ଲକ୍ଷ୍ୟ। ସଂହତି ଅପେକ୍ଷା ଦୁର୍ଗତି ଏମାନଙ୍କର କାମ୍ୟ। ସଂରକ୍ଷଣ ଅପେକ୍ଷା ବିଘଟନରେ ଏମାନଙ୍କର ବେଶି ଆଗ୍ରହ। ସୁଗନ୍ଧ ଅପେକ୍ଷା ଦୁର୍ଗନ୍ଧର ସନ୍ଧାନ ଏମାନଙ୍କର ବ୍ରତ। କାହାକୁ ଜୀବନ୍ୟାସ ଦେବା ଅପେକ୍ଷା କାହାର ମୃତ୍ୟୁ କାମନା କରିବା ଏମାନର ପରମ ଧର୍ମ। ଖୁସି ବାଣ୍ଟିବା ଅପେକ୍ଷା ଦୁଃଖ ବାଣ୍ଟିବାରେ ଏମାନେ ସିଦ୍ଧହସ୍ତ।

ଅନେକ ସମୟରେ ଈଶ୍ୱରଙ୍କୁ ପ୍ରଶ୍ନ କରିବାକୁ ଇଚ୍ଛାହୁଏ, ଏମାନଙ୍କୁ ସୃଷ୍ଟି କରିବାର କାରଣ କ'ଣ? ଈଶ୍ୱରଙ୍କର କେଉଁ ଇଚ୍ଛାଟିକୁ ପୂରଣ କରିବାକୁ ଏମାନେ ଧରାପୃଷ୍ଠକୁ ଅବତରଣ କରିଛନ୍ତି? ଥରେ ଜଣେ ସଦ୍‌ଗୁରୁଙ୍କୁ ଏଇ କଥା ପଚାରିଲି। ସେ କହିଲେ ସୃଷ୍ଟିରେ ସଇତାନ ନ ଥିଲେ ଲୋକେ ଭଗବାନଙ୍କର ଶରଣାଗତ ହୁଅନ୍ତେ ନାହିଁ। ଅନ୍ଧାର ନ ଥିଲେ ଆଲୁଅର ମୂଲ୍ୟ ଲୋକେ ବୁଝନ୍ତେ ନାହିଁ। ମୃତ୍ୟୁ ନ ଥିଲେ ଜୀବନର ମହାର୍ଘତା ବୁଝି ହୁଅନ୍ତା ନାହିଁ। ଦୁର୍ଗନ୍ଧ ନ ଥିଲେ ସୁଗନ୍ଧର ଆରାଧନା ହୁଅନ୍ତା ନାହିଁ। ଆପେକ୍ଷିକ ତତ୍ତ୍ୱର ପ୍ରତିପାଦନ ପାଇଁ ଏମାନଙ୍କର ଉପସ୍ଥିତି ଅବଶ୍ୟମ୍ଭାବୀ।

ସତରେ ଏ ସୃଷ୍ଟିରେ କାଉ ଓ ମାଛି ସହ ଭଗବାନ କୋଇଲି ଏବଂ ମହୁମାଛିର ସୃଷ୍ଟି କରିଛନ୍ତି। କାଉ ଭଳି କଳା ଦିଶିଲେ ମଧ୍ୟ କୋଇଲିର କୁହୁତାନରେ ବିଭୋର ହୋଇଉଠେ ମଣିଷ। ପ୍ରେମର ସଂରଚନା କରେ କୋଇଲିର କୁହୁତାନ। କୋଇଲିର କୁହୁତାନ ବସନ୍ତର ଆଗମନୀ ବୋଲି ମନେ କରାଯାଏ। ଏହା କାମଦେବଙ୍କର ଅଗ୍ରଦୂତ ବୋଲି କେହି କେହି କହନ୍ତି। ଗ୍ରୀକ୍ ପୁରାଣରେ ପ୍ରେମ ଓ ବିବାହର ସଙ୍କେତ ଦିଏ କୋଇଲି। ଡେନ୍‌ମାର୍କରେ ଯେତେବେଳେ କୋଇଲିର ଶବ୍ଦ ଶୁଭେ, ଅବିବାହିତା ଝିଅମାନେ ପଚାରନ୍ତି ମୋର ବିବାହ କେବେ ହେବ। ଯେତେଥର ସେ ବୋବେଇବ ସେତେ ବର୍ଷ ପରେ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି। ସେମିତି ନରୱେରେ ବିଶ୍ୱାସ କରାଯାଏ ଯେ କୋଇଲିର ଶବ୍ଦ ଯଦି ପଶ୍ଚିମ ଦିଗରୁ ଆସେ ତେବେ ମନସ୍କାମନା ପୂର୍ଣ୍ଣ ହେବ। କୋଇଲି ପରି ମହୁମାଛି ମଧ୍ୟ ସୃଷ୍ଟିର ଏକ ଦିବ୍ୟ ସଂରଚନା। ମାଛି ପ୍ରଜାତିର ହେଲେ ବି ଏମାନେ ମଳ ସନ୍ଧାନରେ ନ ଯାଇ ମଧୁ ସନ୍ଧାନରେ ଯାଇଥାନ୍ତି। ଫୁଲରୁ ଫୁଲକୁ ଉଡ଼ିବୁଲି ଏମାନେ ମଧୁସଂଗ୍ରହ କରିବା ସହିତ ପରାଗ ସଙ୍ଗମରେ ମଧ୍ୟ ସାହାଯ୍ୟ କରିଥାନ୍ତି। ପରାଗ ସଙ୍ଗମ ଫଳରେ ବୃକ୍ଷମାନେ ଅଧିକ ପୁଷ୍ପବତୀ, ଫଳବତୀ ହୋଇଥାନ୍ତି ଓ ବୃକ୍ଷମାନଙ୍କର ବଂଶବିସ୍ତାର ହୋଇଥାଏ।

କାଉ ଓ ମାଛିଙ୍କ ପରି କୋଇଲି ଓ ମହୁମାଛଗୁଡ଼ିକ ମଧ୍ୟ ଗୋଟେ ଗୋଟେ ପ୍ରତୀକ ବୋଲି କୁହାଯାଇପାରେ। କୋଇଲି ଭଳି କିଛି ଲୋକ ଥାଆନ୍ତି ଯେଉଁମାନେ ନିଜ ମିଠା କଥାରେ, କୋମଳ ବ୍ୟବହାରରେ ଅନ୍ୟମାନଙ୍କୁ ମୁଗ୍ଧ କରିଥାନ୍ତି। ଏମାନେ କୌଣସି ପରିସରରେ ପହଞ୍ଚିଲେ ବସନ୍ତ ଆସିଗଲା ଭଳି ଲାଗେ। ସେମାନଙ୍କ ଶାନ୍ତ ଶୀତଳ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ଆହ୍ଲାଦିତ କରିଥାଏ। ମହୁମାଛି ଚରିତ୍ରର ଲୋକମାନେ ସବୁବେଳେ ମଧୁ ସନ୍ଧାନରେ ବ୍ୟସ୍ତ ଥାଆନ୍ତି। ସେମାନେ ଲେଖାପଢ଼ା, ବୌଦ୍ଧିକ, ଆଧ୍ୟାତ୍ମିକ ସଂସର୍ଗରେ ସମୟ ଅତିବାହିତ କରିଥାନ୍ତି ଏବଂ ସେଥିରୁ ସଂଗୃହୀତ ଜ୍ଞାନ ଓ ଅନୁଭୂତି ଅନ୍ୟକୁ ବିତରଣ କରି ଖୁସି ପାଇଥାନ୍ତି।

ଏ ସୃଷ୍ଟି ଏମିତି ଅନେକ ବିରୋଧାଭାସର ସମାହାର। କାଉଙ୍କ କର୍କଶ ରାବ ପୃଥିବୀକୁ ଯେତେ ଆକ୍ରାନ୍ତ କଲେ ବି କୋଇଲିର କୁହୁତାନ ସମଭାବରେ ପୃଥିବୀକୁ ମଧୁମୟ କରିବ। ମାଛିର ଗଣଗଣ ଯେତେ ବିରକ୍ତି ଭାବ ସୃଷ୍ଟି କଲେ ବି ମହୁମାଛିର ଗୁଣୁଗୁଣୁ ସୃଷ୍ଟିକୁ ପ୍ରେମମୟ, ସମ୍ଭାବନାମୟ କରିବ। କାଉ ଓ ମାଛି ରୂପୀ ମଣିଷମାନଙ୍କ ପ୍ରାଦୁର୍ଭାବ ଯେତେ ନିର୍ଯାତନା ଦେଲେ ମଧ୍ୟ ଆମକୁ ମନେରଖିବାକୁ ହେବ ଏବଂ ନିଜକୁ ଆଶ୍ୱାସନା ଦେବାକୁ ହେବ ଯେ କୋଇଲିର କୁହୁ ନିଶ୍ଚେ ଶୁଭିବ, ବସନ୍ତ ନିଶ୍ଚେ ଆସିବ, ଫୁଲ ଫଳରେ ମଣ୍ଡିତ ହେବ ପୃଥିବୀ, ଉଦ୍ୟାନରେ ଘୂରି ବୁଲିବେ ପ୍ରଜାପତି ଓ ମହୁମାଛି, ସେମାନଙ୍କ ଗୁଣୁଗୁଣୁ ଗୀତରେ, କୁହୁକୁହୁ ତାନରେ ପୃଥିବୀରେ ଖେଳିବ ପୁଣି ଉନ୍ମାଦନା। ଧ୍ୱଂସର ଭୈରବ ଭିତରେ ବି ଶୁଭିବ ପ୍ରେମର ପୂରବୀ!!

ମୋ-୯୪୩୭୨୮୬୫୧୨

## ଏଇ ଭାରତରେ

କୁହାଯାଏ ଅନ୍ନଦାନ ମହାପୁଣ୍ୟ। ସେଥିପାଇଁ କେରଳର ସୁରେଶ କୁମାର ଭୋକିଲା ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବର୍ଷେ କି ଦୁଇ ବର୍ଷ ନୁହେଁ ସେ ଏମିତି ୧୨ ବର୍ଷ ହେବ ଖାଇବାକୁ ଦେଉଛନ୍ତି। କନ୍ନୁର ଜିଲା ବାସିନ୍ଦା ସୁରେଶ ଏବେସୁଦ୍ଧା ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଇବାକୁ ଦେଇସାରିଲେଣି। ଏହି ସେବା ଲାଗି ଲୋକମାନେ ବି ତାଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି। ସୁରେଶ ବେକରି ଓ ବିଭିନ୍ନ ଦୋକାନରେ କାମ କରି ଯାହା ରୋଜଗାର କରନ୍ତି ତାହାକୁ ଏଥିରେ ଖର୍ଚ୍ଚ କରିଥାନ୍ତି। ସେ ବସଷ୍ଟାଣ୍ଡଗୁଡ଼ିକରେ ଏହି କାର୍ଯ୍ୟ ସମ୍ପର୍କିତ ବିବରଣୀକୁ ଛପାଇ ଲୋକମାନଙ୍କୁ ଦେଉଛନ୍ତି ଓ ସାହାଯ୍ୟ ଲୋଡୁଛନ୍ତି। ଏହା ଲାଗି ଦେଶର ବିଭିନ୍ନ ସ୍ଥାନରୁ ବି ତାଙ୍କ ପାଖକୁ ଲୋକମାନେ ଟଙ୍କା ପଠାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଯେଉଁମାନେ ଖାଦ୍ୟ ଦେବା ଲାଗି ଇଚ୍ଛୁକ ସେମାନେ କନ୍ନୁର ବ୍ଲକ୍ ଅଫିସ ନିକଟରେ ରନ୍ଧାଖାଦ୍ୟ ପହଞ୍ଚାଇବାକୁ ସେ ଅନୁରୋଧ କରିଥାନ୍ତି। ଘରେ ଯଦି ଅଧିକ ଖାଦ୍ୟ ରହିଥାଏ, ତେବେ ତାହାକୁ ଦିନ ୧ଟାରୁ ୨ଟା ମଧ୍ୟରେ ଏହି ଅଫିସ ନିକଟରେ ପହଞ୍ଚାଇବା ଲାଗି ଅନୁରୋଧ କରିଥାନ୍ତି ସୁରେଶ। ଉଭୟ ଆମୀଷ ଓ ନିରାମିଷ ଖାଦ୍ୟ ଲୋକମାନଙ୍କୁ ଦିଆଯାଇଥାଏ। ୧୨ ବର୍ଷ ତଳେ ପ୍ରଥମ ଦିନରେ ସେ ୨୫ଟି ମିଲ୍ ପାଇଥିଲେ ଓ ତାହାକୁ ୨୫ ଜଣଙ୍କୁ ଖାଇବାକୁ ଦେଇଥିଲେ। ତା'ପରଦିନଠାରୁ ଲୋକମାନେ ବେଶି ବେଶି ଖାଦ୍ୟ ଯୋଗାଇଦେବାରେ ଲାଗିଲେ। ଏମିତି କି ଗୋଟିଏ ଗୋଟିଏ ଦିନରେ ସେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଇବାକୁ ଦେଇପାରିଛନ୍ତି। ଏହି ସେବା ଆରମ୍ଭ ହେବା ଦିନଠାରୁ ଏଯାବତ୍ ଗୋଟିଏ ଦିନ ବି ବନ୍ଦ ହୋଇନାହିଁ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | | | | | B | 1 | | 4 | | C |
| | | | C | | | | | | 3 | | | | 6 | |
| | 4 | | | 0 | | | | D | | 8 | | | | |
| | 9 | | | | | 2 | 8 | 4 | A | | | B | | D |
| | | D | A | | | | 7 | | | 6 | | | | |
| 0 | D | | | A | B | | | 2 | | | 9 | | C | |
| | E | | | | 4 | 0 | | | 2 | | | 5 | | |
| | 8 | | | | | | | | 7 | | | | | |
| | | A | | 7 | 9 | 5 | 1 | | 4 | | | 2 | | |
| | | 4 | D | E | | | | | 5 | | | | | |
| | C | | 8 | | | 1 | | 5 | E | | | 3 | | |
| 7 | | | | C | | 4 | | | | | | | 0 | 2 |
| 3 | | 8 | 1 | 2 | | | | E | 9 | A | | | | |
| | | | | D | 3 | | C | | 6 | | 7 | | E | B |
| 1 | | | | | | A | 0 | 3 | | | | 8 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 0 | A | C | D | 1 | B | 4 | 3 | 8 | 7 | 9 | 6 | 2 | E |
| B | 9 | 2 | 0 | 6 | 7 | 8 | C | D | 4 | E | A | 3 | 5 | 1 |
| C | 3 | 7 | 9 | A | B | E | 1 | 0 | 2 | 6 | 5 | D | 8 | 4 |
| 1 | E | 6 | 2 | 4 | 8 | 9 | 5 | 7 | C | 3 | D | B | 0 | A |
| D | 8 | 4 | E | 3 | 5 | A | 6 | 2 | 1 | 0 | B | C | 9 | 7 |
| A | 6 | C | 4 | 1 | 2 | 3 | D | 5 | 9 | 8 | E | 7 | B | 0 |
| 8 | 4 | 1 | 6 | E | A | 2 | 7 | B | 5 | D | 0 | 9 | 3 | C |
| 2 | D | 0 | 3 | 7 | 9 | C | 8 | A | B | 1 | 6 | E | 4 | 5 |
| 9 | 5 | E | B | 8 | C | 4 | 0 | 6 | 7 | 2 | 3 | A | 1 | D |
| 3 | 7 | B | D | 5 | 0 | 1 | 9 | E | A | 4 | C | 8 | 6 | 2 |
| 7 | B | 5 | A | C | 3 | 0 | 2 | 4 | D | 9 | 8 | 1 | E | 6 |
| 4 | 1 | 9 | 8 | 2 | 6 | 5 | E | C | 3 | A | 7 | 0 | D | B |
| E | 2 | 3 | 7 | 0 | 4 | D | B | 8 | 6 | C | 1 | 5 | A | 9 |
| 0 | C | 8 | 5 | 9 | D | 6 | A | 1 | E | B | 4 | 2 | 7 | 3 |
| 6 | A | D | 1 | B | E | 7 | 3 | 9 | 0 | 5 | 2 | 4 | C | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକଙ୍କ ଆନ୍ଦୋଳନ ଦୁଃଖଦାୟକ

ମହାଶୟ,

ଦେଶର କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ,ଦେଶର ଭଗୀରଥ । ସେମାନେ ଦେଶର କର୍ଣ୍ଣଧାର,ଦେଶର ଅନ୍ନଦାତା, ପ୍ରାଣଦାତା । କୃଷକମାନେ ନ ଥିଲେ ଦେଶରେ ଅନ୍ନର ଅଭାବ ଦେଖାଦେବ । ଲୋକମାନେ ଭୋକିଲା ପେଟର ଜ୍ୱାଳା ସହି ନ ପାରି ମୃତ୍ୟୁପଥର ଯାତ୍ରୀ ହେବେ । ସରକାରୀ କର୍ମଚାରୀମାନେ ଆନ୍ଦୋଳନ କଲେ ଦେଶର ସାମାନ୍ୟତମ କ୍ଷତି ହୋଇପାରେ। କିନ୍ତୁ କୃଷକମାନେ ଯଦି ହଳ ଲଙ୍ଗଳ ଛାଡି ଆନ୍ଦୋଳନ କରିବେ, ଦେଶର ସମ୍ପୂର୍ଣ୍ଣ କ୍ଷତି ହେବ । ଜମି ପଡିଆ ପଡିଯିବ । ଦେଶରେ କୃଷକମାନଙ୍କ ମନରେ ଆଘାତ ଦେଲା ଭଳି ଆଇନ କରିବା ଅନୁଚିତ । କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଯୋଗୁ ସାରା ଦେଶର କୃଷକ ହଜାର ହଜାର ସଂଖ୍ୟାରେ ମିଳିତ ହୋଇ ଯେପରି ଆନ୍ଦୋଳନ କରୁଛନ୍ତି ତାହାକୁ କେନ୍ଦ୍ର ସରକାର ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ସିଧାସଳଖ କୃଷକମାନଙ୍କ ସହ ଆଲୋଚନା କରିବା ଆବଶ୍ୟକ। ନ ହେଲେ କୃଷକମାନଙ୍କର ଆନ୍ଦୋଳନ ତୀବ୍ର ହେବ ବୋଲି ଜଣାପଡୁଛି। କୃଷି ଆଇନକୁ ନେଇ କୃଷକମାନେ ରାସ୍ତାରେ ପଡି ରହିବା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଳି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ-ଚୁମ୍ବ ତା'ର।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅତିଷ୍ଠ କଲାଣି ତେଲ ଦର




କରୋନା ମହାମାରୀ ଯୋଗୁ ଖାଉଟି ବର୍ତ୍ତମାନ ନାନା ସଙ୍କଟ ଦେଇ ଗତି କରୁଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା, ନିଯୁକ୍ତି ହ୍ରାସ, ବେତନ କାଟ ଏବଂ ଦରଦାମ ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି। ଏଭଳି ପରିସ୍ଥିତିରେ ଲଗାତର ପେଟ୍ରୋଲ ଓ ଡିଜେଲ ବୃଦ୍ଧି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ପ୍ରାୟ ୨ ମାସ ଦର ବୃଦ୍ଧି ବିରତି ପରେ ପୁଣି ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢ଼ିଚାଲିଛି। ଗତ ୧୯ ଦିନ ମଧ୍ୟରେ ତେଲ ଦର ୧୫ଥର ବଢ଼ିଲାଣି। ଅପରପକ୍ଷରେ ଗତ ୬ ଦିନ ହେବ ଇନ୍ଧନ ଦରରେ ବିରତି ଲାଗି ପାରୁନାହିଁ। ତେଲ ମୂଲ୍ୟରେ ବର୍ତ୍ତମାନ ରେକର୍ଡ ସ୍ତର ଟପିଛି। ବର୍ତ୍ତମାନ ମୁମ୍ବାଇରେ ଲୋକମାନେ ପେଟ୍ରୋଲ ଲିଟର ପାଇଁ ୯୦.୩୪ ଟଙ୍କା ଦେଉଛନ୍ତି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଦର ୨ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚି ୮୩.୭୧ ଟଙ୍କା ହୋଇଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ୮୫ ଟଙ୍କା ଛୁଇଁବାକୁ ବସିଲାଣି। ଏହି ଦର ବୃଦ୍ଧିକୁ ନେଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ମତ...

### ସବୁ ବର୍ଗର ଲୋକଙ୍କ ପାଇଁ ବୋଝ



କରୋନା ମହାମାରୀ ଭଳି ମହାସଙ୍କଟ ସମୟରେ ତେଲ ଦର ବୃଦ୍ଧି ସବୁ ବର୍ଗର ଲୋକଙ୍କ ପାଇଁ ଏକ ବୋଝ ହେବା ସହ ବିଭିନ୍ନ ସମସ୍ୟା ମଧ୍ୟ ସୃଷ୍ଟି କରିଛି। ବର୍ତ୍ତମାନ ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଛି ନ ହେଲେ ଏହି ଦର ବୃଦ୍ଧି ମଧ୍ୟବିତ୍ତ ପରିବାର ପାଇଁ ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିସାରିଥାନ୍ତା।

– ଶାଶ୍ୱତୀ ମିଶ୍ର, ଛାତ୍ରୀ,ବାଣୀବିହାର

### ସାଧାରଣ ପରିବାର ପାଇଁ କଷ୍ଟକର



କୋଭିଡ୍-୧୯ ପାଇଁ ବର୍ତ୍ତମାନ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ଏହି ଅସମୟରେ ତେଲ ଦର ବୃଦ୍ଧି ସାଧାରଣ ପରିବାର ପାଇଁ ବହୁ କଷ୍ଟକର ବିଷୟ। ପାଠପଢ଼ା ପାଇଁ ଘରୁ ଯେଉଁ ପଇସା ମିଳୁଛି ତାର ସିଂହ ଭାଗ ତେଲ ପକାରେ ଯାଉଛି। ଫଳରେ ବାହାରର ଖର୍ଚ୍ଚ କାଟ କରିବା ପାଇଁ ପଡୁଛି। ନଚେତ ସାଇକେଲ ଧରି ପାଠପଢିବା ପାଇଁ ଯିବାକୁ ହେବ।

– ବିନୟ ଦାସ, ଛାତ୍ର, ବିଜେବି କଲେଜ

### ଦର ବଢିଲେ ସମସ୍ୟା ଆହୁରି ବଢିବ



ପ୍ରତିଦିନ ତେଲ ଦର ଯଦି ବୃଦ୍ଧି ହେବ ତା ହେଲେ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଆହୁରି ସମସ୍ୟା ସୃଷ୍ଟି କରିବ। ମାନ୍ଦାବସ୍ଥା ସମୟରେ ତେଲ ଦର ବୃଦ୍ଧି ଯୋଗୁ ସାଧାରଣ ପରିବାରଗୁଡିକ ଘରୁ ଗାଡି ବାହାର କରିବା ବନ୍ଦ ହେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଦର ବୃଦ୍ଧି ଯୋଗୁ ଅଧିକ ଥର ବାହାରକୁ ଗାଡି ନେବା ବର୍ତ୍ତମାନ ସମୟରେ ସମ୍ଭବ ହେଉନାହିଁ।

– ଅକ୍ଷୟ ଦାସ, ଆଇନଜୀବୀ, ଭୁବନେଶ୍ୱର ବାର୍

### ବୋଝ ଉପରେ ନଳିତା ବିଡ଼ା



ତେଲ ଦର ବୃଦ୍ଧି ହେଲେ ମଧ୍ୟ କାମ ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଛି। ବର୍ତ୍ତମାନର ମାନ୍ଦାବସ୍ଥା ସାଙ୍ଗକୁ ତେଲ ଦର ଭାରି କଷ୍ଟଦାୟକ। ମଧ୍ୟବିତ୍ତ ଲୋକ ସବୁ ସମୟ ଓ ପରିସ୍ଥିତିକୁ ନେଇ ସହିଯାଉଛି। କାରଣ ସେ ତାର ଦୁଃଖକୁ କହି ପାରୁ ନାହିଁ କି ସହି ପାରୁ ନ ଥିବା ଭଳି ସ୍ଥିତି ବର୍ତ୍ତମାନ ସମୟରେ ଉପୁଜିଛି। ଗୋଟିଏ ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଅନ୍ୟ ପଟେ ତେଲ ଦର ବୃଦ୍ଧି ସତେ ଯେପରି ବୋଝ ଉପରେ ନଳିତା ବିଡା ଭଳି ସମସ୍ୟା ସୃଷ୍ଟି ହୋଇଛି।

– ବୀରେନ୍ଦ୍ର ମିଶ୍ର, ବ୍ୟବସାୟୀ, ଭୁବନେଶ୍ୱର

### ସରକାର ଜାଣିଶୁଣି ଦର ବୃଦ୍ଧି କରୁଛନ୍ତି



ଏହି ମହାମାରୀ ସମୟରେ ସରକାର ଜାଣିଶୁଣି ତେଲ ଦର ବୃଦ୍ଧି କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ତେଲ ଦର ବୃଦ୍ଧିର ପ୍ରମୁଖ କାରଣ। ମହାମାରୀ କହି ସରକାର ଦେଶକୁ ଲୁଟ କରୁଥିବା ବେଳେ, ତେଲ କମ୍ପାନୀଗୁଡିକ ମଧ୍ୟ ଏହି ଅସମୟରେ ଦର ବୃଦ୍ଧି କରି ଖାଉଟିଙ୍କୁ ଲୁଟୁଛନ୍ତି। ଏହା ଗରିବ ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଲା ଭଳି ପରିସ୍ଥିତି ହୋଇପଡିଛି।

– ସଂଘମିତ୍ରା ଜେନା, ନାରୀନେତ୍ରୀ

### ଟିକସ କମିଲେ ଦର କମିପାରନ୍ତା



ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା କୋଭିଡ୍-୧୯ ଟିକସ ହ୍ରାସ କରିଦେଲେ ତେଲ ଦର କିଛି ପରିମାଣ କମ୍ ହୋଇପାରନ୍ତା। ଏହା ଦ୍ୱାରା ଗ୍ରାହକଙ୍କ ଉପରେ ପଡୁଥିବା ଅତିରିକ୍ତ ବୋଝ କିଛି ପରିମାଣରେ ଲାଘବ ହୋଇପାରିବ। ଏ ନେଇ ସରକାର ପଦକ୍ଷେପ ନେବା ଆବଶ୍ୟକତା ରହିଛି।

– ସଞ୍ଜୟ ଲାଠ, ୟୁପିଡିଏ ସମ୍ପାଦକ

### ଆଳ ଦେଖାଇ ଟିକସ ଆଦାୟ ହେଉଛି



ବର୍ତ୍ତମାନ ସମୟ ଭଳି ତେଲ ଦର ଗତ ୨୦ ବର୍ଷ ମଧ୍ୟରେ କେବେ ବଢି ନ ଥିବା ଭଳି ମନେ ହେଉଛି। ଏହି ଦର ବୃଦ୍ଧି ଫଳରେ ସବୁ ବର୍ଗର ଲୋକ ଗାଡି ବ୍ୟବହାରକୁ କମ୍ କରି ଦେଇଛନ୍ତି। ଏକା ଥରେ ବହୁତ ଗୁଡିଏ କାମ କରିବା ଲକ୍ଷ୍ୟରେ ଘରୁ ଗାଡି ବାହାର କରୁଛନ୍ତି। ତେଲ ଦର ବୃଦ୍ଧିକୁ ସରକାର ଜାଣିଶୁଣି ବଢାଇଛନ୍ତି। କୋଭିଡ୍ ଆଳରେ ଅତିରିକ୍ତ ଶୁଳ୍କ ଖାଉଟିଙ୍କ ନିକଟରୁ ଆଦାୟ କରିବା ଯୋଗୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

– ଡ. ମାନସ ଦାସ, ଖାଉଟି

### ତେଲ ଦରରେ ନିୟନ୍ତ୍ରଣ ଲାଗୁ



ମହାମାରୀ ସମୟରେ ସରକାର ତେଲ ଦର ଉପରେ ନିୟନ୍ତ୍ରଣ ନ ଲଗାଇବା ଯୋଗୁ ସାଧାରଣ ଲୋକଙ୍କୁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡୁଛି। ତେଲ ଦର ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ମଧ୍ୟବିତ୍ତ ପରିବାର ଉପରେ ବୋଝ ହୋଇପଡିଛି। ଏହି ଦର ବୃଦ୍ଧି ଯଦି ଆଗକୁ ଆହୁରି ବଢିବ ତା ହେଲେ ଘରେ ଘରେ ବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି।

– ପୁଷ୍ପା ଦାସ, ଗୃହିଣୀ

### ଲୋକଙ୍କ ସମସ୍ୟା ଦେଖାଯାଉନି



କରୋନା ସମୟରେ ଲୋକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ପେଟ୍ରୋଲ, ଡିଜେଲ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ। ଏହାର ଦର ବଢ଼ିଲେ ଖାଉଟିଙ୍କ ଉପରେ ବୋଝ ପଡ଼ିଥାଏ। ହେଲେ କରୋନା କାଳରେ ଦର ବୃଦ୍ଧି ଲୋକଙ୍କ ସମସ୍ୟାକୁ ଆହୁରି ବଢ଼ାଉଛି। ଏହା ସରକାରଙ୍କୁ ଦେଖାଯାଉନି। ଭାରତ ତୁଳନାରେ ଅନ୍ୟ ଦେଶଗୁଡ଼ିକରେ ତେଲ ଦର କମ୍ ରହୁଛି। ମାତ୍ର ସରକାର ଇନ୍ଧନ ଦରରେ ଉଚ୍ଚ ପରିମାଣର ଟିକସ ଲାଗୁ କରିବା ଯୋଗୁ ଏହା ଆକାଶ ଛୁଆଁ ହେଲାଣି। ଏହି ସମୟରେ ଖାଉଟି ହଇରାଣ ହେଉଛନ୍ତି। ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ନ ଲାଗିଲେ ସାଧାରଣ ଲୋକଙ୍କ ସମସ୍ୟା ଆହୁରି ବଢ଼ିବ।

– ଚିନ୍ମୟ ପ୍ରକାଶ ରାଉତରାୟ, କର୍ମଜୀବୀ

## ୧୨ରେ ବର୍ଷା ସମ୍ଭାବନା: ୧୫ରୁ ବଢ଼ିବ ଶୀତ

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ରାଜ୍ୟକୁ ପ୍ରବେଶ କରୁଛି। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ରାତିରୁ ପଶ୍ଚିମ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୧୩ ଓ ୧୪ ତାରିଖରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ଛାଡ଼ିବା ପରେ ୧୫ ତାରିଖରୁ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କେତେକ ସ୍ଥାନରେ ପ୍ରବଳ କୁହୁଡି ହେବାର ସମ୍ଭାବନା ରହିଛି। କଳାହାଣ୍ଡି, ରାୟଗଡା, ବୌଦ୍ଧ, ସୋନପୁର, କୋରାପୁଟ ଏବଂ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ରାଜ୍ୟରେ ଗତ କିଛିଦିନ ହେବ ହାଲୁକା ଶୀତ ଜାରିରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଅନ୍‌ଲାଇନ୍‌ରେ ପୁଣି ମହାପ୍ରସାଦ ବିକ୍ରି

ପୁରୀ ଅଫିସ, ୮।୧୨

**ପିଣ୍ଟରେଷ୍ଟ କମ୍ପାନୀ ବିରୋଧରେ ଏତଲା**

ଅନ୍‌ଲାଇନ୍‌ରେ ପୁଣି ମହାପ୍ରସାଦ ବିକ୍ରିକୁ ନେଇ ବିବାଦ ମୁଣ୍ଡ ଟେକିଛି। ପିଣ୍ଟରେଷ୍ଟ କମ୍ପାନୀ ଅନ୍‌ଲାଇନ୍‌ରେ ମହାପ୍ରସାଦ ଓ ଶୁଖିଲା ଭୋଗ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏ ନେଇ ପିଣ୍ଟରେଷ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି।

ସେବାୟତ ଖୁଣ୍ଟିଆ ଏତଲାରେ ଦର୍ଶାଇଛନ୍ତି ଯେ, ଏଭଳି ଘଟଣା ଲୋକଙ୍କ ଭାବାବେଗର ବିଷୟ। ଶ୍ରୀମନ୍ଦିର ପ୍ରଶାସନର ବିନାନୁମତିରେ ମହାପ୍ରସାଦ ବିକ୍ରି କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କାର୍ଯ୍ୟାନନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପିଣ୍ଟରେଷ୍ଟ କମ୍ପାନୀ ନିଜ ୱେବସାଇଟ୍‌ରେ ମହାପ୍ରସାଦ ବିକ୍ରିର ଫଟୋ ଛାଡ଼ି ଜୋରଦାର ପ୍ରଚାର ଚଳାଇଛି। ତେଣୁ ଏହି କମ୍ପାନୀକୁ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ଦାବି କରିଛନ୍ତି। ପୂର୍ବରୁ ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ଓ ମହାପ୍ରସାଦ ବିକ୍ରିକୁ ନେଇ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସୂଚନାଯୋଗ୍ୟ, ପ୍ରଥମେ ଆମାଜନ୍ କମ୍ପାନୀ ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏବେ ପୁଣି ଏଭଳି ଘଟଣା ଶ୍ରଦ୍ଧାଳୁ ଓ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଭଳି କାର୍ଯ୍ୟ ରୋକିବା ପାଇଁ ଅନଲାଇନ ସଂସ୍ଥାଗୁଡ଼ିକ ବିରୋଧରେ ଆଇନ ଆସିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଲାଣି। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇ ଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK - 753001
No. 6734/PSC Dt.07.12.20
(DR-IV)(2PL-01-2020-21)

**PROGRAMME OF COMPUTER BASED RECRUITMENT EXAMINATION (CBRE) FOR RECRUITMENT TO THE POST OF INSURANCE MEDICAL OFFICER & SPECIALIST IN GROUP - A**

No. D-122: This is for information of the candidates that, it has been decided by the Commission to hold the **Computer Based Recruitment Examination (CBRE)** for recruitment to the Posts of Insurance Medical Officer & Specialist in Group-A (Junior Branch) of Odisha Employees State Insurance Medical Services Cadre under Labour & ESI Department, pursuant to Advertisement No. 02 of 2020-21 on **20.12.2020** at the following Institutions as per following Programme:

| Sl. No. | Centre (Venue) Name | Complete Addess with Landmark | Venue Google Coordinates | No. of Candidates allotted with Roll Nos. |
|---|---|---|---|---|
| 1 | Isha Innotech | E-51, 1st Floor, Inforcity, Patia, Besides Vodafone Office, Infocity, Bhubaneswar - 751024 | https://goo.gl/maps/6ewbchHDp6LEPgeqr8 | Roll No. 101 to 215 = 115 Candidates |
| 2 | Regional College of Management (RCM) | Plot No. GD-2/12 & 13, Chakadola Vihar, Chandrasekharpur, Bhubaneswar, Odisha - 751023 | https://g.page/rcmcollege?share | Roll No. 216 to 352 = 137 Candidates |

For facilitation of candidates, a Mock Test link will be available in the website of the Commission with effect from 12.12.2020 for practice of the candidates before appearing at the examination.
The "Admission Certificates" and "Instructions to candidates" of the admitted candidates will be uploaded in the website of the Commission at **(www.opsc.gov.in)** with effect from 14.12.2020 onwards.
The candidates are required to download their "Admission Certificate" and "Instructions to Candidates" from the website of the Commission for admission to the examination. No separate correspondence will be made on this score.

Sd./- Secretary
OIPR-12002/11/0057/2021

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ। ଅଗ୍ରିମ: 65 ଲକ୍ଷ ଭଡ଼ା: 45 ହଜାର ଯୋଗାଯୋଗ 9451882120

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179 8480403308

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748 94337-13945

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401 8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786 8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**STEEL AND POWER PLANT JOB**
ଓଡିଶା ଶିଳ୍ପାଞ୍ଚଳ ସୁନ୍ଦରଗଡ.କେନ୍ଦୁଝର. ଝାରସୁଗୁଡା.ଅନୁଗୁଳ.ଢେଙ୍କାନାଳ.କଟକ. ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ।
Qualification: 9th/10th to B.Tech
Salary : Rs 9,380/- to Rs 90,800/-
Email your CV to : plantsvisa@gmail.com
7606082800

**REQUIRED**
OFFICE ASST., MANAGER, FRONT OFFICE LADY, ENGINEER (F/M), ARCHITECT, MARKETING EXECUTIVE (F/M), SITE SUPERVISOR, PA LADY, PEON and CAR DRIVER.
Contact: 9238482524, 9090732020, 9090964245

**URGENT REQUIRED**
- TELECALLER
- CCTV TECHNICIAN
- B.COM GRADUATE
- OFFICE BOY

FOR BHUBANESWAR LOCATION
-: CONTACT :-
8984063446, 9937790459
MAIL ID - utilityservices.bbsr@gmail.com

**କାର୍ ଡ୍ରାଇଭର ଆବଶ୍ୟକ**
ଜଗତପୁର ଅଫିସ୍ ପାଇଁ
ଯୋଗାଯୋଗ ପାଇଁ Mobile No.
9437021279 7381075901

**KALINGA SUPER SPECIALTY HOSPITAL**
Chandrasekharpur, Bhubaneswar-751023, Odisha
Ph: 06742300570, Website: www.kalingahospital.com
Kalinga Hospital Ltd. a multi-disciplined ISO-90012008 certified Corporate Hospital in Bhubaneswar is looking for:

| POSITION | QUALIFICATION |
|---|---|
| CONSULTANT | MEDICINE, NEPHROLOGY, PAEDIATRIC, ENDOCRINOLOGY |
| STAFF NURSE (ICU) | NURSING |
| TECHNICIAN | OT, BLOOD BANK, ENDOSCOPY, GASTROENTEROLOGY |
| ASSISTANT MANAGER | QUALITY |
| RMO(ICU) | INDOOR DOCTOR |

Interested candidates may apply within 10 days of this publication to HR Manager, Kalinga Hospital or Email their resume at info@kalingahospital.com, hr@kalingahospital.com

**PARADIP PORT TRUST** SAGARMALA
No. AD/RSC-1-21/66/2011/2885 Dated: 2nd Dec., 2020
**INTERVIEW**
Applications are invited from Indian Nationals for filling up **five General Duty Medical Officers** on **Contractual** basis in Paradip Port Trust.
For further details, refer to our website
**www.paradipport.gov.in**
Last date is **18.12.2020.** Sr. Asst. Secretary
PPT/PR/329/20-21 Dated: 4.12.2020

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited
Gondwana Place, Kanke Road, Ranchi - 834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM Portal **https://gem.gov.in**"

**ସର୍ବସାଧାରଣ ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ **ପଞ୍ଜୀକୃତ ଇମେଲ୍ ଠିକଣା:** pankajdhanuka@gmail.com ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ:** ଡିସେମ୍ବର ୨୪, ୨୦୨୦ @ ପୂ. ୧୧.୦୦ ଘ. **ନିଲାମ ସମାପ୍ତିର ତାରିଖ ଓ ସମୟ:** ଡିସେମ୍ବର ୨୪, ୨୦୨୦ @ ଅ. ୪.୩୦ ଘ. |
| ୯ | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡରମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଡିସେମ୍ବର ୨୨, ୨୦୨୦ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡରମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡରମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ। |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ ଆଇଏନଆର ୬୦ କୋଟି ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ ଆଇଏନଆର ୫୦ ଲକ୍ଷର ଅମାନତ ରାଶି ଜମା (ଇଏମଡି) ଦାଖଲ କରିବାକୁ ହେବ। |

ଦ୍ରଷ୍ଟବ୍ୟ: ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀକୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ।
ବିଡରମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି। ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିକୁ ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.mtpcl.inରେ ଅଧିସୂଚିତ ହେବ।

ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ଡିସେମ୍ବର ୯, ୨୦୨୦
ସ୍ଥାନ: କୋଲକାତା

## ଚୋରି କରି ୬ ଯୁବକ ଧରାପଡ଼ିଲେ

ଠାକୁରମୁଣ୍ଡା,(ଡି.ଏନ୍.ଏ.)- ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ଆଲୋକୀକରଣ ନିମନ୍ତେ ଲାଗିଥିବା ସୌରଚାଳିତ ଲାଇଟ୍ ଖୁଣ୍ଟରୁ ସୋଲାର ପ୍ଲେଟ ଚୋରି କରି ଆଣୁଥିବା ବେଳେ ମଙ୍ଗଳବାର ୬ ଯୁବକ ଧରାପଡ଼ିଛନ୍ତି। ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ଠାକୁରମୁଣ୍ଡା ଥାନା ପୋଲିସ ଏକ ମାମଲା (ନଂ.୧୧୩/୨୦) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେଲୋପୋଷି ଗ୍ରାମର ଜାଡ଼େଶ୍ୱର ମହାନ୍ତ, ଦିପୁ ମହାନ୍ତ, ନୀଳ ଲୋହାର, ଦେବେନ୍ଦ୍ର ମହାନ୍ତ, ବାସୁଦେବ ମହାନ୍ତ ଓ ଲୋଚନ ମହାନ୍ତ।

# ପଥପ୍ରାନ୍ତ ସଭା, ବିକ୍ଷୋଭ

**ବାରିପଦା ଅଫିସ/ ଠାକୁରମୁଣ୍ଡା/ଖୁଣ୍ଟା/ କପ୍ତିପଦା/ ରାଇରଙ୍ଗପୁର (ଡି.ଏନ୍.ଏ.),୮।୧୨**

ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ମୟୂରଭଞ୍ଜ ଜିଲାରେ ମଙ୍ଗଳବାର ଭାରତ ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଥିଲା। ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ସିପିଆଇ, ଏଆଇଟିୟୁସି, ସିପିଏମ, କଂଗ୍ରେସ ଓ ଜେଏମ୍ଏମ ପକ୍ଷରୁ ଜିଲାର ସଦର ମହକୁମା ବାରିପଦା ସମେତ ବିଭିନ୍ନ ଅଞ୍ଚଳରେ ଜନସାଧାରଣ ବନ୍ଦକୁ ସମର୍ଥନ ଜଣାଇଥିଲେ। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବଜାରରେ ପିକେଟିଂ କରି ବ୍ୟାଙ୍କ ଗୁଡ଼ିକ ବନ୍ଦ କରିବା ସହିତ ରାସ୍ତା ଉପରେ ବସି ବିକ୍ଷୋଭ କରିଥିଲେ। ଜଗବନ୍ଧୁ ମିଶ୍ର, ସୁଦର୍ଶନ ରାଉଳ, ଶ୍ରୀକାନ୍ତ ସାମଲ, ମହେଶ୍ୱର ବେହେରା, ସଞ୍ଜୟ କୁମାର ଜେନାଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ଥିଲେ।

ଠାକୁରମୁଣ୍ଡାଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବନ୍ଦ ସମର୍ଥନରେ ପଥପ୍ରାନ୍ତ ସଭା କରାଯାଇଥିଲା। କର୍ମୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ବଜାର ପରିକ୍ରମା କରିଥିଲେ। ଅଲ ଇଣ୍ଡିଆ କ୍ଷେତ ମଜଦୁର ସଂଗଠନ ର ବ୍ଲକ ସମ୍ପାଦକ କମ୍ରେଡ଼ ବାଜୁରାମ ସିଧୁ, ଏସ୍‌ୟୁସିଆଇ



ବାରିପଦାରେ ବନ୍ଦ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମୟୂରଭଞ୍ଜରେ ବନ୍ଦ ପ୍ରଭାବ

ଜିଲା କମିଟିର ସମ୍ପାଦକ କମ୍ରେଡ଼ ସାଦ ଚରଣ ବଦରା, କିଷାନ କ୍ଷେତ ମଜଦୁର ସଂଗଠନ ବ୍ଲକ କମିଟିର ସଭାପତି ସିଙ୍ଗରାଇ ହୋଙ୍କ ସମେତ କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

ଖୁଣ୍ଟାରେ ବନ୍ଦ ପାଳନର ମିଶ୍ରିତ ପ୍ରଭାବ ଦେଖାଦେଇଥିଲା। ନବନିର୍ମାଣ କୃଷକ ସଙ୍ଗଠନର ଖୁଣ୍ଟା ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର, ଗୋପବନ୍ଧୁ ନଗର ସଂଯୋଜକ କମଳାକାନ୍ତ ମହାକୁଡ଼, ସକ୍ରିୟ ସଦସ୍ୟ ଜୟଦୀପ ସାହୁ ଓ ବରିଷ୍ଠ ଚାଷୀ ଗୌରାଙ୍ଗ ପୁଥାଳଙ୍କ ନେତୃତ୍ୱରେ ଚାଷୀମାନେ ଖୁଣ୍ଟା ପୁରୁଣାପାଣି ଛକଠାରେ ଧାରଣାରେବସିଥିଲେ। ସୁନୀଲ କୁମାର ଟୁଡୁଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ ।

କପ୍ତିପଦା ବ୍ଲକ୍ ଅଞ୍ଚଳରେ ବନ୍ଦ ପାଳନର ପ୍ରଭାବ ପଡ଼ିଥିଲା। ଏସ୍‌ୟୁସିଆଇ ପକ୍ଷରୁ ଶ୍ୟାମ ବାନରା, ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ବାଙ୍ଗରା ଉଗ୍ରସାଣ୍ଡି, ସୁବୁଧିଆ ହାଇବୁରୁ, ଯୁବରାଜ ସାମାଡ, ଅଲ ଇଣ୍ଡିଆ ଯୁବ ସଂଗଠନ ପକ୍ଷରୁ ସମା ସମୁରାଇ, ଭାଗବତ ସାଉୟାଁ, ଅଲ ଇଣ୍ଡିଆ ଛାତ୍ର ସଂଗଠନ ପକ୍ଷରୁ ଗୋବିନ୍ଦ ହାଇବୁରୁ, ଯତୀନ୍ଦ୍ର ବାନରା ଏବଂ ସାତାରି ସିଂ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ ।

ରାଇରଙ୍ଗପୁର ସହରାଞ୍ଚଳରେ ବନ୍ଦ ସଫଳ ହୋଇଥିଲା। ବନ୍ଦ ସମର୍ଥକମାନେ ପିକେଟିଂ କରିବା ସହ ରାସ୍ତାରେ ବସି ରହିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୋକାନ ବଜାର, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

## କୃଷି ଆଇନ ବିରୋଧରେ ବନ୍ଦ ପାଳନ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ ଆରଡ଼ି/ବନ୍ତ,୮।୧୨ (ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭଦ୍ରକରେ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ଥିଲେ। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି(ଏଆଇକେଏସ୍‌ସିସି) ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସମର ବଳ, ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ରାଧା ଦାସ, ସଂଗ୍ରାମ ବଳ, ଜୟନ୍ତୀ ବିଶ୍ୱାଳ, ଜଗନ୍ନାଥ ରାଉତ ପ୍ରମୁଖ ଉକ୍ତ କୃଷି ଆଇନ ବିରୋଧରେ ବର୍ଷିଥିଲେ। ସେହିପରି ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନ ସହିତ କଂଗ୍ରେସ କର୍ମକର୍ତ୍ତା ଓ ନବନିର୍ମାଣ କୃଷକ ସଙ୍ଗଠନ ସଦସ୍ୟ ବନ୍ଦର ନେତୃତ୍ୱ ନେଇଥିଲେ। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ଯୁବନେତା ନିଗମାନନ୍ଦ ଜେନା, ଧରଣୀଧର ଜେନା, ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଯୋଗେନ୍ଦ୍ର ନାୟକ, ନିରାକାର ମିଶ୍ର, ବିବେକାନନ୍ଦ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଆରଡ଼ି ଅଞ୍ଚଳରେ କଂଗ୍ରେସ ଓ ସିପିଆଇଏମ୍‌ର କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଆରଡ଼ି ବସ୍‌ଷ୍ଟାଣ୍ଡ ଓ ବେତାଳିଗାଁ ବଜାରରେ ଆଖଣ୍ଡଳମଣି-ଭଦ୍ରକ ରାଜ୍ୟ ରାଜପଥକୁ ଅବରୋଧ କରି ଧାରଣାରେ ବସିଥିଲେ। କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା, ତ୍ରିଲୋଚନ ଦାସ, ଭବରଞ୍ଜନ ମହାନ୍ତି, ଶିବାନନ୍ଦ ପାଢ଼ୀ, ବିପ୍ଳବ ଭଞ୍ଜ, ସିପିଏମ୍ ନେତା ଦିବାକର ସାହୁ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ବନ୍ତ ଥାନା ଓ କେନ୍ଦୁଆପଦା ଛକରେ ସିପିଆଇ, ସିପିଏମ୍, କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ଗୋପବନ୍ଧୁ ସେଠୀ, ରମେଶ ଜେନା, କଂଗ୍ରେସ ନେତା ନିରଞ୍ଜନ ମଲ୍ଲିକ ଓ ସିପିଏମ୍ ନେତା ପ୍ରତାପ ସେଠୀ ନେତୃତ୍ୱ ନେଇଥିଲେ।



ବନ୍ଦ ପାଳନ ଅବସରରେ ଭଦ୍ରକରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା।

### ସଂକ୍ଷେପରେ

## ଶଶୁର ହତ୍ୟାକାରୀ ଜ୍ୱାଇଁ ଗିରଫ

**ବାରିପଦା ଅଫିସ/ବୈଶିଙ୍ଗା(ଡି.ଏନ୍.ଏ.), ୮।୧୨:** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ଶଶୁରଙ୍କୁ ନୃଶଂସ ହତ୍ୟା ଘଟଣାରେ ଅଭିଯୁକ୍ତ ଜ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ସିଂ। ତାଙ୍କୁ ବାଲେଶ୍ୱର ଜିଲା ରୂପସା ଥାନା ଅଞ୍ଚଳରୁ ଗିରଫ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଦାଆକୁ ପୋଲିସ ଜବତ କରିଛି। ମୃତକ ବେତନଟୀ ଥାନା କ୍ଷୀରିପଦା ଗ୍ରାମର ରମେଶ ସିଂଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ. ୨୯୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

ତଦନ୍ତକାରୀ ଅଫିସର ଲକ୍ଷ୍ମୀଧର ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ନାତିର ପ୍ରଥମାଷ୍ଟମୀ ପାଇଁ ଆସିଥିବା ରମେଶଙ୍କୁ ଜ୍ୱାଇଁ ରାଜୁ ଓ ତାଙ୍କ ବଡ଼ଭାଇ ଲବ ହାତ ଗୋଡ଼ ବାନ୍ଧି ଏକ ଦାଆରେ ଗଳାକାଟି ନୃଶଂସ ଭାବେ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ରାଜୁ ଓ ତାଙ୍କ ଭାଇ ଫେରାର ହୋଇ ଯାଇଥିଲେ। ପୋଲିସ ରାଜୁଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଭାଇ ଲବଙ୍କୁ ଧରିବା ଚଢ଼ାଉ ଜାରି ରଖିଥିବା ସୂଚନା ଦେଇଛି।

## ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ରାଇରଙ୍ଗପୁର,୮।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ମଦନଶାଳା-ପୋଖରୀଆ ଗ୍ରାମ ନିକଟସ୍ଥ ମହିଷାସିଂ ଡ୍ୟାମ୍‌ରୁ ମଙ୍ଗଳବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବାଇଗଣକୁଦର ଗ୍ରାମର ଦାମ ପୂର୍ତ୍ତି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଦାମ ଖାଇସାରି ବାହାରକୁ ଯାଉଛି ବୋଲି କହି ଘରୁ ଆସିଥିଲେ। ତେବେ ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଡ୍ୟାମ୍ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଆଶାକର୍ମୀଙ୍କ ପରଲୋକ

**ଭଦ୍ରକ ଅଫିସ,୮।୧୨:** ଭଦ୍ରକ ବ୍ଲକ ବନ୍ଧଗାଁ ଆଶାକର୍ମୀ କନକଲତା ସାମଲଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ କର୍ତ୍ତବ୍ୟନିଷ୍ଠା ପାଇଁ ଜିଲା ଓ ରାଜ୍ୟ ତରଫରୁ ପୁରସ୍କୃତ ହୋଇ ଜିଲାକୁ ଗୌରବାନ୍ୱିତ କରିଥିଲେ। ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲାର ଆଶା ସଂଗଠନ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ବେଧଡ଼କ ଚାଲିଛି ଗଞ୍ଜା ଲଢ଼େଇ, ଜୁଆଖେଳ

**ପାଟଣା, ୮।୧୨( ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସାପ୍ତାହିକ ହାଟ ଗୁଡିକରେ ବେଧଡ଼କ ଚାଲିଛି ଗଞ୍ଜା ଲଢେଇ ଆଉ ଜୁଆ ଖେଳ। ଅନୁରୂପ ଭାବେ ତୁରୁମୁଙ୍ଗା ଥାନା କଣ୍ଟିଆପଡା ପଞ୍ଚାୟତ ଜାମୁନାଳୀ ଓ ବୁଢ଼ୀକାପୁଡି ପଞ୍ଚାୟତ ନେଉଳପଶି ସାପ୍ତାହିକ ହାଟରେ ମଙ୍ଗଳବାର ଗଞ୍ଜା ଲଢେଇଚାଲିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜା ଲଢେଇ ଘେରି ଭାଙ୍ଗିବାରୁ ଲୋକ ମାନେ ଯିଏ ଯୁଆଡେ ଛତ୍ର ଭାଙ୍ଗ ଦେଇ ଚାଲିଯାଇଥିଲେ।

## ମଦ ସହ ଅଟୋ ଜବତ, ଜଣେ ଗିରଫ

**ପାଟଣା, ୮।୧୨(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତୁରୁମୁଙ୍ଗା ବଜାର ନିକଟ ଏକ ଢାବା ନିକଟରୁ ମଙ୍ଗଳବାର ତୁରୁମୁଙ୍ଗା ପୋଲିସ ବିଦେଶୀ ମଦ ଜବତ କରିବା ସହ ବେଆଇନ ମଦ ବ୍ୟବସାୟରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ରାଇକଳା ଗ୍ରାମର ଗଣେଶ ଦେହୁରୀ। ପୋଲିସ ଏକ ଅଟୋ ମଧ୍ୟରୁ ମୋଟ ୨୦ ବୋତଲ ନିବ ଜବତ କରିବା ସହ ଅଟୋକୁ ମଧ ଜବତ କରିଛି।

## ଶ୍ମଶାନ ଜମିକୁ ନେଇ ଦୁଇପକ୍ଷ ମୁହାଁମୁହିଁ

**ଚାନ୍ଦବାଲି,୮।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଲିଗାଁରେ ଶ୍ମଶାନ ଜମି ବିବାଦକୁ କେନ୍ଦ୍ରକରି ଦୁଇପକ୍ଷ ମୁହାଁମୁହିଁ ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ ସଂଖ୍ୟାଲଘୁ ପରିବାର ପକ୍ଷରୁ ୪ ଏକର ଶ୍ମଶାନ ଜମିକୁ ବାଡ଼ ଦେଇ କବ୍‌ଜା କରୁଥିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ସହ ଉକ୍ତ ପରିବାର ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ମାର୍‌ପିଟ୍ ହୋଇଥିଲା। ଏଥିରେ ଜଣେ ପ୍ରସୂତି ଆହତ ହୋଇଛନ୍ତି। ଏହି ବିବାଦ ଉଗ୍ରରୂପ ନେବାରୁ ପାଖ ୩ଟି ଗାଁର ଲୋକ ଏକଜୁଟ ହେବାରୁ ଜବରଦଖଲ ପାଇଁ ଆସିଥିବା ବ୍ୟକ୍ତିମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଉଭୟ ପକ୍ଷରୁ ଚାନ୍ଦବାଲି ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ କରାଯାଇଛି। ଶ୍ମଶାନ ଜମି ବିବାଦ ଏବେ କୋର୍ଟରେ ବିଚାରାଧୀନ ଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ବାସ୍କେଟ ବଲ୍: କଟକ ସେଲ୍‌ଟିକ୍‌ସ ଚାମ୍ପିୟନ



ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

**ଭଦ୍ରକ ଅଫିସ,୮।୧୨**

ଭଦ୍ରକ ବାସ୍କେଟ ବଲ୍ ଏକାଡେମୀ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଦିବାରାତ୍ର ବାସ୍କେଟ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ସେଲ୍‌ଟିକ୍‌ସ ଦଳ ଚାମ୍ପିୟନ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୮ ଦଳ ଭାଗ ନେଇଥିଲେ। ଲିଗ୍ ନକ୍‌ଆଉଟ ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଭଦ୍ରକର ସୁଟିଂ ଷ୍ଟାରକୁ ୨ ପଏଣ୍ଟରେ ହରାଇ କଟକର ସେଲ୍‌ଟିକ୍‌ସ ଚାମ୍ପିୟନ ହୋଇଛି। ପ୍ରଥମେ କଟକ ଓ ଭଦ୍ରକର ବାଳିକା ବିଭାଗର ଦୁଇଟି ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳା ଯାଇଥିଲା। ଅତିଥି ଭାବେ ଭଦ୍ରକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନର କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଭଦ୍ରକର ଇନ୍ସପେକ୍ଟର ଅଫ୍ ଫିଜିକାଲ ଏଜୁକେଶନ ରାଜେନ୍ଦ୍ର ବିଶ୍ୱାଳ, ଓଆର୍‌ପିଏଚ୍‌ଆଇସିର ଡାଇରେକ୍ଟର ଅସିତ୍ ନାୟକ ଓ ସାମାଜିକ କର୍ମୀ ରାଜେନ୍ଦ୍ର ରାଉଳ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶୁଭମ୍ ବଇଠାଙ୍କୁ ଏମର୍‌ଜିଂ ପ୍ଲେୟର ଓ କଟକର ଆଦିତ୍ୟ ପଟ୍ଟନାୟକଙ୍କୁ ମୋଷ୍ଟ ଭାଲ୍ୟୁଏବୁଲ ପ୍ଲେୟର ପୁରସ୍କାର ପ୍ରଦାନ କରାଯାଇଥିଲା। ଭଦ୍ରକ ବାସ୍କେଟ ବଲ୍ ଏକାଡେମୀର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ନାବାଳକଙ୍କୁ ମାଡ଼: ଫାର୍ମହାଉସ୍ ମାଲିକ ଗିରଫ

**ବନ୍ତ,୮।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବରପଦୀ ଅଞ୍ଚଳର ଏକ ଫାର୍ମହାଉସରେ କାର୍ଯ୍ୟରତ କେୟାର ଟେକର ତଥା ଜଣେ ନାବାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଫାର୍ମହାଉସ୍ ମାଲିକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବରପଦୀର ରବୀନ୍ଦ୍ର ନାୟକ। ଅଭିଯୋଗ ଅନୁଯାୟୀ, ଗତ ୨ ବର୍ଷ ହେବ କେନ୍ଦୁଝର ଜିଲା ନନ୍ଦିପଦୀ ଥାନା ଅଞ୍ଚଳର ନାବାଳକ ରବୀନ୍ଦ୍ରଙ୍କ ଫାର୍ମହାଉସ୍‌ରେ କେୟାର ଟେକର ଭାବେ କାମ କରିଆସୁଥିଲେ। ଗତ ନଭେମ୍ବର ୨୯ରେ ସାମାନ୍ୟ ଭୁଲ୍ ପାଇଁ ନାବାଳକଙ୍କୁ ମାଡ଼ ମରାଯିବା ସହ ଜୋର ଜବରଦସ୍ତ ବିଷ ପିଆଇ ଦିଆଯାଇଥିବା ନେଇ କୌଣସି ଲୋକ ଚାଇଲ୍ଡ ଲାଇନର ଟୋଲଫ୍ରି ନମ୍ବରକୁ କଲ୍ କରି ଖବର ଦେଇଥିଲେ। ନଭେମ୍ବର ୩୦ରେ ଚାଇଲ୍ଡ ଲାଇନ ଟିମ୍ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ସେତେବେଳେ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଏ ସମ୍ପର୍କରେ ଭଦ୍ରକ ଚାଇଲ୍ଡ ଲାଇନ ସେଣ୍ଟର କୋ-ଅର୍ଡିନେଟର ସରସ୍ୱତୀ ମହାରଣା ଗତ ୩ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୧୬୯/୨୦) ରୁଜୁ କରି ତଦନ୍ତ ପୂର୍ବକ ରବୀନ୍ଦ୍ରଙ୍କୁ ଗିରଫ କରିଛି।

## ୨୬ ଭୂମିହୀନ ପାଟଣା ତହସିଲ ଦ୍ୱାରସ୍ଥ

**ପାଟଣା, ୮।୧୨(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅଧୀନ ତୁରୁମୁଙ୍ଗା ମୌଜାର ୨୬ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସୋମବାର ପାଟଣା ତହସିଲ କାର୍ଯ୍ୟାଳୟକୁ ଆସି ସରକାରଙ୍କ ତରଫରୁ ସେମାନଙ୍କୁ ଦିଆଯାଇଥିବା ୪ ଡେସିମିଲ ଲେଖାଏଁ ଭୂମିହୀନ ପଟାର ଜମି ଚିହ୍ନଟ କରିଦେବାକୁ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଏହି ୨୬ ଜଣ ବ୍ୟକ୍ତିଙ୍କର ଘରବାଡି ପଟା ନଥିବାରୁ ୨୦୦୬ ମସିହାରୁ ସରକାରଙ୍କ ପକ୍ଷରୁ ଏମାନଙ୍କୁ ୪ ଡେସିମିଲ ଲେଖାଏ ଘର ବାଡ଼ି ଜମି ପଟା ପ୍ରଦାନ କରାଯାଇଥିଲା। ଉକ୍ତ ଜମିର ଚିହ୍ନଟ ହୋଇ ନ ଥିବାରୁ ଏହି ଗରିବ ପ୍ରଜା ମାନେ ଗୃହ ନିର୍ମାଣ କରି ପାରୁ ନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁଙ୍କୁ ପଚାରିବାରୁ ସେମାନଙ୍କ ଅଭିଯୋଗ ଆମର ହସ୍ତଗତ ହୋଇଛି। ୧୫ ବର୍ଷ ପୂର୍ବରୁ ଏମାନେ ପାଇଥିବା ପଟା ଉପରେ କିଭଳି ଦଖଲ ପାଇନାହାନ୍ତି ତାହା ତଦନ୍ତ କରି ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମୋରଡ଼ାରେ ପଶିଲେ ୫୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ


ଉପଦ୍ରବ ଚଳାଇଥିବା ଝାଡ଼ଖଣ୍ଡୀ ହାତୀ।

**ଚିତ୍ରଡ଼ା,୮।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ମଙ୍ଗଳବାର ୫୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ପ୍ରବେଶ କରିଛନ୍ତି। ହାତୀପଲ ଭାତଛତର ଜଙ୍ଗଲ ହୋଇ ମୋରଡ଼ାରେ ପ୍ରବେଶ କରିଛନ୍ତି। ସପ୍ତାହ ତଳେ ଝାଡ଼ଖଣ୍ଡୀ ହାତୀପଲ ଫେରି ଯାଇଥିବା ବେଳେ ପୁଣି ଏକ ହାତୀ ପଲ ଆସିବା ଚାଷୀଙ୍କ ନିଦ ହଜାଇ ଦେଇଛି। ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏନେଇ ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାରୁ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଥିବା କହିଛନ୍ତି।

## ଦିବ୍ୟାଙ୍ଗ ଶିଶୁଙ୍କୁ ଭେଟିଲେ ପର୍ଯ୍ୟଟନ ମନ୍ତ୍ରୀ

**ଖଇରା, ୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସାଉଁଣ୍ଠିଆ ଗ୍ରାମର ୪ବର୍ଷର ଦିବ୍ୟାଙ୍ଗ ଶିଶୁ ରାସେଶ୍ୱରୀଙ୍କୁ ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭେଟି ସହଯୋଗର ହାତ

### ଧରିତ୍ରୀ ପ୍ରଭାବ

ବଢାଇଛନ୍ତି । ସୋମବାର ସେ ପଞ୍ଚାୟତ ବିଜେଡି ସଭାପତି ଅନାଦି ଚରଣ ଦାସ ଓ ପୂର୍ବତନ ସରପଞ୍ଚ କରୁଣାକର ଜେନାଙ୍କ ସହ ସାଉଁଣ୍ଠିଆ ଗ୍ରାମକୁ ଯାଇ ରାସେଶ୍ୱରୀଙ୍କ ମା' ସୁମତୀ ବେହେରା ଓ ବାପା ତାପସଙ୍କୁ ଭେଟି ଝିଅର ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଥିଲେ। ପୂର୍ବରୁ ରାସେଶ୍ୱରୀଙ୍କୁ ଭେଟିଥିବା ମେଡିକାଲ ଟିମ୍ ସହ ଫୋନରେ ରୋଗର କାରଣ ଓ ନିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ପିଲାବେଳୁ ମେରୁଦଣ୍ଡ ମୋଡି ହୋଇ ରହିଥିବା ରାସେଶ୍ୱରୀଙ୍କ ସମ୍ପର୍କରେ ୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ଏଥିସହ ମନ୍ତ୍ରୀ ସାଉଁଣ୍ଠିଆ ପୋଲ ପାଖରୁ ବାସିଦ୍ଦିପୁର ରାସ୍ତାର ଉନ୍ନତି ପାଇଁ ୨ଲକ୍ଷ ଟଙ୍କା ଘୋଷଣା କରିଥିଲେ।


ମା' ସୁମତୀ, ବାପା ତାପସଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା।

# ମୋବାଇଲ ସେବା ଅଚଳ

**ଯୋଡା, ୮।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଅଧୀନରେ ଥିବା ଖଣି ବହୁଳ ଅଞ୍ଚଳ ଜୁରୁଡି, ଜଜାଙ୍ଗ, ଜରିବାହାଲ ପ୍ରଭୃତି ଅଞ୍ଚଳରେ ବିଏସ୍‌ଏନ୍‌ଏଲ ମୋବାଇଲ ସେବା ଅଚଳ ହୋଇପଡିଛି। ଜୁରୁଡି ଠାରେ ଥିବା ଏସେଲ ମାଇନିଂ ଖଣି ହତା ମଧ୍ୟରେ ବିଏସ୍‌ଏନ୍‌ଏଲ ଟାୱାର ସ୍ଥାପିତ ହୋଇଥିଲା। ଏସେଲ ଖଣି କମ୍ପାନୀ ନିଲାମ ଡାକରେ ଖଣି ହରାଇଥିବାରୁ କମ୍ପାନୀକୁ ଖଣି ଛାଡିବାକୁ ପଡିଥିଲା। ଫଳରେ କମ୍ପାନୀ ନିଜର ସମସ୍ତ ବିଦ୍ୟୁତ୍ ଲାଇନକୁ ଛିନ୍ନ କରି ଜୁରୁଡି ଅଞ୍ଚଳରୁ ଚାଲିଯାଇଛି। ଏଣେ ନିଲାମ ପାଇଥିବା ନୂତନ ଲିଜ୍‌ଧାରୀ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଛି। ଅପରପକ୍ଷେ ବିଏସ୍‌ଏନ୍‌ଏଲ ଟାୱାରକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ଛିନ୍ନ ହୋଇଛି। ଫଳରେ ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀ ମୋବାଇଲ ସେବାରୁ ବଞ୍ଚିତ ହୋଇଛନ୍ତି। କରୋନା ସମୟରେ ସ୍କୁଲ ଓ କଲେଜରୁ ଅନ୍‌ଲାଇନ କ୍ଲାସ ହେଉଥିବାବେଳେ ଛାତ୍ରୀଛାତ୍ର ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରୀ ସୀମା ଶୁଭଦର୍ଶିନୀ କର, ପିହୁ ମହାନ୍ତି, ମମତା ପାତ୍ର ପ୍ରମୁଖ କହିଛନ୍ତି ଯେ, ପାହାଡ ଉପରକୁ କିମ୍ବା ଗଛ ଉପରକୁ ଚଢିବା ପରେ ଯୋଡ଼ାର ଟାୱାର ଏଠାରେ ଆଂଶିକ ଧରୁଛି । ଏଥିରେ ଯେପର ହେଲେ ଅନ୍‌ଲାଇନ କ୍ଲାସ କରିବାକୁ ପଡୁଛି । ସେହିପରି ଜୁରୁଡିରେ ମୋବାଇଲ ସେବା ଦୀର୍ଘ ପ୍ରାୟ ଏକ ମାସ ଧରି ଅଚଳ ଅବସ୍ଥାରେ ହୋଇପଡିଛି । ଏଥିଯୋଗୁ ବ୍ୟାଙ୍କ ସେବା, ବ୍ୟବସାୟ ପ୍ରଭାବିତ ହେଉଛି ବୋଲି ସ୍ଥାନୀୟବାସୀ କହିଛନ୍ତି। ଏ ସମ୍ପର୍କରେ ଯୋଡା ଟେଲିକମ୍ ବିଭାଗର ଏସ୍‌ଡିଓ ନବକିଶୋର ସେଠୀଙ୍କୁ ପଚାରିବାରୁ ଖଣି ଲିଜ୍ ସରିବା ପରେ ଏସେଲ ଖଣି କମ୍ପାନୀ ନିଜର ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିବାରୁ ଗ୍ରାହକଙ୍କୁ ସେବା ଯୋଗାଇବାରେ ଅସୁବିଧା ହୋଇଥିଲା। ବିଭାଗ ପକ୍ଷରୁ ଏକ ଜେନେରେଟର ସଂଯୋଗ କରି ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଳ୍ପ କିଛି ଦିନ ହେଲା ମୋବାଇଲ ସେବା ଯୋଗାଇବା ଆରମ୍ଭ ହୋଇଛି। ବିଦ୍ୟୁତ୍ ବିଭାଗକୁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ବିଭାଗ ଆବେଦନ କରିଛି ବୋଲି ସେ କହିଛନ୍ତି।


ନେଟୱର୍କ ନ ଥିବାରୁ ଜଣେ ଯୁବକ ଗଛରେ ଚଢି ମୋବାଇଲରେ କଥା ହେଉଛନ୍ତି।

## ବନ୍ଧୁକ ଦେଖାଇ ୭୦ହଜାର ଲୁଟ୍

**ବାରିପଦା ଅଫିସ,୮।୧୨**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ମୁର୍ଗାବାଡ଼ି ଛକରେ ଥିବା ଏକ ଲୁହାଛଡ଼ ଦୋକାନ ସମ୍ମୁଖରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୭୦ହଜାର ଲୁଟି ନେଇଛନ୍ତି। ଲୁଟ୍ ସମୟରେ ପ୍ରତିବାଦ କରିବାରୁ ବ୍ୟବସାୟୀ ଶମ୍ଭୁଦୟାଲ ଖଣ୍ଡେଲୱାଲ, ସମ୍ପର୍କୀୟ ଉମେଶ ଖଣ୍ଡେଲୱାଲ ଓ କର୍ମଚାରୀ ସୁନୀଲ ମହାନ୍ତଙ୍କୁ ଦୁର୍ବୃତ୍ତମାନେ ମାରି ଆହତ କରିଥିଲେ। ଶମ୍ଭୁଦୟାଲଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୮୭୪/୨୦)ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଚାଲିଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି ।

## ସଂକ୍ଷେପରେ

### କରୋନା ଆରୋଗ୍ୟ ସଂଖ୍ୟା ୩,୧୬,୯୭୦

**ଭୁବନେଶ୍ୱର, ୮।୧୨(ବ୍ୟୁରୋ):** ରାଜ୍ୟରେ କରୋନା ତଳମୁହାଁ ହେଉଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ଅନ୍ୟପକ୍ଷରେ ପ୍ରତିଦିନ ଆରୋଗ୍ୟ ହାର ଅଧିକ ରହୁଛି। ମଙ୍ଗଳବାର ରାଜ୍ୟରେ ଆଉ ୫୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୩,୧୬,୯୭୦ରେ ପହଞ୍ଚିଛି। ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୧୦୬ ଛୁଇଁଛି। ଏମାନଙ୍କ ମଧ୍ୟରେ ଗଜପତିରେ ସର୍ବନିମ୍ନ ୨ଜଣ ସକ୍ରିୟ ରୋଗୀ ଥିବା ବେଳେ ସୁନ୍ଦରଗଡ଼ରେ ସର୍ବାଧିକ ୩୫୦ଜଣ ରହିଛନ୍ତି। ସେହିପରି ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୩୪୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରୁ ୧୯୮ଜଣ ଥିବାବେଳେ ୧୫୧ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୨୧,୯୧୩ରେ ପହଞ୍ଚିଛି। ଅପରପକ୍ଷରେ ଗତ ୨୪ଘଣ୍ଟାରେ କରୋନାରେ ଆଉ ୬ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ପୁରୀରୁ ୨ ଏବଂ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଖୋର୍ଦ୍ଧାରୁ ଜଣେ ଲେଖାଏ ରହିଛନ୍ତି। ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୭୮୪ରେ ପହଞ୍ଚିଛି।

### ୧୭ ଲକ୍ଷର ବ୍ରାଉନସୁଗାର ଜବତ, ୨ ଗିରଫ

**ବାରଙ୍ଗ,୮।୧୨(ଡି.ଏନ୍.ଏ.):** କଟକ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ପକ୍ଷରୁ ବାରଙ୍ଗ ଅଞ୍ଚଳରେ ମଙ୍ଗଳବାର ଚଢ଼ାଉ କରି ୧୬୫ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅର୍ନ୍ତଗତ ବେଲଗଛିଆ ଗ୍ରାମର ପ୍ରଶାନ୍ତ ବେହେରା ଓ ନନ୍ଦନକାନନ ଥାନା ଅର୍ନ୍ତଗତ ପଦାସାହି ଗ୍ରାମର ସନ୍ତୋଷ ବେହେରା। ଜବତ ବ୍ରାଉନସୁଗାରର ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛନ୍ତି। ମଙ୍ଗଳବାର ଭାରତ ବନ୍ଦର ସୁଯୋଗ ନେଇ ୨ ବ୍ରାଉନସୁଗାର ବେପାରୀ ବ୍ରାଉନସୁଗାର ନେଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ବାରଙ୍ଗ ନିକଟରେ ଚଢ଼ାଉ କରି ଧରିଥିଲା। ଏହି ବେପାରୀଦ୍ୱୟଙ୍କୁ ଧରିବାପାଇଁ ଦୀର୍ଘଦିନ ହେବ ଗୁଇନ୍ଦା ବିଭାଗ ନଜରରେ ରଖିଥିଲା। ଗୁଇନ୍ଦା ବିଭାଗର ସୂଚନା ଆଧାରରେ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ୯ ଜଣିଆ ଦଳ ବାରଙ୍ଗ ପୁରୀ ମେନ୍ କେନାଲଠାରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଓ ଏକ ଓଆର୦୨-ବିଟି-୫୮୬୩ନଂ ବାଇକକୁ ଜବତ କରିଥିଲେ। ଏହି ବେପାରୀଦ୍ୱୟ ମୁଖ୍ୟତଃ କଲେଜ ପଢୁଆ ପିଲାଙ୍କୁ ଟାର୍ଗେଟ କରି ବ୍ରାଉନସୁଗାର ବିକ୍ରି କରୁଥିବାର ଜଣାପଡ଼ିଥିଲା।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ
#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ବ୍ରହ୍ମଗିରି,୮।୧୨(ଡି.ଏନ୍.ଏ.):** ଅରଖକୁଦା ମେରାଇନ ଥାନା ଅର୍ନ୍ତଗତ ବେତଗୋରଡି ନିକଟସ୍ଥ ଏକ ଜଙ୍ଗଲରେ ବିଦ୍ୟୁତ ତାର ଆଘାତ ଲାଗି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାନବନ୍ଧକେରା ଗ୍ରାମର ରବି ନାୟକ(୪୫)। କିନ୍ତୁ ରବିଙ୍କୁ ହତ୍ୟା ପାଇଁ ଯୋଜନା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୩୪/୨୦ରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଅଟକ ରଖିଛି। ଏହାସହ ରବିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରବି ବେଗୋରଡ଼ି ନିକଟ ଜଙ୍ଗଲରେ ଥିବା ନିଜ ବଗିଚାକୁ ଦେଖିବା ପାଇଁ ଯାଇଥିଲେ। କିଛି ସମୟ ପରେ ସେଠାକୁ ଯାଇଥିବା ଜଣେ ବ୍ୟକ୍ତି ରବି ମୃତ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଯାଇଥିଲେ। ତେବେ ସେଠାରେ ଅଧିକାଂଶ ସମୟ ଶିକାରୀମାନେ ଶିକାର ପାଇଁ ବିଦ୍ୟୁତ ତାର ବିଛାଇଥିବାବେଳେ ସେହି ତାର ସଂସ୍ପର୍ଶରେ ଆସି ରବିଙ୍କ ମୃତ୍ୟୁ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଖବରପାଇ ପରିବାର ଲୋକେ ଓ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିବାବେଳେ ପରିବାର ଲୋକ ଭିନ୍ନ ଏକ ଅଭିଯୋଗ କରିଛନ୍ତି। ରବିଙ୍କ ବଗିଚା ନିକଟରେ ଥିବା ଅନ୍ୟ ବଗିଚା ମାଲିକଙ୍କ ସହ କୌଣସି କାରଣକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ସେ ଏଥିପାଇଁ ରବିଙ୍କୁ ହତ୍ୟା କରିବା ପାଇଁ ମଧ୍ୟ ନାନା ଧମକ ଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି ବୋଲି ଅରଖକୁଦା ମେରାଇନ ଥାନାଧିକାରୀ ଦିଲୀପ ପଣ୍ଡା କହିଛନ୍ତି।

# ଆଜିଠାରୁ ‘ଇକୋ ରିଟ୍ରିଟ୍’



**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

### ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

- ପୂର୍ବ ଭାରତର ଏକମାତ୍ର ‘ଗ୍ଲାମରସ୍ କ୍ୟାମ୍ପିଂ’ ଉତ୍ସବ
- ୫ ସ୍ଥାନରେ ୩ ମାସର କାର୍ଯ୍ୟକ୍ରମ
- ଲକ୍‌ଜରି କଟେଜ୍, ଆଡ୍‌ଭେଞ୍ଚର୍ ସ୍ପୋର୍ଟସ, କଲ୍‌ଚରାଲ୍ ନାଇଟ୍
- ଓପନ୍ ଏୟାର ଫିଲ୍ମ ସ୍କ୍ରିନିଂ, ଗାଇଡେଡ୍ ଟୁର୍, ସର୍ଫିଂ ପ୍ରଶିକ୍ଷଣ

ଲକ୍‌ଜରୀ କଟେଜ୍, ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ବିଚ୍ ଭଲିବଲ୍, ପାରାସେଲିଂ, ଥେରାପେଟିକ୍ ୱାକ୍, ବିଚ୍ ସ୍ପା, ସେଲିବ୍ରିଟି ଡିଜେ, ଖ୍ୟାତନାମା ବ୍ୟାଣ୍ଡ ଓ ମନପସନ୍ଦର ଖାଦ୍ୟ। ଗୋଟିଏ ସ୍ଥାନରେ ସବୁକିଛିର ଅନୁଭବ ନେଇପାରିବେ ପର୍ଯ୍ୟଟକ। ଲକ୍‌ଡାଉନ୍ ହ୍ୟାଙ୍ଗଓଭରରୁ ବାହାରି ପ୍ରକୃତି କୋଳରେ କିଛି ହାଲ୍‌କା ମୁହୂର୍ତ୍ତ ବିତାଇପାରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ‘ଇକୋ ରିଟ୍ରିଟ୍’ରେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ଦ୍ୱିତୀୟଥର ପାଇଁ ଓଡ଼ିଶାରେ ଏହି ସୁବିଧାର ମଜା ନେଇପାରିବେ। ପୁରୀ-କୋଣାର୍କ ରାସ୍ତାର ରାମଚଣ୍ଡୀ ବେଳାଭୂମି ସମେତ ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଏବଂ ସାତକୋଶିଆରେ ଆୟୋଜିତ ହେବାକୁ ଥିବା ଇକୋ ରିଟ୍ରିଟ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏକାସଙ୍ଗେ ୫ଟି ଯାକ ଇକୋ ରିଟ୍ରିଟ୍‌ର ଲୋକାର୍ପଣ କରିବେ। ତେବେ ପ୍ରଥମେ ଆସିବାକୁ ଥିବା ପର୍ଯ୍ୟଟକଙ୍କ ଲାଗି ପ୍ରତ୍ୟେକ ଇକୋ ରିଟ୍ରିଟ୍‌ରେ ସର୍‌ପ୍ରାଇଜ୍ ପାର୍ଟି ରଖାଯାଇଥିବା ପର୍ଯ୍ୟଟନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟର ଦିନିକିଆ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ର ହ ଣ 1 ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଆୟୋଜିତ ହେବାକୁ ଥିବା ଏହି ବହୁ ପ୍ରତିକ୍ଷିତ ଉତ୍ସବ ପୂର୍ବ ଭାରତର ପ୍ରଥମ ଏବଂ ଏକମାତ୍ର ଗ୍ଲାମ୍ପିଂ ଫେଷ୍ଟିଭାଲ। ଦୀର୍ଘ ୩ ମାସ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ଫେଷ୍ଟିଭାଲ୍ ଗୁଜୁରାଟର କଚ୍ଛ ରଣ ଉତ୍ସବ ଢାଞ୍ଚାରେ ଆୟୋଜିତ ହେବ। ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ହୋଇଥିବା ଲକ୍‌ଜରୀ କଟେଜ୍‌ରେ ପର୍ଯ୍ୟଟକମାନେ ରହିବା ସହ ସୁସ୍ୱାଦୁ ଖାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ଆକ୍ଟିଭିଟିରେ ମଜା ନେଇପାରିବେ। ଆରାମଦାୟକ ରହଣୀ ସହ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟାଭ୍ୟାସକୁ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ। ଚଳିତବର୍ଷ ପ୍ରଥମଥର ପାଇଁ ଇକୋ-ରିଟ୍ରିଟ୍ ସହ ଯୋଡ଼ି ହୋଇଛି ଟ୍ରେକିଂ ଏବଂ ଜଙ୍ଗଲ ସଫାରୀ। ଏହାସାଙ୍ଗକୁ ଅଲ୍ ଟେରେନ୍ ଭେହିକଲ(ଏଟିଭି)ରେ ଜଙ୍ଗଲ ଓ ବିଚ୍‌ରେ ବୁଲିବାର ମଜା, ରାଇଫଲ୍ ସୁଟିଂ, ଆର୍ଚେରୀ, ବିଚ୍ ଭଲିବଲ୍, ଜେଟ୍ ସ୍କି, ବାନାନା ରାଇଡ୍, ସ୍ପିଡ୍ ବୋଟ୍, ପାରାସେଲିଂ, ଇ-ବାଇସାଇକେଲ୍, ସମୁଦ୍ରରେ ଭାସମାନ ପ୍ଲାଟ୍‌ଫର୍ମରେ ବୁଲିବାର ମଜା ମଧ୍ୟ ନେଇହେବ। କେବଳ ଏତିକି ନୁହେଁ, ଗାଇଡେଡ୍ ଟୁର୍ ସହ ଫରେଷ୍ଟ ଓ ନେଚର ଟ୍ରେଲ୍, ଭିଲେଜ୍ ୱାକ୍, ବାଲୁକାକଳା କର୍ମଶାଳା, ସମୁଦ୍ର ଓ ନଦୀଶଯ୍ୟାରେ ଯୋଗ ଏବଂ ଜୁମ୍ବା କର୍ମଶାଳା, ପ୍ରଶିକ୍ଷିତ ସର୍ଫ ଇନ୍‌ଷ୍ଟ୍ରକ୍ଟରଙ୍କ ଦ୍ୱାରା ସର୍ଫିଂ ପ୍ରଶିକ୍ଷଣ, ଓପନ୍ ଏୟାର ଫିଲ୍ମ ସ୍କ୍ରିନିଂ ଭଳି ସୁବିଧା ମଧ୍ୟ ପର୍ଯ୍ୟଟକଙ୍କୁ ମିଳିବ।

### ଡେଷ୍ଟିନେଶନ ୱେଡିଂ

ଗୋଆ, ମସୋରୀ, ଉଦୟପୁର ଭଳି ଓଡ଼ିଶାରେ ବି ହେବ ଡେଷ୍ଟିନେଶନ ୱେଡିଂ। ଆକର୍ଷଣୀୟ ପରିବେଶ ମଧ୍ୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହ ଲୋକେ ନିଜ ଅଭୁଲା ଦିନକୁ ଆହୁରି ସ୍ମରଣୀୟ କରିପାରିବେ। ମେହେନ୍ଦୀ, ସଙ୍ଗୀତରୁ ଆରମ୍ଭକରି ବିବାହ ପର୍ଯ୍ୟନ୍ତ, ସବୁକିଛି ମହାଆଡ଼ମ୍ବରରେ ହେବ। ଏପରିକି ଚାହିଁଲେ ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କୁ ମଧ୍ୟ ନିମନ୍ତ୍ରଣ କରିହେବ। ଆଗାମୀ ବିବାହ ଋତୁକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍‌ରେ ଡେଷ୍ଟିନେଶନ ୱେଡିଂର ବ୍ୟବସ୍ଥା କରାଯାଇଛି। ବର, କନ୍ୟା ଏବଂ ବରଯାତ୍ରୀଙ୍କ ସହ ମୋଟ ୫୦ଜଣ ଉତ୍ସବରେ ସାମିଲ ହୋଇପାରିବେ। ପ୍ରୋସେସନକୁ ବାଦ ଦେଇ ଏଠାରେ ଅନ୍ୟ ସମସ୍ତ ସୁବିଧା ମିଳିବ। ସେହିଭଳି ‘ମାଇସ୍ ଟୁରିଜିମ୍’କୁ ନଜରରେ ରଖି ଏଠାରେ ସ୍ୱତନ୍ତ୍ର କନ୍‌ଫରେନ୍ସ ହଲ୍ କରାଯାଇଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର କର୍ପୋରେଟ୍ ପ୍ୟାକେଜ୍ ରହିଛି।

### ଡିମାଣ୍ଡରେ କୋଣାର୍କ ରିଟ୍ରିଟ୍

କୋଣାର୍କ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଏବଂ ସାତକୋଶିଆ ଇକୋ ରିଟ୍ରିଟ୍ ମଧ୍ୟରୁ କୋଣାର୍କ ଇକୋ ରିଟ୍ରିଟ୍‌ର ସବୁଠାରୁ ଅଧିକ ଚାହିଦା ରହିଛି। ମଙ୍ଗଳବାର ସୁଦ୍ଧା କୋଣାର୍କ ରାମଚଣ୍ଡୀ ବେଳାଭୂମିରେ ଆୟୋଜିତ ଇକୋ ରିଟ୍ରିଟ୍‌ରେ ସର୍ବାଧିକ ୪୦୦ ବୁକିଂ ହୋଇଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ। ବେଳାଭୂମି ଏବଂ ଅନ୍ୟ ସମସ୍ତ ସୁବିଧାକୁ ଦୃଷ୍ଟିରେ ରଖି କୋଣାର୍କକୁ ପର୍ଯ୍ୟଟକ ଅଧିକ ପସନ୍ଦ କରୁଛନ୍ତି। ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫେଷ୍ଟିଭାଲରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର୍ ଓ ୱାଟର୍ ସ୍ପୋର୍ଟସ ଯୁବ ଏବଂ ବୟସ୍କ ସବୁବର୍ଗର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି। ତେବେ ଅନ୍‌ଲାଇନ ବୁକିଂ ପାଇଁ ପର୍ଯ୍ୟଟକମାନେ http://ecoretreatodisha.com ଏବଂ https://ecoretreat.odishatourism.gov.in/en.html ୱେବ୍‌ସାଇଟ୍‌କୁ ବ୍ୟବହାର କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ଭିକାରିମୁକ୍ତ ହେବ ଏକାମ୍ର କ୍ଷେତ୍ର

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ଖୁବ୍‌ଶୀଘ୍ର ଭିକାରିମୁକ୍ତ ହେବ ରାଜଧାନୀର ଏକାମ୍ର କ୍ଷେତ୍ର। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏ ନେଇ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଏବଂ ଏକାମ୍ର କ୍ଷେତ୍ରରେ ହେରିଟେଜ୍ ହବ୍‌କୁ ଭିକ୍ଷାବୃତ୍ତିମୁକ୍ତ ଅଞ୍ଚଳ କରାଯିବ। ରାଜ୍ୟ ସରକାରଙ୍କ ଏକାମ୍ର କ୍ଷେତ୍ର ଆମେନିଟିଜ୍ ଆଣ୍ଡ ମନୁମେଣ୍ଟାଲ ରିଭାଇଭାଲ୍ ଆକ୍ସନ(ଏକାମ୍ର) ପ୍ଲାନ୍‌ର ସୌନ୍ଦର୍ଯ୍ୟକରଣ ଏବଂ ବିକାଶମୂଳକ କାର୍ଯ୍ୟ ଅଧୀନରେ ଏହି ପଦକ୍ଷେପ ନିଆଯିବ। ଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖରେ ବୁଲୁଥିବା ଭିକ୍ଷୁକ ଏବଂ ଅସହାୟମାନଙ୍କୁ ଥଇଥାନ କରାଯିବା ସହ ଜୀବିକା ଅର୍ଜନ ନିମନ୍ତେ ସହାୟତା ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ‘ସହାୟ ଯୋଜନା’ ମାଧ୍ୟମରେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ପ୍ରୟାସ କରାଯିବ। ଭିକ୍ଷୁକ ଓ ବାସହୀନ ଲୋକଙ୍କୁ ଚିହ୍ନଟ କରିବା ପାଇଁ ବିଏମ୍‌ସି ପୁରୁଣା

### ଡିସେମ୍ବର ଶେଷ ସୁଦ୍ଧା ସରିବ ଜମି ଅଧିଗ୍ରହଣ



ଭୁବନେଶ୍ୱର ଅଞ୍ଚଳରେ ଏକ ସର୍ଭେ ଆରମ୍ଭ କରିଛି। ଯେଉଁ ଭିକାରିମାନେ ନିଜ ଘରକୁ ଫେରିବାକୁ ଚାହୁଁଥିବେ କର୍ତ୍ତୃପକ୍ଷ ସେମାନଙ୍କୁ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିବେ। ଯେଉଁମାନେ ଘରକୁ ଯିବାକୁ ଚାହିଁବେ ନାହିଁ ସେମାନଙ୍କୁ ବିଭିନ୍ନ ଶେଲ୍‌ଟର ହୋମ୍‌ରେ ଥଇଥାନ କରାଯିବ। ଭିକାରିଙ୍କୁ ଚିହ୍ନଟ ଓ ସେମାନଙ୍କୁ ଆଶ୍ରୟ ଗୃହକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ଏନଜିଓ ଏବଂ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ଏକାମ୍ର କ୍ଷେତ୍ର ହେରିଟେଜ୍ ପ୍ରକଳ୍ପ ପାଇଁ ଏବେ ସୁଦ୍ଧା ୯୦ ପ୍ରତିଶତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଏକାମ୍ର କ୍ଷେତ୍ର ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ପଲିସି ମାଧ୍ୟମରେ ବଳକା ଜମି ଅଧିଗ୍ରହଣ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ସରିବ ବୋଲି ବିଏମ୍‌ସି ନୋଡାଲ ଅଫିସର ସୂଚନା ଦେଇଛନ୍ତି। ବୃଦ୍ଧ ଓ ବରିଷ୍ଠ ନାଗରିକଙ୍କ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସହଜ କରିବାକୁ ବିଏମ୍‌ସି ଅଧିକାରୀମାନେ ଘର ଘର ବୁଲି ଆବଶ୍ୟକ ସମସ୍ତ କାଗଜପତ୍ର କାମ କରୁଛନ୍ତି। ଏହାବାଦ୍ ଏକାମ୍ର କ୍ଷେତ୍ରରେ ଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ସାଇନେଜ୍‌ଗୁଡ଼ିକୁ ଏକାଭଳି କରିବାକୁ ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ପୁରୁଣା ଭୁବନେଶ୍ୱର ସମସ୍ତ ଦୋକାନ ଏବଂ ଐତିହାସିକ କୋଠାଗୁଡ଼ିକରେ ହେରିଟେଜ୍ ସାଇନେଜ୍ ଲଗାଇବାକୁ ବିଏମ୍‌ସି ସ୍ଥାନୀୟ ବାସିନ୍ଦାଙ୍କୁ ଅନୁରୋଧ କରିଛି।

# ପୋରୁହାଁ ହେଲେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୮।୧୨(ଡି.ଏନ୍.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୋରୁହାଁ ଅଷ୍ଟମୀ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରାତଃରୁ ଦୈନିକ ରୀତି ମଙ୍ଗଳ ଆଳତି, ଅବକାଶ ପରେ ସନ୍ଧ୍ୟା ଧୂପରେ ଶ୍ରୀଜୀଉମାନେ ସୁସଜ୍ଜିତ ପାଲିଙ୍କିରେ ମନ୍ଦିର ପଛ ପାର୍ଶ୍ୱରେ ଥିବା ମାମୁଘର ମୈତ୍ରେୟେଶ୍ୱର ଦେବଙ୍କ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ପରେ ମନ୍ଦିର ସମ୍ମୁଖରେ ଥିବା ସିଂହାସନରେ ଶ୍ରୀଜୀଉମାନେ ଅବସ୍ଥାନ କରିଥିଲେ। ଶ୍ରୀଜୀଉଙ୍କ ପୂଜାପଣ୍ଡା ସେବାୟତ ଓଲାଗି କରିବା ସହ ପାପନାସିନୀ କୁଣ୍ଡର ଜଳରେ ସ୍ନାନ କରାଇଥିଲେ। ପରେ ସେ ମହାପ୍ରଭୁଙ୍କୁ ନୂତନ ବସ୍ତ୍ର ପରିଧାନ କରାଇଥିଲେ ସେବାୟତ। କୋଭିଡ୍ କଟକଣାରେ ସେବାୟତ ଏବଂ ପ୍ରଶାସନ ଅଧିକାରୀମାନେ ଶ୍ରୀଜୀଉଙ୍କୁ ମାମୁଘରେ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ କରିବା ସହ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ନନ୍ଦନକାନନ ବନ୍ଦ, ପର୍ଯ୍ୟଟକ ଅସନ୍ତୋଷ

**ବାରଙ୍ଗ,୮।୧୨(ଡି.ଏନ୍.ଏ.)**

 କେନ୍ଦ୍ର ସରକାରଙ୍କ ବିବାଦୀୟ ୩ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦର ଡାକରା ବାରଙ୍ଗରେ ନନ୍ଦନକାନନ ବନ୍ଦ ରହିଥିଲା। ହେଲେ ନନ୍ଦନକାନନ ବନ୍ଦ ନେଇ କର୍ତ୍ତୃପକ୍ଷ କୌଣସି ଆଗୁଆ ସୂଚନା ଦେଇ ନ ଥିବାରୁ ପର୍ଯ୍ୟଟକମାନେ ବୁଲିବାକୁ ଆସି ଅସନ୍ତୋଷ ପ୍ରକାଶ କରି ନିରାଶରେ ଫେରିଛନ୍ତି। ମଙ୍ଗଳବାର ସକାଳେ ନନ୍ଦନକାନନ କର୍ମଚାରୀମାନେ ଆସି ନନ୍ଦନକାନନ ମୁଖ୍ୟଫାଟକ, ବୁକିଂ କାଉଣ୍ଟର ଖୋଲିବା ସହ ଅନ୍ୟାନ୍ୟ ଆନୁସଙ୍ଗିକ କାମ ଆରମ୍ଭ କରିଥିଲେ। ପରେ ନନ୍ଦନକାନନ କର୍ତ୍ତୃପକ୍ଷ ଆସି ନନ୍ଦନକାନନ ଫାଟକ ବନ୍ଦ କରିବାକୁ କହିବା ସହ ମୁଖ୍ୟ ପ୍ରବେଶ ପଥରେ ସିକ୍ୟୁରିଟି କର୍ମଚାରମାନଙ୍କୁ ମୁତୟନ କରାଇ ଆସୁଥିବା ପର୍ଯ୍ୟଟକମାନଙ୍କୁ ନନ୍ଦନକାନନ ବନ୍ଦର ସୂଚନା ଦେବା ପାଇଁ କହିଥିଲେ। ନନ୍ଦନକାନନ ପକ୍ଷରୁ କରାଯାଇଥିବା ୱେବ୍‌ସାଇଟରେ ବନ୍ଦର



କୌଣସି ସୂଚନା ଦିଆଯାଇ ନ ଥିବାର କେତେଜଣ ପର୍ଯ୍ୟଟକମାନେ ଅଭିଯୋଗ କରିଥିଲେ। ତେବେ ପୂର୍ବରୁ କେବେ ଭାରତ କିମ୍ବା ଓଡ଼ିଶା ବନ୍ଦ ଡାକରାରେ ନନ୍ଦନକାନନ ବନ୍ଦ ହୋଇ ନ ଥିଲା। ପ୍ରଥମକରି ନନ୍ଦନକାନନ କର୍ତ୍ତୃପକ୍ଷ ମଙ୍ଗଳବାର ନନ୍ଦନକାନନକୁ ବନ୍ଦ କରିବା ଘଟଣାକୁ ନେଇ କର୍ମଚାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ସର୍ମ୍ପକରେ ନନ୍ଦନକାନନ ପର୍ଯ୍ୟଟନ ପରିଚାଳନା ଦାୟିତ୍ୱରେ ଥିବା ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡାଙ୍କୁ ପଚାରିବାପରେ ସରକାର ସମସ୍ତ ସରକାରୀ ଅଫିସ ବନ୍ଦ ପାଇଁ ଘୋଷଣା କରିଥିବାରୁ ନନ୍ଦନକାନନକୁ ବନ୍ଦ କରାଗଲା ବୋଲି କହିଛନ୍ତି।

# ଓପିଜିସିର ଅଂଶଧନ ନେଲା ଓଏଚ୍‌ପିସି

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଦ୍ୱାରା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି)ର ୪୯% ଅଂଶଧନ ଅଧିଗ୍ରହଣକୁ ମଙ୍ଗଳବାର କମ୍ପିଟିଶନ କମିଶନ ଅଫ ଇଣ୍ଡିଆ (ସିସିଆଇ) କମ୍ପିଟିଶନ ଆକ୍ଟ-୨୦୦୨ର ସେକ୍ସନ ୩୧(୧) ଅନୁଯାୟୀ ଅନୁମୋଦନ କରିଛି। ଓଏଚପିସି ଓଡିଶା ସରକାରଙ୍କ ଏକ ବୃହତ ନିଜସ୍ୱ ଉଦ୍ୟୋଗ। ଏହା ରାଜ୍ୟରେ ଜଳ ବିଦ୍ୟୁତ ଏବଂ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓପିଜିସି ଏକ ଯୁଗ୍ମ ଉଦ୍ୟୋଗ। ଏଥିରେ ରାଜ୍ୟ ସରକାରଙ୍କ ୫୧ ପ୍ରତିଶତ ଅଂଶଧନ ଥିବା ବେଳେ ଆମେରିକା ସ୍ଥିତ ଏଇଏସ କମ୍ପାନୀର ୪୯ ପ୍ରତିଶତ ରହିଛି। ଓପିଜିସି ରାଜ୍ୟରେ ତାପଜ ବିଦ୍ୟୁତ ଉତ୍ପାଦନ ଏବଂ କ୍ଷୁଦ୍ର ଜଳ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓଏଚପିସି ଏଇଏସର ୪୯ ପ୍ରତିଶତ ଅଂଶଧନକୁ ୧୦୦୦ କୋଟି ଟଙ୍କାରେ କ୍ରୟ କରିଛି। ରାଜ୍ୟ ସରକାରଙ୍କର ୫୧ ପ୍ରତିଶତ ଅଂଶଧନ ଥିବା ଓପିଜିସି ରାଜ୍ୟରେ ୧,୭୪୦ ମେଗାୱାଟ ତାପଜ ବିଦ୍ୟୁତ ଉତ୍ପାଦନକୁ ପରିଚାଳନା କରୁଛି।

ସୂଚନାଯୋଗ୍ୟ ଯେ, ଓପିଜିସିରେ ଏଇଏସର ୪୯ ପ୍ରତିଶତ ଅଂଶଧନ କିଣିବାକୁ ଆଦାନୀ ପାୱାର ଉଦ୍ୟମ କରିଥିଲା। ତେବେ ୨୦୨୦ ଅଗଷ୍ଟରେ ଓପିଜିସିର ସେହି ଅଂଶଧନ ଓଏଚ୍‌ପିସି କ୍ରୟ କରିବାରୁ ଆଦାନୀ ଏହି ପ୍ରକ୍ରିୟାରୁ ବାଦ ପଡ଼ିଛି।

# ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଖାରଜ

**କଟକ ଅଫିସ,୮।୧୨**

### ସତୀଶ ଗଜଭିୟେଙ୍କୁ ଆଶ୍ୱସ୍ତି
#### ପଦୋନ୍ନତି ପାଇଁ ଫିଟିଲା ବାଟ

ଆଇପିଏସ୍ ସତୀଶ ଗଜଭିୟେଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ମାଲ୍‌କାନଗିରି ଏସ୍‌ପି ଥିବାବେଳେ ଗଜଭିୟେଙ୍କ ବିରୋଧରେ ମାଓବାଦୀ ଅପରେଶନ ପୁରସ୍କାର ରାଶିକୁ ନେଇ ହୋଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟ ବିଚାରପତି ଏସ୍.କେ. ପାଣିଗ୍ରାହୀ ଏବଂ ସଞ୍ଜୁ ପଣ୍ଡାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଖାରଜ କରିଛନ୍ତି। ଏଥିସହିତ ତାଙ୍କ ପଦୋନ୍ନତି ଓ ସ୍ଥଗିତ ସୁବିଧାସୁଯୋଗ ମାସକ ମଧ୍ୟରେ ପ୍ରଦାନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ୨୦୦୭ ମେ’ ୨୫ରେ ଗଜଭିୟେ ମାଲକାନଗିରି ଏସ୍‌ପି ଥିବାବେଳେ ଜଣେ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରାଯାଇଥିଲା। ଏଥିରେ ତାଙ୍କୁ ୬ଜଣ ପୋଲିସ କର୍ମଚାରୀ ଏବଂ ସାଧାରଣ ଲୋକ ସହଯୋଗ କରିଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀ ଏବଂ ପୋଲିସ ଇନ୍‌ଫର୍ମରଙ୍କୁ ପୁରସ୍କାର ପ୍ରଦାନ ସ୍ୱରୂପ ୩.୫୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୬ପୋଲିସ କର୍ମଚାରୀଙ୍କୁ ୧.୫୫ ଲକ୍ଷ ଏବଂ ଇନ୍‌ଫରମର ଥିବା ସାଧାରଣ ବ୍ୟକ୍ତିଙ୍କୁ ବାକି ଟଙ୍କା ପ୍ରଦାନ କରିବାକୁ ଏସ୍‌ପି ଗଜଭିୟେଙ୍କୁ ନିର୍ଦ୍ଦେଶ ଥିଲା। ମାତ୍ର ଗଜଭିୟେ ଉକ୍ତ ପୁରସ୍କାର



ଟଙ୍କାକୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଶୃଙ୍ଖଳାଗତ କମିଟିକୁ ନିର୍ଦ୍ଦେଶ ଦିଆଯିବା ସହ ୩୦।୮।୨୦୧୧ ସୁଦ୍ଧା ଅନ୍ତରୀଣ ଇନ୍‌କ୍ୱାରି ରିପୋର୍ଟ ପ୍ରଦାନ କରିବାକୁ ଡିଆଇଜି(ଗୋଇନ୍ଦା) ସଞ୍ଜୀବ ପାଣିଗ୍ରାହୀ କହିଥିଲେ। ହେଲେ ଶୃଙ୍ଖଳାଗତ କମିଟି କୌଣସି ଇନ୍‌କ୍ୱାରି କଲେ ନାହିଁ। ତେଣୁ ଗଜଭିୟେ ଉକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଖାରଜ କରିବା ପାଇଁ କଟକସ୍ଥିତ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(କ୍ୟାଟ)ର ଦ୍ୱାରସ୍ଥ ହୋଇଥିଲେ। ପରେ ଉକ୍ତ ମାମଲା ଦିଲ୍ଲୀସ୍ଥିତ କ୍ୟାଟ୍‌ର ମୁଖ୍ୟ ଖଣ୍ଡପୀଠକୁ ସ୍ଥାନାନ୍ତର ହୋଇଥିଲା। ୨୦୧୮ ଅଗଷ୍ଟ ୧୦ରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବାରୁ ଏନେଇ କୌଣସି ନିର୍ଦ୍ଦେଶ ଦେଇହେବ ନାହିଁ ବୋଲି ଟ୍ରିବ୍ୟୁନାଲ କହିବା ସହ ଆବେଦନକୁ ଖାରଜ କରିଥିଲେ। ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ଗଜଭିୟେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ଏହି ଆବେଦନକାରୀଙ୍କ ବିରୋଧରେ ହୋଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ଖାରଜ କରିଛନ୍ତି।



ଚଳିତ ବର୍ଷର ଗ୍ଲୋବାଲ ସିଟିଜେନ୍ ପ୍ରାଇଜ୍ ପୁରସ୍କାର ବିତରଣ ଉତ୍ସବରେ ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନୃତ୍ୟ ପରିବେଷଣ କରିବେ। ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ମଧ କାର୍ଯ୍ୟକ୍ରମରେ ଭାଗ ନେବେ। ଗାୟିକା ଜନ୍ ଲେଗେଣ୍ଡ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ଦାରିଦ୍ର୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ଦିଆଯାଇଥାଏ। ଉକ୍ତ କାର୍ଯ୍ୟକ୍ରମ ଡିସେମ୍ବର ୧୯ରୁ ପ୍ରସାରଣ କରାଯିବ।

# ୪ ଘଣ୍ଟାରେ ୩୭୦ କି.ମି. ଗ୍ରୀନ୍ କରିଡର

**ବେଙ୍ଗାଲୁରୁ:** ରୋଗୀଙ୍କ ପାଇଁ ଜନତାଙ୍କ ମନରେ ଉଦାର ମାନସିକତା ବଢ଼ିବାରେ ଲାଗିଛି। ଆମ୍ବୁଲାନ୍ସର ସାଇରନ୍ ଶୁଣିବା ମାତ୍ରେ ଆପେ ଆପେ ଖାଲି ହୋଇଯାଉଛି ରାସ୍ତା। ଅପରିଚିତ ରୋଗୀଟି ପାଇଁ ଅଦୃଶ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଆପେ ଆପେ ମଥାନତ ହୋଇଯାଏ ଅନେକଙ୍କର। ଏଭଳି ଏକ ଅବିଶ୍ୱସନୀୟ ଘଟଣା ଦେଖିବାକୁ ମିଳିଛି କର୍ନାଟକରେ। ଜଣେ ସଙ୍କଟାପନ୍ନ ଯୁବତୀଙ୍କ ଜୀବନ ବଞ୍ଚାଇବା ଲାଗି ମାତ୍ର ୪ ଘଣ୍ଟାରେ ୩୭୦ କିଲୋମିଟର ରାସ୍ତା ବଦଳିଥିଲା ଗ୍ରୀନ୍ କରିଡର ବା ଜିରୋ ଟ୍ରାଫିକ୍ ଜୋନ୍‌ରେ। ଜନସାଧାରଣଙ୍କ ଏପରି ସଚେତନତା ଯୋଗୁ ସେ ବିନା ବାଧକରେ ପହଞ୍ଚିଥିଲେ ମେଡିକାଲରେ।



ସୁହାନା ନାମ୍ନୀ ସମ୍ପୃକ୍ତା ୨୨ ବର୍ଷୀୟା ଯୁବତୀଙ୍କ ଫୁସ୍‌ଫୁସ୍‌ରେ ଗୁରୁତର ସଂକ୍ରମଣ ହୋଇଥିଲା। ସର୍ଜରି ଲାଗି ତାଙ୍କୁ ପୁତ୍ତୁରସ୍ଥିତ ମହାବୀର ମେଡିକାଲ କଲେଜରୁ ବାଙ୍ଗାଲୁରୁସ୍ଥିତ ବୈଦେହୀ ହସ୍ପିଟାଲକୁ ସ୍ଥାନାନ୍ତର କରିବାର ଥିଲା। ହନିଫ୍ ନାମକ ଜଣେ ଯୁବକ ଆମ୍ବୁଲାନ୍ସ ଚଲାଇ ତାଙ୍କୁ ମେଡିକାଲରେ ପହଞ୍ଚାଇଥିଲେ। ୩୭୦ କି.ମି. ଦୀର୍ଘ ରାସ୍ତାକୁ ତାଙ୍କୁ ଲାଗିଥିଲା ମାତ୍ର ୪ ଘଣ୍ଟା। ଏହି କାର୍ଯ୍ୟରେ ଦକ୍ଷିଣ କର୍ନାଟକର ଲୋକମାନେ ଭରପୂର ସହାୟତା କରିଥିଲେ। ଯୁବତୀଙ୍କ ସୁରକ୍ଷାକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଅବଗତ ଥିଲେ। ସେମାନଙ୍କ ସହାୟତାରେ ସ୍ଥାନୀୟ ରାସ୍ତାକୁ ତୁରନ୍ତ ଟ୍ରାଫିକ୍ ମୁକ୍ତ କରାଗଲା। ଲୋକମାନେ ମେସେଜିଂ ଆପ୍ ମାଧ୍ୟମରେ ପରସ୍ପର ସହିତ ଅତି ଅଳ୍ପ ସମୟରେ ଯୋଡ଼ି ହୋଇଥିଲେ। ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ପୋଲିସ କର୍ମଚାରୀ ମଧ୍ୟ ଭରପୂର ସହାୟତା କରିଥିଲେ। ଆମ୍ବୁଲାନ୍ସର ଲୋକେଶନ ସୋସିଆଲ ମିଡିଆରେ ଶେୟାର କରି ଦିଆଗଲା। ଫଳରେ ଗାଡ଼ି କେଉଁ ରାସ୍ତା ଦେଇ ଯିବ ତାହା ନିର୍ଦ୍ଧାରଣ କରିବାରେ ସହାୟକ ହୋଇଥିଲା।

ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ହନିଫ୍ କହିଛନ୍ତି, ତାଙ୍କ ପାଇଁ ପ୍ରତି ରୋଗୀଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ। କମ୍‌ରୁ କମ୍ ସମୟ ଭିତରେ ରୋଗୀଙ୍କୁ ମେଡିକାଲରେ ପହଞ୍ଚାଇବା ଲାଗି ସେ ଯଥାସାଧ୍ୟ ଉଦ୍ୟମ କରିଥାନ୍ତି।

## ନୁସ୍‌ରତଙ୍କ ଆଖିକୁ ନିଦ ନାହିଁ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ନୁସରତ ଭାରୁଚାଙ୍କ ଆଖିକୁ ନିଦ ନାହିଁ। ୧୦ ଦିନ ହେଲା ଶୋଇ ପାରୁନାହାନ୍ତି ନୁସରତ। ତେବେ କୌଣସି ଟେନସନରେ ନୁହେଁ, ତାଙ୍କ ଅଗାମୀ ଫିଲ୍ମ ପାଇଁ ନୁସରତ ଏଭଳି କହିଛନ୍ତି। ଫିଲ୍ମ କଳାକାରମାନେ ନିଜ ଚରିତ୍ରକୁ ଜାଣି ନିଖୁଣ ଅଭିନୟ କରିବା ପାଇଁ କଠିନ ପରିଶ୍ରମ କରିଥାନ୍ତି। କିଏ ଜିମ ଯାଇ ସିକ୍ସ ପ୍ୟାକ ଆବ୍‌ସ ବନାଇ ଦିଅନ୍ତି ତ ଆଉ କିଏ ଓଜନ ବଢ଼ାଇଥାନ୍ତି। ନୁସରତ ମଧ୍ୟ ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି। ସେ ଆଗାମୀ ହରର୍ ଫିଲ୍ମ 'ଛୋରୀ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ମୁଖ୍ୟ ଚରିତ୍ରକୁ ଭଲଭାବେ ଜାଣିବା ପାଇଁ ସେ ଜୋରଦାର ପ୍ରସ୍ତୁତି କରିଛନ୍ତି। ନିଜକୁ ହରର ଜୋନରେ ଆଣିବା ପାଇଁ ସେ ଲଗାତର ହଲିଉଡର ୧୦ଟି ହରର୍ ଫିଲ୍ମ ଦେଖିଛନ୍ତି। ଏ ଫିଲ୍ମ ଦେଖିବା ପରେ ତାଙ୍କ ଅବସ୍ଥା ପୁରା ବିଗିଡି ଯାଇଛି। ତାଙ୍କ ଆଖିକୁ ଆଉ ନିଦ ଆସୁନି। ନୁସରତ ଏତେ ଡରି ଯାଇଛନ୍ତି ଯେ, ଚାହିଁଲେ ବି ସେ ଶୋଇ ପାରୁନାହାନ୍ତି। ନୁସରତ କୁହନ୍ତି, ହରର୍ ଫିଲ୍ମ ଦେଖିବା ପରେ ସେ ଡରି ଯାଇଥିଲେ। ଏପରିକି ୧୦ ଦିନ ଯାଏ ଶୋଇ ପାରିନଥିଲେ।' ବିଶାଲ ଫୁରିଆଙ୍କ ନିର୍ଦ୍ଦେଶନାରେ ତିଆରି 'ଛୋରୀ'ର ଲିଡ ରୋଲରେ ନୁସରତ ଥିବା ବେଳେ ତାଙ୍କ ଅପୋଜିଟରେ ବିକି କୌଶଲଙ୍କ ଭାଇ ସନୀ କୌଶଲଙ୍କୁ ଦେଖିବାକୁ ମିଳିବ।



# ରହସ୍ୟମୟ ମ୍ୟାଗ୍ନେଟିକ୍ ହିଲ୍

### ବିନା ପେଟ୍ରୋଲ, ଡିଜେଲରେ ଆପେ ଚାଲେ ଗାଡ଼ି

**ନୂଆଦିଲ୍ଲୀ:** ଦୁନିଆରେ ଏମିତି କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥାଏ, ଯାହାକି ସମସ୍ତଙ୍କୁ ଚକିତ କରିଦେଇଥାଏ। ତେବେ ଭାରତରେ ରହିଛି ଏଭଳି ଏକ ରହସ୍ୟମୟ ସ୍ଥାନ, ଯାହା ବିଷୟରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ପାହାଡ଼ି ଲଦାଖର ଲେହ ସୀମାନ୍ତ ଅଞ୍ଚଳରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ ବିନା ପେଟ୍ରୋଲ ଏବଂ ଡିଜେଲରେ ଚାଲୁଛି ଗାଡ଼ି। ଏଠାକାର ସଡ଼କରେ ଗାଡ଼ି ପ୍ରାୟ ୪ କି.ମି. ବାଟ ଆପେ ଆପେ ଚାଲିଥାଏ। କେବଳ ଏତିକି ନୁହେଁ। ଏଠାରେ କୌଣସି ବ୍ୟକ୍ତି ଯଦି ଗାଡ଼ି ଅଟକାଇ ରଖନ୍ତି ତେବେ ସେ ଆଉ ନିଜ ଗାଡ଼ି ଫେରି ପାଆନ୍ତିନାହିଁ। ଏହି ଘଟଣା ସତ ହେଲେ ମଧ୍ୟ ଏହା ପଛର ସମ୍ପୂର୍ଣ୍ଣ ରହସ୍ୟ ଜାଣିବା ସମ୍ଭବ ହୋଇପାରିନାହିଁ। ତେବେ ବୈଜ୍ଞାନିକଙ୍କ ମତରେ ଏହି ପାହାଡ଼ି କ୍ଷେତ୍ରରେ ଏକ ଚୁମ୍ବକୀୟ ଶକ୍ତି ରହିଛି; ଯାହାକି ଗାଡ଼ିକୁ ଘଣ୍ଟା ପ୍ରତି ୨୦ କି.ମି. ବେଗରେ ନିଜ ପଟକୁ ଟାଣିନେଇଥାଏ। ସେଥିପାଇଁ ଏହାକୁ 'ମ୍ୟାଗ୍ନେଟିକ୍ ହିଲ୍' ମଧ୍ୟ କୁହାଯାଏ। ନିମ୍ମାଓର ୭.୫ କି.ମି. ଦକ୍ଷିଣ ପୂର୍ବ ଏବଂ ଶ୍ରୀନଗର-ଲଦାଖ ରାସ୍ତା ଲେହର ୨୬.୫ କି.ମି. ପଶ୍ଚିମରେ ଏହି ସ୍ଥାନ ଅବସ୍ଥିତ ।




**ପ୍ରଭାବିତ ହୋଇଥାଏ ବିମାନ**

ଏହି ପାହାଡ଼ି ଅଞ୍ଚଳରେ ଚୁମ୍ବକୀୟ ପ୍ରଭାବ ଏତେ ଅଧିକ ଯେ, ଏହା ଉପର ଦେଇ ଯାଉଥିବା ବିମାନ ଉପରେ ମଧ୍ୟ ଚୁମ୍ବକୀୟ ଶକ୍ତି ଦ୍ୱାରା ପ୍ରଭାବ ପଡ଼ିଥାଏ। ଅଞ୍ଚଳ ଦେଇ ବିମାନ ଉଡ଼ିବା ସମୟରେ ଝଟକା ଅନୁଭବ ହେଉଥିବା ପାଇଲଟମାନେ ମଧ୍ୟ କୁହନ୍ତି। ତେଣୁ ଏହି ଚୁମ୍ବକୀୟ ଶକ୍ତିରୁ ରକ୍ଷା ପାଇଁ ବିମାନର ବେଗ ବଢ଼ାଇବାକୁ ପଡ଼ିଥାଏ।

**ଗ୍ରାଭିଟି ହିଲ୍:** ଏହି ମ୍ୟାଗ୍ନେଟିକ୍ ହିଲ୍‌କୁ ଗ୍ରାଭିଟି ହିଲ୍ ବୋଲି ମଧ୍ୟ କୁହାଯାଏ। ଏହି ପାହାଡ଼ି ଅଞ୍ଚଳରେ ଗୁରୁତ୍ୱାକର୍ଷଣ ନିୟମର ବିପରୀତ ଘଟିଥାଏ। ଏଠାରେ ଗାଡ଼ି ଧୀରେ ଧୀରେ ପାହାଡ଼ ଉପରକୁ ଚାଲିଥାଏ।

## ଖେଳ ଖବର

# ୧୦୦୦ ଖେଲୋ ଇଣ୍ଡିଆ ସେଣ୍ଟର ଆରମ୍ଭ ହେବ

### ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ଚାକିରି ଦେବେ ସରକାର

ନୂଆଦିଲ୍ଲୀ,୮।୧୨(ପି.ଟି.)


କିରେନ ରିଜିଜୁ

ଅବସର ନେଇଥିବା କ୍ରୀଡ଼ାବିତ୍‌ଙ୍କୁ ଚାକିରି ଦେବା ପାଇଁ କେନ୍ଦ୍ର ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏଥିପାଇଁ ସରକାର ଦେଶରେ ୧୦୦୦ ଖେଲୋ ଇଣ୍ଡିଆ ସେଣ୍ଟର ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଏହା ଦ୍ୱାରା ଦେଶର କ୍ରୀଡ଼ା ସଂସ୍କୃତିରେ ଯଥେଷ୍ଟ ଉନ୍ନତି ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଯେତେବେଳେ ଜଣେ କ୍ରୀଡ଼ାବିତ୍ ସମସ୍ୟାରେ ପଡ଼ନ୍ତି ଏହା ସମ୍ପୂର୍ଣ୍ଣ ପିଢିକୁ ନକାରାତ୍ମକ ଭାବେ ପ୍ରଭାବିତ କରିଥାଏ। ତେଣୁ କୌଣସି କ୍ରୀଡ଼ାବିତ୍ ଯେପରି ଅବହେଳିତ ନ ହୁଅନ୍ତି ସେ ନେଇ ପଦକ୍ଷେପ ନିଆଯିବ। ପୁଣି କ୍ରୀଡ଼ାବିତମାନଙ୍କୁ ନିରବଚ୍ଛିନ୍ନ ଭାବେ ଯେପରି ପୁରସ୍କାର ରାଶି, ଆର୍ଥିକ ସହାୟତା ପ୍ରଦାନ କରିଯିବ ସେ ନେଇ ସରକାର ତାଙ୍କ ପ୍ରୟାସ ଜାରି ରଖିଛନ୍ତି ବୋଲି ୧୦ମ ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ୍‌ରେ ଯୋଗ ଦେଇ ସେ ଏହା କହିଛନ୍ତି। ସ୍ୱତନ୍ତ୍ରଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମ ଟର୍ଫ ୨୦୨୦କୁ ଏଫ୍‌ଆଇସିସିଆଇ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ପି.ଭି. ସିନ୍ଧୁ, ମଧ୍ୟପ୍ରଦେଶ କ୍ରୀଡ଼ାମନ୍ତ୍ରୀ ଯଶୋଧାରା ରାଜେ ସିନ୍ଧିଆ, ଅଷ୍ଟ୍ରେଲୀୟ ଅଲିମ୍ପିକ୍ କମିଟି ମୁଖ୍ୟ କାର୍ଯ୍ୟନିର୍ବାହୀ ମ୍ୟାଟ୍ କାରୋଲ ଓ ଏଫ୍‌ଆଇସିସିଆଇ ଅଧ୍ୟକ୍ଷ ସଙ୍ଗୀତା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

ଦେଶର ନାଗରିକମାନେ କିପରି କ୍ରୀଡ଼ା ଓ ଫିଟ୍‌ନେସ ନେଇ ଉତ୍ସାହିତ ହେବେ ସେ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି। ନାଗରିକ ଫିଟ୍ ନ ରହିଲେ କୌଣସି ଦେଶ ସମୃଦ୍ଧ ହେବ ନାହିଁ। ସ୍ପୋର୍ଟ୍ସରେ ସଫଳତା ହାସଲ ନ କଲେ କ୍ରୀଡ଼ା ସଂସ୍କୃତି ନେଇ କିଛି କହିବା ଠିକ୍ ହେବ ନାହିଁ। କ୍ରୀଡ଼ାକୁ ଭଲ ପାଉଥିବା ଏକ ସମାଜ ଗଢିତୋଳିବାକୁ କର୍ପୋରେଟ୍ ହାଉସ୍‌ମାନେ ଆଗେଇ ଆସିବାକୁ ସେ ଆହ୍ୱାନ କରିଛନ୍ତି। ଏଥିପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଭାରତ ଏକ ସ୍ପୋର୍ଟ୍ସ ଦେଶ ନୁହଁ ବୋଲି ସ୍ୱୀକାର କରିବାକୁ ହେବ। ତେବେ ଲୋକମାନଙ୍କ ସହଯୋଗ ଓ ଚେଷ୍ଟାରେ ଭାରତ ଦିନେ କ୍ରୀଡ଼ାରେ ସଫଳ ରାଷ୍ଟ୍ର ଭାବେ ଉଭା ହେବ ବୋଲି ରିଜିଜୁ କହିଛନ୍ତି।

କ୍ରୀଡ଼ା ଭାରତରେ ଏକ ଶିଳ୍ପର ମାନ୍ୟତା ପାଇବା ନେଇ ଆମେ ସୁନିଶ୍ଚିତ ଅଛୁ। ଭବିଷ୍ୟତରେ ଏହା ଦେଶର ଅର୍ଥନୀତିକୁ ମଧ୍ୟ ସକାରାତ୍ମକ ଭାବେ ପ୍ରଭାବିତ କରିବ। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ ଆନ୍ଦୋଳନ ବେଶ୍ ସଫଳ ଓ ଦୃଢ ହୋଇପାରିଛି। ଦେଶ ଲୋକସଂଖ୍ୟାର ଦୁଇ ପ୍ରତିଶତ ଲୋକ ଯଦି ଗୋଟିଏ କ୍ରୀଡ଼ା ଷ୍ଟାଡିୟମ କିମ୍ବା ଟେଲିଭିଜନ୍‌ରେ ଦେଖନ୍ତି ତା'ହେଲେ ସେହି କ୍ରୀଡ଼ା ଲୋକପ୍ରିୟ ହୋଇପାରିବ ଓ ଏହା ଦ୍ୱାରା ଅର୍ଥ ଉପାର୍ଜନ ହେବ ଓ ଏହା ସମ୍ପୃକ୍ତ କ୍ରୀଡ଼ାର ଉନ୍ନତିରେ ସହାୟକ ହେବ। ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ଆଥଲେଟ୍‌ମାନେ କ୍ରୀଡ଼ା ସମ୍ପର୍କରେ ଆବଶ୍ୟକ ଜ୍ଞାନ ହାସଲ କରିବା ସହ ସେମାନଙ୍କ ଟ୍ରେନିଂ ଜାରି ରଖିପାରୁଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶ୍ରେଷ୍ଠ ୧୦ରେ କିପରି ସ୍ଥାନ ପାଇବ ସେ ନେଇ ଆମେ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଏଥିପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ତଥା ନୀତି ଆରମ୍ଭ କରିଛୁ।

# ଜାନୁୟାରୀ ୯ରୁ ଆରମ୍ଭ ଆଇ- ଲିଗ୍

### ସୁଡେଭା ଦିଲ୍ଲୀ ଏଫ୍‌ସି- ମହମ୍ମଡାନ ଏସ୍‌ସି ଉଦ୍‌ଘାଟନୀ ମ୍ୟାଚ

ନୂଆଦିଲ୍ଲୀ,୮।୧୨(ପି.ଟି.)

ଦେଶର ଅନ୍ୟତମ ମର୍ଯ୍ୟାଦାସମ୍ପନ୍ନ ଫୁଟବଲ ଟୁର୍ନାମେଣ୍ଟ ଆଇ- ଲିଗ୍ ଏଥର କୋଲକାତାରେ ଜାନୁୟାରୀ ୯ ତାରିଖରୁ ଆରମ୍ଭ ହେବ। ପଦାର୍ପଣ କରିବାକୁ ଥିବା ନୂଆ ଦଳ ସୁଡେଭା ଦିଲ୍ଲୀ ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ କ୍ଲବ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆଇ- ଲିଗ୍‌ର କାର୍ଯ୍ୟସୂଚୀ ମଙ୍ଗଳବାର ପ୍ରକାଶ କରିଛି। କୋଭିଡ୍ କାରଣରୁ ପୂରା ଟୁର୍ନାମେଣ୍ଟ ରୁଦ୍ଧଦ୍ୱାରରେ ଅର୍ଥାତ୍ ଫାଙ୍କା ଷ୍ଟାଡିୟମରେ ଖେଳାଯିବ।

କୋଲକାତାର ୩ଟି ଭେନ୍ୟୁରେ ମ୍ୟାଚ୍‌ଗୁଡିକ ଖେଳାଯିବ। ବିବେକାନନ୍ଦ ଯୁବା ଭାରତୀ ଷ୍ଟାଡିୟମ, କଲ୍ୟାଣୀ ମ୍ୟୁନିସିପାଲ ଷ୍ଟାଡିୟମ ଓ କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ମ୍ୟାଚ୍ ଆୟୋଜନ ହେବ। ବିବେକାନନ୍ଦ ଷ୍ଟାଡିୟମରେ ସୁଡେଭା ଦିଲ୍ଲୀ ଓ ମହମ୍ମଡାନ ଅପରାହ୍ନ ୨ଟାରେ ପ୍ରଥମ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଏହାପରେ ପଞ୍ଜାବ ଏଫ୍‌ସି- ଆଇଜଲ, ଗୋକୁଲମ କେରଳ- ଚେନ୍ନାଇ ସିଟି ଏଫ୍‌ସି ମ୍ୟାଚ୍ ଯଥାକ୍ରମେ ଅପରାହ୍ନ ୪ ଓ ସନ୍ଧ୍ୟା ୭ଟାରେ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ କଲ୍ୟାଣୀ ମ୍ୟୁନିସିପାଲ ଷ୍ଟାଡିୟମରେ ଆୟୋଜନ ହେବ। ୧୧ଟି ଦଳକୁ ନେଇ ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପ୍ରଥମ ହାଫ୍‌ର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଫେବୃୟାରୀ ୨୪ ସୁଦ୍ଧା ପ୍ରଥମ ୧୦ ରାଉଣ୍ଡର ମ୍ୟାଚ ଖେଳାଯିବ।

ସବୁ ଦଳର ଖେଳାଳି, ଅଫିସିଆଲ, ରେଫରି ଓ ଅନ୍ୟ ଅଫିସିଆଲମାନେ ବାୟୋ ବବଲ୍‌ରେ ରହିବେ ବୋଲି ଏଆଇଏଫ୍‌ଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନନ୍ଦା ଧର କହିଛନ୍ତି। ଏହା ଏକ ଭିନ୍ନ ପ୍ରକାର ଅଭିଜ୍ଞତା ଆଣିବ ବୋଲି ସେ କହିଛନ୍ତି। ତେବେ କରୋନା ଭାଇରସ୍ କାରଣରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦର୍ଶକମାନଙ୍କୁ ଷ୍ଟାଡିୟମ ଭିତରକୁ ଯିବାର ଅନୁମତି ଦିଆଯାଇ ନାହିଁ। ମହାମାରୀ କାରଣରୁ ଲିଗ୍‌ର ଗତ ସଂସ୍କରଣକୁ ସ୍ଥଗିତ ରଖାଯାଇଥିଲା। ତେବେ ଚଳିତ ବର୍ଷ ଅକ୍ଟୋବରରେ ଆଇ- ଲିଗ୍ କ୍ୱାଲିଫାୟର ଆୟୋଜନ କରାଯାଇଥିଲା ଓ ଏଥିସହିତ ଅବଶ୍ୟ ଫୁଟବଲ କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା।

# ଋଦ୍ଧିମାନଙ୍କ ଅର୍ଦ୍ଧଶତକ: ମ୍ୟାଚ ଡ୍ର

ସିଡ୍‌ନୀ, ୮।୧୨(ପି.ଟି.)


ଋଦ୍ଧିମାନ ଶାହା

ଭାରତ 'ଏ' ଓ ଅଷ୍ଟ୍ରେଲିଆ 'ଏ' ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ୱାର୍ମଅପ୍ କ୍ରିକେଟ ମ୍ୟାଚ ଡ୍ର ରହିଛି। ଦ୍ୱିତୀୟ ଇନିଂସରେ ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିବାରେ ବିଫଳ ହୋଇଥିବା ବେଳେ ଉଇକେଟ କିପର ଋଦ୍ଧିମାନ ଶାହା ଅର୍ଦ୍ଧଶତକ ହାସଲ ସହ ଅପରାଜିତ ରହି ସମ୍ମାନ ରଖିଛନ୍ତି।

ପୂର୍ବରୁ ଭାରତ 'ଏ' ପ୍ରଥମ ଇନିଂସକୁ ୨୪୭/୯ରେ ଘୋଷଣା କରିଥିବାବେଳେ ଅଷ୍ଟ୍ରେଲିଆ 'ଏ' ୯ ଉଇକେଟ ହରାଇ ୩୦୬ ରନ କରିଥିବାବେଳେ ମଙ୍ଗଳବାର ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତର ଦ୍ୱିତୀୟ ଇନିଂସରେ ଆରମ୍ଭ ଭଲ ହୋଇ ନ ଥିଲା। ଦୁଇ ଯୁବ ଓପନର ପୃଥ୍ୱୀ ଶ'୧୯ ଓ ଶୁବମନ ଗିଲ ୨୯ ରନରେ ଆଉଟ ହୋଇଥିବାବେଳେ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଖାତା ଖୋଲିପାରି ନ ଥିଲେ। ମିଡିଲ ଅର୍ଡରରେ ହନୁମା ବିହାରୀ ୨୮ ଓ ପ୍ରଥମ ଇନିଂସରେ ଶତକ ହାସଲକାରୀ ଅଜିଙ୍କ୍ୟ ରାହାନେ ୨୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଲୋୟର ଅର୍ଡରରେ କୌଣସି ବ୍ୟାଟ୍ସମ୍ୟାନ ଅଷ୍ଟ୍ରେଲୀୟ ବୋଲରଙ୍କୁ ସାମ୍‌ନା କରିପାରି ନ ଥିଲେ। ଋଦ୍ଧିମାନ ୧୦୦ ବଲ୍ ଖେଳି ୭ ଚୌକା ସହାୟତାରେ ୫୪ ରନ କରି ଅପରାଜିତ ଥିବାବେଳେ ଭାରତ ୧୮୯/୯ରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଅଷ୍ଟ୍ରେଲିଆ 'ଏ' ପକ୍ଷରୁ ମାର୍କ ଷ୍ଟେକେଟି ୫ ଉଇକେଟ ସଫଳତା ପାଇଥିବାବେଳେ ମାଇକେଲ ନେସେର ଓ କାମେରନ ଗ୍ରୀନ୍ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୩୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ 'ଏ' ଖେଳ ଶେଷ ବେଳକୁ ୧ ଉଇକେଟ ହରାଇ ୫୨ ରନ କରିଥିଲା। କାର୍ତ୍ତିକ ତ୍ୟାଗୀଙ୍କ ବଲ୍ ହେଲ୍‌ମେଟରେ ବାଜିବାରୁ ୱିଲ୍ ପୁକୋଭସ୍କି ୨୩ ରନରେ ରିଟାୟର୍ଡ ହର୍ଟ ହୋଇଥିଲେ।

# ତ୍ୟାଗୀଙ୍କ ବାଉନ୍ସରରେ ପୁକୋଭସ୍କି ଆହତ

ସିଡ୍‌ନୀ, ୮।୧୨(ପି.ଟି.)

ଭାରତ ବିପକ୍ଷରେ ଟେଷ୍ଟ ପଦାର୍ପଣ ପାଇଁ ହଟ୍ ଫେଭରାଇଟ୍ ଥିବା ଅଷ୍ଟ୍ରେଲିଆର ୱିଲ୍ ପୁକୋଭସ୍କି କାର୍ତ୍ତିକ ତ୍ୟାଗୀଙ୍କ ବାଉନ୍ସରରେ ଆହତ ହୋଇଛନ୍ତି। ଭାରତ 'ଏ' ବିପକ୍ଷରେ ଅଷ୍ଟ୍ରେଲିଆ 'ଏ' ପକ୍ଷରୁ ୱାର୍ମଅପ୍ ମ୍ୟାଚରେ ପ୍ରତିନିଧିତ୍ୱ କରିଥିବା ପୁକୋଭସ୍କି ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ତ୍ୟାଗୀଙ୍କ ବାଉନ୍ସର ତାଙ୍କ ହେଲ୍‌ମେଟକୁ ଜୋରରେ ଆଘାତ ଦେଇଥିଲା। ଫଳରେ ସେ କନ୍‌କସନରେ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ସେତେବେଳେ ସେ ୨୩ ରନ କରିଥିଲେ। ତେଣୁ ଚଳିତମାସ ୧୧ରୁ ଆରମ୍ଭ ହେବାକୁଥିବା ଦ୍ୱିତୀୟ ୱାର୍ମଅପ୍ ଗେମ୍‌ରେ ସେ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଡିସେମ୍ବର ୧୭ରୁ ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହା ଦିବାରାତ୍ର ବିଶିଷ୍ଟ ଖେଳାଯିବ। ଅଷ୍ଟ୍ରେଲିଆର ନିୟମିତ ଓପନର ଡେଭିଡ ୱାର୍ନର ଆହତ ଥିବାରୁ ପୁକୋଭସ୍କି ତାଙ୍କ ସ୍ଥାନ ନେବା ଏକ ପ୍ରକାର ନିଶ୍ଚିତ ହୋଇଛି। ପୁକୋଭସ୍କିଙ୍କ ସାମାନ୍ୟ ସଂଘାତଜନିତ ସମସ୍ୟାରେ ଥିବା ଅନୁଭବ କରୁଛନ୍ତି। ସେ କାହା ସହାୟତା ନ ନେଇ ପଡ଼ିଆ ଛାଡ଼ିଥିଲେ। ମେଡିକାଲ ରୁମ୍‌ରେ ପରୀକ୍ଷା ପରେ ସେ ନିଜ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଟିମ୍ ମ୍ୟାନେଜମେଣ୍ଟ ଏବଂ ପରିବାରବର୍ଗଙ୍କୁ ଜଣାଇଛନ୍ତି। ସେ ଅଷ୍ଟ୍ରେଲିଆ 'ଏ' ଦଳ ସହିତ ରହିବେ, ମାତ୍ର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ଖେଳିବେ ନାହିଁ ବୋଲି ଟିମ୍ ଡାକ୍ତର ଜନ୍ ଓର୍ଚାର୍ଡ ପ୍ରକାଶ କରିଛନ୍ତି। ହେଲମେଟର ସମ୍ମୁଖଭାଗ ଗାର୍ଡରେ ବଲ୍ ବାଜିବା ପରେ ପୁକୋଭସ୍କି ଆଣ୍ଠେଇ ପଡ଼ିଥିଲେ। କିଛି ମିନିଟ ସେପରି ରହିବାପରେ ଚାଲିବା ଆରମ୍ଭ କରିଥିଲେ। ୨୨ ବର୍ଷୀୟ ଏହି ଓପନରଙ୍କ ନିକଟରେ ମେଡିକାଲ ଟିମ୍ ତତ୍‌କ୍ଷଣାତ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲା। ୨୪ ଘଣ୍ଟା ପର୍ଯ୍ୟନ୍ତ ସେ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବେ। ସେ ପ୍ରଥମ ଟେଷ୍ଟ ଖେଳିବାନେଇ ସନ୍ଦେହ ପ୍ରକାଶ ପାଇଥିଲେ ହେଁ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।


ଟିମ୍ ଡ଼ାକ୍ତର ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହାୟତାରେ ଫେରୁଛନ୍ତି ପୁକୋଭସ୍କି।

# ଅର୍ଥ ବ୍ୟବସ୍ଥାକୁ ୩୨ ହଜାର କୋଟିର କ୍ଷତି

ନୂଆଦିଲ୍ଲୀ,୮।୧୨



ସରକାରଙ୍କ କୃଷକ ବିରୋଧୀ ନୀତିକୁ ପ୍ରତ୍ୟାହାର କରିବା ଲାଗି ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରାଯାଇଛି। ଧର୍ମଘଟର ପ୍ରଭାବ ସାରା ଦେଶରେ ରହିଥିଲା। ଦେଶର ୧୦ ପ୍ରମୁଖ ଶ୍ରମିକ ସଙ୍ଗଠନ ଏବଂ ବିରୋଧୀ ଦଳଗୁଡ଼ିକ ଏହି ଧର୍ମଘଟକୁ ସମର୍ଥନ

## ଦିନିକିଆ ଭାରତ ବନ୍ଦ

ଦେଇଥିଲେ। ନିରାପତ୍ତା ଯେଭଳି ବିପନ୍ନ ନ ହୁଏ ତାକୁ ଧ୍ୟାନରେ ରଖି ସରକାର ରାଜ୍ୟଗୁଡ଼ିକୁ ଆଡଭାଇଜରି ଜାରି କରିଥିଲେ। ରେଳରୋକୋ ନେଇ ଆଶଙ୍କା ରହିଥିବାରୁ ଏହା ଏପରେ ନଜର ରଖିବାକୁ ରେଲୱେ ୧୬ ରାଜ୍ୟରେ ଏହାର ଅଧିକାରୀଙ୍କୁ ନିର୍ଦ୍ଦେଶରେ କହିଥିଲା। ଏହି ଦିନିକିଆ ଧର୍ମଘଟ ଯୋଗୁ ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୩୨ ହଜାର କୋଟି ଟଙ୍କା କ୍ଷତି ହୋଇଥିବା ଶିଳ୍ପ ସୂତ୍ରରୁ ପ୍ରକାଶ ପାଇଛି।

ପ୍ରକୃତ କ୍ଷତି ଏହାଠାରୁ ଅଧିକ ହୋଇପାରେ ବୋଲି ଅନୁମାନ କରାଯାଉଛି। ସକାଳ ୧୧ରୁ ଦିନ ୩ଟା ଯାଏ ଧର୍ମଘଟ ପ୍ରଭାବ ଦେଖାଯାଇଛି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଦିଲ୍ଲୀ ଭଳି ଦେଶର ଉତ୍ତର ଭାଗରେ ରହିଥିବା ସ୍ଥାନଗୁଡ଼ିକରେ ଗତ ପ୍ରାୟ ୧୨ ଦିନ ହେବ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧକରି ଆସୁଛନ୍ତି।

## ରାଜ୍ୟରେ ୨୫୦୦କୋଟିର କାରବାର ଠପ୍

ଭୁବନେଶ୍ୱର,୮।୧୨

କୃଷକଙ୍କ ଦିନିକିଆ ଭାରତ ବନ୍ଦ କାରଣରୁ ଓଡ଼ିଶାର ବିଭିନ୍ନ କ୍ଷେତ୍ର ଓ ସଂସ୍ଥା ବନ୍ଦ ରହିଥିଲା। ଫଳରେ ମଙ୍ଗଳବାର ରାଜ୍ୟରେ ୨୫୦୦ କୋଟି ଟଙ୍କାର କାରବାର ଠପ୍ ହୋଇଥିବା ଶିଳ୍ପ ସୂତ୍ରରୁ ସୂଚନା ମିଳିଛି। ଭାରତ ବନ୍ଦ ଯୋଗୁ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଫଳରେ ପ୍ରାୟ ୧୬ କୋଟି ଟଙ୍କାର କାରବାର ହ୍ରାସ ପାଇଛି। କୃଷି ଓ କୃଷକଙ୍କ ଭାରତ ବନ୍ଦ ନିଷ୍ପତ୍ତିକୁ ସମର୍ଥନ ଜଣାଇ ପେଟ୍ରୋଲ ପମ୍ପ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ(ୟୁପିଡିଏ) ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି। ଏହି ବନ୍ଦକୁ ଓଡ଼ିଶା ବ୍ୟବସାୟ ମହାସଂଘ ମଧ୍ୟ ସମର୍ଥନ ଜଣାଇଥିଲା। ଏହି ବନ୍ଦ ଯୋଗୁ ଓଡ଼ିଶାରେ ପ୍ରାୟ ୨୫୦ରୁ ୩୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ଓଡ଼ିଶା ବ୍ୟବସାୟ ମହାସଂଘର ସଭାପତି ସୁଧାକର ପଣ୍ଡା ସୂଚନା ଦେଇଛନ୍ତି। ଭାରତ ବନ୍ଦ ଯୋଗୁ ବ୍ୟାଙ୍କ ସେବା ପ୍ରାୟ ୭୫% ବାଧାପ୍ରାପ୍ତ ହୋଇଛି। ଏହି ବନ୍ଦ ଫଳରେ ୨ ହଜାରରୁ ୨୨ ଶହ କୋଟି ଟଙ୍କାର ନେଣଦେଣ ଉପରେ ସିଧା ପ୍ରଭାବ ପକାଇଛି। ସରକାରଙ୍କ ଘରୋଇକରଣ ଓ ଚାଷୀମାରଣ ନୀତିକୁ ସଂଘ ବିରୋଧ କରିବା ସହ ଭାରତ ବନ୍ଦକୁ ସମର୍ଥନ କରିଥିଲେ ସୁଦ୍ଧା ବନ୍ଦରେ ସାମିଲ ହୋଇ ନ ଥିଲା ବୋଲି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ (ବ୍ୟାଙ୍କ)ର ରାଜ୍ୟ ସଭାପତି ଦାମୋଦର ନନ୍ଦ କହିଛନ୍ତି।

## ଖର୍ଚ୍ଚ ଜାରି ରଖିବେ ସରକାର: ସୀତାରାମନ

**ନୂଆଦିଲ୍ଲୀ,୮।୧୨:** ବଜେଟରେ ଧାର୍ଯ୍ୟ ହୋଇଥିବା ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଟପିବାକୁ ନେଇ ସରକାର ବେଶି ଚିନ୍ତିତ ନୁହନ୍ତି। କାରଣ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି। ଏଥିଲାଗି ସରକାର ଖର୍ଚ୍ଚ ଜାରି ରଖିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଏହାବାଦ୍ ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଆଯାଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଏହାକୁ ବିଚାରକରି ଉଭୟ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ମିଳିତ ହୋଇ କାମ କରୁଥିବା ସେ ମତ ରଖିଛନ୍ତି। ସେ କହିଛନ୍ତି, ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ସେମାନଙ୍କ ଖର୍ଚ୍ଚକୁ ବଢ଼ାଇବା ଲାଗି ପରାମର୍ଶ ଦିଆଯାଇଛି।


**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-23(19)/SERIFED/2020-21/1000/Dt.07.12.2020

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors "B" & "A" for the **"Establishment of Odisha State Sericulture Research & Training Institute"** at Plot No 14/A, Industrial Estate, Mancheswar, Bhubaneswar. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 14.12.2020 to 17.00 hours up to dt. 11.01.2021.** Online bids shall be received till **17.00 hours dt. 11.01.2021** & shall be opened at **11.30 AM on 12.01.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR


## ହ୍ୟୁଣ୍ଡାଇର ଫ୍ଲିଟ୍ କାର କେୟାର କ୍ୟାମ୍ପ

**ନୂଆଦିଲ୍ଲୀ,୮।୧୨:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଫ୍ଲିଟ୍ କାର୍ କେୟାର କ୍ୟାମ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୩ ତାରିଖ ଯାଏ ଚାଲିବ। ଏହି ସମୟ ଅବଧିରେ ଆକର୍ଷଣୀୟ ମୂଲ୍ୟରେ ଗ୍ରାହକ ସେମାନଙ୍କ କାରକୁ ସର୍ଭିସ କରାଇ ପାରିବେ। ଶୀତ ସମୟରେ ପାଗ ଖରାପ ରହୁଥିବାରୁ ଏହି ସମୟରେ ଯାନ ଉପରେ ବିଭିନ୍ନ ପ୍ରଭାବ ପଡୁଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଗ୍ରାହକଙ୍କ ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛି। ଗ୍ରାହକଙ୍କୁ ବିନା କୌଣସି ଅସୁବିଧାରେ ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସମସ୍ତ ଫ୍ଲିଟ୍ କଷ୍ଟମର ଏହାର ଲାଭ ଉଠାଇପାରିବେ। ହ୍ୟୁଣ୍ଡାର ଡିଲରଶିପଗୁଡ଼ିକରେ ଏହାର ଲାଭ ଲୋକମାନେ ନେଇପାରିବେ।

## ୩ ବର୍ଷରେ ସବୁ ଗାଁ କୁ ହାଇସ୍ପିଡ୍ ଇଣ୍ଟରନେଟ: ମୋଦି

ନୂଆଦିଲ୍ଲୀ,୮।୧୨

ମୋବାଇଲ ମାନୁଫାକଚରିଂ କ୍ଷେତ୍ରରେ ଭାରତ ସାରା ବିଶ୍ୱରେ ଏକ ପ୍ରମୁଖ ସ୍ଥଳ ହୋଇପାରିଛି। ସାରା ଦେଶରେ ଡିଜିଟାଲ ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଏବେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ଇଣ୍ଡିଆ ମୋବାଇଲ କଂଗ୍ରେସ(ଆଇଏମ୍‌ସି) ୨୦୨୦କୁ ଭିଡିଓକନଫରେନ୍ସ ଯୋଗେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ସେ ପୁଣି କହିଛନ୍ତି, ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଆପ୍ଲିକେଶନ ବଜାର ଏବଂ ମୋବାଇଲ ଟାରିଫ୍ ନିମ୍ନରେ ରହିଛି। ଆଗାମୀ ୩ ବର୍ଷରେ ସମଗ୍ର ଦେଶର ସବୁ ଗାଁକୁ ହାଇସ୍ପିଡ୍ ଇଣ୍ଟରନେଟ ସୁବିଧା ପହଞ୍ଚିବ ବୋଲି ମୋଦି ମତବ୍ୟକ୍ତ କରିଛନ୍ତି। ଇଲେକ୍‌ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ଦିଗରେ ଶିଳ୍ପକ୍ଷେତ୍ର ଚିନ୍ତାକରୁ ବୋଲି ମୋଦି ଆହ୍ୱାନ ଜଣାଇଛନ୍ତି। ସେହିଭଳି ୫ଜିକୁ ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ କରାଇ ଦେଶବାସୀଙ୍କୁ ସଶକ୍ତ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୋବାଇଲ ଯୋଗୁ ବିଭିନ୍ନ ସୁବିଧାକୁ ପ୍ରତ୍ୟକ୍ଷ ଭାବେ ଲୋକଙ୍କ ନିକଟକୁ ପହଞ୍ଚାଇବା ଦିଗରେ ସୁବିଧା ହେଉଛି।


**OFFICE OF THE EXECUTIVE ENGINEER, GANJAM [R&B] DIVISION NO.I, BERHAMPUR**
GOVERNMENT OF ODISHA
Phone/Fax : (0680) 2233683, e-mail : eernb1_bam@yahoo.com

**INVITATIONS FOR BIDS (IFB) [e-Procurement]**

Bid Identification No. E.E. (R&B)-BAM- 29 /2020-21 No. 8558 // Dated : 07.12.2020

No. B-506: The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites price bid in double cover system in ONLINE MODE for supply, Installation & Commissioning of Biomedical Waste Incinerator on Turnkey basis at MKCG Medical College, Berhampur as detailed below from eligible suppliers / manufacturer /Importers.

1. Nature of work : Supply, Installation & Commissioning Work
2. No. of work : 1 (One) No.
3. Tender Paper Cost : Will be available in DTCN in website from 14.12.2020
4. Date & Time of sale & receipt of Bids : From 14.12.2020, 10.00 AM to 21.12.2020 up to 4.00 PM
5. Date of Opening of Bid : 22.12.2020 at 11.30 A.M.
6. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.

Sd./- Executive Engineer,
Ganjam(R&B) Division No.I, Berhampur
OIPR-34109/11/0015/2021


## ୨୦୨୧ ଦ୍ୱିତୀୟାର୍ଦ୍ଧରେ ଜିଓ ଆଣିପାରେ ୫ଜି ସେବା

ନୂଆଦିଲ୍ଲୀ,୮।୧୨: ୨୦୨୧ ଦ୍ୱିତୀୟାର୍ଦ୍ଧରେ ଦେଶରେ ୫ଜି ସେବା ଉପଲବ୍ଧ ହେବ। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ମଙ୍ଗଳବାର ଆଭାସ ଦେଇଛନ୍ତି। ଅଲଟ୍ରା ହାଇସ୍ପିଡ୍ ୫ଜି ସେବାକୁ ସାରା ଦେଶରେ ଆରମ୍ଭ କରିବା ଲାଗି ନୀତିଗତ ଭାବେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ହେଲେ ସେବାକୁ ସୁଲଭ ଏବଂ ସବୁ ଆଡେ ଉପଲବ୍ଧ କରାଯାଇପାରିବ। ଏହି ସେବାକୁ ଉପଲବ୍ଧ କରାଇବା ପାଇଁ ବିଦେଶୀ କମ୍ପାନୀଗୁଡିକ ଉପରେ ନିର୍ଭର କରିହେବ ନାହିଁ ବୋଲି ସେ ମତ ରଖିଛନ୍ତି। ଏଥିଲାଗି ଦେଶରେ ହାର୍ଡୱେର ମାନୁଫାକଚରିଂ କରିବା




ଉପରେ ସେ ଜୋର ଦେଇଛନ୍ତି। ଭର୍ଚୁଆଲ ଭାବେ ସମସ୍ତଙ୍କୁ ସଂଯୋଗ କରିବାରେ ୫ଜି ସହାୟତା କରିବ। ଦେଶରେ ବର୍ତ୍ତମାନ ୩୦ କୋଟି ୨ଜି ଗ୍ରାହକ ରହିଛନ୍ତି। ଏହି ବର୍ଗରେ ଲୋକମାନେ ସୁଲଭ ସ୍ମାର୍ଟଫୋନ ଲାଭ କଲେ ୫ଜି ସେବା ପାଇପାରିବେ। ଏ ନେଇ ନୀତିଗତ ଭାବେ ପଦକ୍ଷେପ ଆସିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। କରୋନା ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥା ଆଗାମୀ ଦିନରେ ଦ୍ରୁତ ହାରରେ ଅଭିବୃଦ୍ଧି ହାସଲ କରିବା ନେଇ ସେ ଆଶାବାଦୀ ରହିଥିବା କହିଛନ୍ତି। ଚଳିତ ବର୍ଷ ଅଧିକାଂଶ କାମ ଅନ୍‌ଲାଇନରେ ହୋଇଥିବାରୁ ଭାରତ ବର୍ତ୍ତମାନ ଅନ୍‌ଲାଇନ ଆଡକୁ ଦ୍ରୁତ ଭାବେ ଅଗ୍ରସର ହୋଇଛି ବୋଲି ସେ ମତ ରଖିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବୌଦ୍ଧଗଡ଼**
Mail ID boudhgarhnac@yahoo.co.in, Ph.06841 222024
ପତ୍ର ସଂ. ତାରିଖ ୨୦୨୦

**ବିଜ୍ଞାପନ**

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ନୋଟିସ ନଂ.୩୪୧୪ ତା୦୨।୧୧।୨୦୨୦ରିଖ ଅନୁଯାୟୀ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଖାଲିଥିବା ଦୋକାନ ଗୃହ ପାଇଁ ଟେଣ୍ଡର କରାଯାଇଥିଲା। କିନ୍ତୁ ଟେଣ୍ଡର ପ୍ରକ୍ରିୟାରେ ବିଜୁ ପଟ୍ଟନାୟକ (ଦ୍ୱିତୀୟ) ମାର୍କେଟ କମ୍ପ୍ଲେକ୍ସର ଉପର ମହଲାରେ ୦୭ (ସାତ) ଗୋଟି ଓ ଲିପ୍‌ସା ଛକଠାରେ ଥିବା ଉପର ମହଲାର ଛଅ ଗୋଟି ଦୋକାନ ଗୃହ ଖାଲିରହିଅଛି। ଏଥି ନିମନ୍ତେ ପୁନର୍ବାର ଦୋକାନ ଗୃହ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରିବା ପାଇଁ ଆବଶ୍ୟକୀୟ ଦରଖାସ୍ତ ଫର୍ମ ଏବଂ ନିୟମାବଳୀ ତା୦୯।୧୨।୨୦୨୦ରିଖଠାରୁ ତା୧୮।୧୨।୨୦୨୦ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ମିଳିପାରିବ। ଏହି ଆବେଦନର ଶେଷ ତାରିଖ ୨୧।୧୨।୨୦୨୦।

ସ୍ୱା./- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼



**OFFICE OF THE CHIEF CONSTRUCTION ENGINEER**
**KANUPUR IRRIGATION PROJECT**
AT/PO: BASUDEVPUR, DIST: KEONJHAR, ODISHA, PIN: 758047
E-mail: ccekipbpur@gmail.com

**"e" PROCUREMENT NOTICE**
**Bid Identification No.: 01/CCEKIP of 2020-21 (Online)**

**NOTICE INVITING TENDER**

No. A-334:-

| | | |
|---|---|---|
| 1 | Name of the work | Construction of 1000mm thick Plastic Concrete Cut-off Wall at hell of the earth dam upto fresh rock level throughout the foundation of left embankment upto RD 1150m of Kanupur Irrigation Project in Keonjhar district of Odisha. |
| 2 | Estimated Cost | **Not Provided** |
| 3 | Period of Completion | **11 (Eleven) calendar months** including rainy season. |
| 4 | Date & Time of availability of bid document in the portal | **Dt.14.12.2020 from 10.00 hours to Dt.13.01.2021 upto 17.00 hours.** |
| 5 | Last date/time of receipt of bid in the portal | **Dt.13.01.2021 upto 17.00 hours.** |
| 6 | Name & Address of the Officer inviting Bid | Chief Construction Engineer, Kanupur Irrigation Project, At/PO: Basudevpur, Dist.: Keonjhar, Odisha-758047 |

Further details can be seen from e-Procurement portal www.tendersodisha.gov.in

Sd./- (Er. M.K. Bhuyan), Chief Construction Engineer
Kanupur Irrigation Project,
Basudevpur, Keonjhar, Odisha
OIPR-32376/11/0001/2021



**Office Of The Chief District Medical & Public Health Officer, Puri**
Grand Road, Medical Square, Puri, Pin No-752002
Phone No-06752-222124(O) & 232294(C.S), E Mail-cdspuri@gmail.com

**TENDER CALL NOTICE**

No. 9182 Sub Store Puri Dated 04.12.2020

**For Supply of the Lab Reagents & Consumables under NIDAAN for Puri District**

**No. E-412:-** Sealed tenders are invited from Reputed Manufacturers, Authorized Distributors having valid distributor license from principal manufacturer, EPM & GEM Rate contract Firms for supply of the Lab Reagents & Consumables under NIDAAN for Puri District. The Tender Paper cost fee of Rs.1000/- (Non-refundable) by way of separate Bank Draft should be submitted in favour of Rogi Kalyan Samiti, DHH, Puri. For detail regarding this tender call notice please visit the website **www.puri.nic.in** or contact office of the undersigned during the office hour in all working days.

Last Date & Time of receipt of Tender :- **28.12.2020 upto 11 A.M**
Date & Time of opening of Tender :- **28.12.2020 at 1.00 P.M**
Venue:- **Office Chamber of CDM & PHO,Puri.**

The authority reserves full rights to accept or reject any or all tenders without assigning any reason thereof.

Sd./- Chief District Medical & Public Health Officer, Puri
OIPR-10021/11/0013/2021



**OFFICE OF THE EXECUTIVE ENGINEER**
**R.W.S.S DIVISION, SONEPUR**
Telephone No.06654-220259, email-dwsm_snpr@nic.in

**Govt. of Odisha e-Procurement Notice**
**Bid Identification No. 03/ 2020-21**

No.O-678:- The Executive Engineer, RWS&S Division, Sonepur on behalf of Governor of Odisha invites Percentage bid through e-Procurement in single cover system for the water supply works as detailed below. The bid should be submitted online in the website www.tendersodisha.gov.in in separately for different works.

1. Nature of Work- PWS Works & Construction SV & NRV Chamber, Laying of HDPE/ GI Pipe installation of Pump motor for different blocks of Subarnapur District.
2. No. of Tenders-06 Nos.
3. Tender Paper Cost- Rs. 6000/-
4. Value of Work- Rs.10.99 lakhs to Rs.31.32 lakhs
5. Class of Contractor- 'C' & 'B' Class.
6. Date & time of availability of Bid documents in portal- 11.00 hours of dt.09.12.20 to dt.23.12.20 upto 17 hours.
7. Date & time of seeking tender clarification: 22.12.20 up to 5.00PM.
8. Date & time of Opening of Tender: 24.12.20 at 11.00 AM in the O/o E.E., RWS&S Division, Sonepur.
9. Time of Completion: 120 days
10. The bidders have to participate in online bidding only. Further details can be seen from the website https//www.tenderorissa.gov.in.
11. Corrigendum if any shall only be published in the above website.
12. Tender along with cost of paper and EMD is to be received through e-procurement portal.

Sd./- Executive Engineer, RWSS Division, Sonepur
OIPR-25037/11/0004/2021



GOVERNMENT OF ODISHA No. B-505
**OFFICE OF THE EXECUTIVE ENGINEER**
**SUNDARGARH (R&B) DIVISION, SUNDARGARH**
e-mail ID: pwd_sng@yahoo.co.in, Tel./Fax: (06622) 272230

**"e" - Procurement Notice**
Bid Identification No. EE-R&B-SNG-54 of 2020-21
Letter No. 6156//WE Date: 01.12.2020

| | | | |
|---|---|---|---|
| 1 | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on Onlie mode from eligible contractors with valid licences for execution of **Building works** as detailed in DTCN. | | |
| 2 | Nature of Works | : | Building Works |
| 3 | No. of works | : | 01 (One) No. |
| 4 | Tender Cost | : | Rs.6,000/- |
| 5 | Class of Contractor | : | "C" & "B" Class Contractor |
| 6 | Availability of bid document in the website | : | From 10.00 A.M. of Date: 17.12.2020 to 05.00 P.M. of date 28.12.2020 |
| 7 | Date of opening of Bid | : | 11.00 A.M. on Dt.29.12.2020 |
| 8 | The bidders have to particiapte in Online bidding only. Further details can be seen from the website **(http://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

Sd./- Executive Engineer
Sundargarh (R&B) Division
OIPR-34043/11/0025/2021



**ODISHA TOURISM DEVELOPMENT CORPORATION LIMITED**
No. CAD-874
(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESWAR - 14

**INVITATION FOR BIDS (IFB)**

Letter No. 5578 Date: 04.12.2020

**NOTICE INVITATION FOR BIDS (NIFB)**
E-Procurement Notice No. BP-I/46/2020-21 Dt.04.12.2020

1. Nature of Work : Gate, Parking, Weather Proof Synthetic & Interior Furnishing etc.
2. Total No. of Works : 2 Nos.
3. Value of Works : Rs.31.48 lakhs to 45.00 lakhs
4. Bid Security : As per NIT
5. Class of Contractor : As per NIT
6. Period of Completion : 3 (Three) months
7. Other details as follows :

| Procurement Officer | Bid Identification No. | Availability of Bid Online | | Date, time & place of Opening of Tender |
|---|---|---|---|---|
| | | From | To | |
| Executive Engineer, OTDC Ltd. | BP-I/46/2020-21 Dt.04.12.2020 | 08.12.2020 | 17.12.2020 | 11.30 hours of Dt.18.12.2020 in the Office of the Executive Engineer (BP Divn.-I), OTDC Ltd., Bhubaneswar (As detailed in NIT) |

Further details can be seen from the Govt. website **www.etenderodisha.gov.in**.

Sd./- Executive Engineer
O.T.D.C. Ltd., BBSR
OIPR-37002/11/0023/2021


## ଯାତ୍ରୀବାହୀ ଯାନ ରିଟେଲ ବିକ୍ରି ୪% ବଢ଼ିଲା

ନୂଆଦିଲ୍ଲୀ,୮।୧୨

ନଭେମ୍ବର ମାସରେ ଯାତ୍ରୀବାହି ଯାନର ରିଟେଲ ବିକ୍ରି ୪.୧୭% ବଢିଛି। ଦିୱାଲି ଏବଂ ଧନ୍‌ତେରସ୍ ଅବସରରେ ଯାନ ପଞ୍ଜୀକରଣରେ ଏଭଳି ଉନ୍ନତି ଆସିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ପକ୍ଷରୁ ମଙ୍ଗଳବାର ସୂଚନା ମିଳିଛି। ନଭେମ୍ବରରେ ଉକ୍ତ ବର୍ଗରେ ୨.୯୧ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଥିବା ଜଣାପଡିଛି। ଏହା ଗତ ବର୍ଷ ସମାନ ସମୟରେ ୨.୭୯ ଲକ୍ଷ ୟୁନିଟ ରହିଥିଲା। ସେହିଭଳି ଟ୍ରାକ୍ଟର ବିକ୍ରି ୮.୪୭% ବଢ଼ି ୪୯,୩୧୩ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ଅବଧିରେ ୪୫,୪୬୨ ୟୁନିଟ ଥିଲା। ୨ ଚକିଆ ଯାନ ବିକ୍ରି ୨୧.୪୦% ନିମ୍ନରେ ରହିଛି। ୨୦୧୯ ନଭେମ୍ବରରେ ୧୭.୯୮ ୟୁନିଟ ୨ ଚକିଆ ଯାନ ବିକ୍ରି ହୋଇଥିବା ବେଳେ ଏହା ଚଳିତ ବର୍ଷ ନଭେମ୍ବରରେ ୧୪.୧୩ ଲକ୍ଷ ୟୁନିଟ ରହିଛି। ୩ ଚକିଆ ବର୍ଗରେ ଯାନ ବିକ୍ରି ସର୍ବାଧିକ କ୍ଷତିଗ୍ରସ୍ତ ସ୍ତରରେ ରହିଛି।


GOVT. OF ODISHA
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**"e" Procurement Notice for Road Works**
Identification No. Road Online NCB No.284
No.O-676:- No. 2225// Date: 4.12.20

1. Name of the work :- Road works in the District of Keonjhar. 2. No. of works :- 02 (Two) Nos. 3. Estimated Cost :- As per Annexure in NIT. 4. Class of Contractor (Eligible) :- As per Annexure in NIT. 5. Period of Completion :- As per Annexure in NIT. 6. Other details :-

| Procurement Officer | Bid idendification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.284 | Dt.14.12.20 at 11.00 A.M. | Dt.04.01.21 upto 5.00 P.M. | Dt.03.01.21 upto 5.00 P.M | Dt.05.01.21 at 11.30 A.M. | Will be intimated later |

Further details can be seen from the website:www.tendersorissa.gov.in

Sd./- Er. P.K. Misra, Superintending Engineer, N.E.R.W. Circle, Keonjhar
OIPR-25048/11/0011/2021



Government of Odisha
**Office of the Superintending Engineer**
**Northern Circle,Rural Works,Angul**
**Identification No. PMGSY Online AGL-11/2020-21**
No. O-665:- No. 2129 // Dt.04.12.2020

1. Name of the work : Construction of road & CD works under PMGSY Programme.
2. Total No. of Package : 55 No. individual packages
3. Estimated Cost of individual packages : Varies from Rs.138.79 lakhs to Rs.3469.00 lakhs
4. Period of completion. : 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details.

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works, Northern Circle, Angul | PMGSY Online AGL- 11/ 2020-21 | 55 Nos. | 11.12.20 at 11.00 A.M. | 31.12.20 upto 3.00 P.M. |

Further details can be seen from the website "**www.pmgsytenders.gov.in**"

(Sd./-R.K. Panda)
Superintending Engineer, N.C., Rural Works, Angul
OIPR-25049/11/0010/2021



**National Health Mission**
**Odisha State Health & Family Welfare Society**
**Health & FW Department, Govt. of Odisha**
Annex Building of SIH & FW, Nayapalli, Unit-8, Bhubaneswar-751012
Advt. No: 24/20 Date:7.12.2020

**Request for Proposal (RFP) for Operation & Management of Urban Primary Health Center (UPHC) in partnership mode under NHM**

**No. E-414:-** Odisha State Health & Family Welfare Society invites application as per the prescribed RFP document from credible entities registered under Society Registration Act / Indian Trust Act/ Company Act./ Institutions like Medical Colleges/ Hospitals run under Govt. Public Sector/ Pvt. Sector for operation & management of one **Urban Primary Health Center (UPHC) at Angul town** in **Angul** district in partnership mode.

Sealed proposals as per the prescribed RFP document are invited from interested eligible bidders for "Operation and Management of UPHC" at Angul town in Angul district. The eligibility criteria and detailed requirements for "Operation & Management of UPHC" and the formats for submission of proposals are set forth in the RFP document which can be downloaded from the website: **www.nhmodisha.gov.in**. Interested bidders fulfilling the eligibility criteria may submit their proposal with EMD & documents as set forth in this RFP in a sealed envelope clearly superscribing the name of the UPHC on the envelope to the CDM&PHO, Angul on or before the last date for submission of application mentioned in the RFP.

Proposal(s) complete in all respect should reach the District by Speed Post/Registered Post/ Courier only on or before **29.12.2020.** The proposal(s) shall be opened in the concerned district on the date and time mentioned in the RFP. Incomplete applications /applications received in an open envelope/ applications received after the due date/ applications of the blacklisted NGOs and Trusts will be summarily rejected . The authority reserves the right for cancellation of the selection / modification of the selection guideline without assigning any reason thereof. No personal inquiry shall be entertained.

OIPR-10084/11/0017/2021
Sd./- **Mission Director, NHM & Member Secretary, OSH&FW Society**



**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION**
**CHAKRATIRTHA ROAD, PURI**
e-mail: dfopuri@yahoo.com; Telephone-06752-228281
Tender Notice No. 5577, Date. 04.12.2020

**TENDER CALL NOTICE**

**No. MM-95:-** Sealed tenders are invited in two Bid systems from established / reputed / registered / experienced and accredited manufacturers for supply of following item for use in Puri Wildlife Division, Puri.

| Item | Cost of tender paper | EMD to be deposited | Dimension |
|---|---|---|---|
| 1 | 2 | 3 | 4 |
| HDPE Floating Jetty | Rs.1,000/- | Rs.1,50,000/- | HDPE Floating jetty with walkway. Float 12m x 5m Walkway 15m x 3m |

Non transferable tender documents for supply of the item stated above will be available and can be available and can be collected in person from the Office of the Divisional Forest Officer, Puri Wildlife Division, Chakratirtha Road, Puri, Odisha on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the **"Divisional Forest Officer, Puri Wildlife Division"** payable at Puri.

1- Tender papers / documents will be available for sale in the O/o the Divisional Forest Officer, Puri Wildlife Division, Chakratirtha Road, Puri, during office hours from 08.12.2020 to 18.12.2020 during the office hour.
2- Receiving of Tender papers will be within 08.12.2020 until 4.00 PM of dated 18.12.2020 at 4.00 PM.
3- Tender opening time 10.30 AM of dt.21.12.2020.

Sd./- **Divisional Forest Officer, Puri Wildlife Division, Puri**
OIPR-08031/11/0003/2021

# ଭାରତ ବନ୍ଦର ଝଲକ

## ଭୁବନେଶ୍ୱର




କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର 'ଶିଖ୍ ଏଡ୍' ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ଓ ଶୋଭାଯାତ୍ରା ।




ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍ ।




ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ଶୋଭାଯାତ୍ରା ।




ଫରୱାର୍ଡ ବ୍ଲକ ସମେତ ଅନ୍ୟାନ୍ୟ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଭୁବନେଶ୍ୱର ରେଲୱେ ଷ୍ଟେସନରେ ରେଳରୋକୋ ।



ବନ୍ଦ ଯୋଗୁ ନୟାପଲ୍ଲୀ ଦୁର୍ଗାମଣ୍ଡପ ନିକଟରେ ହାତ ବାନ୍ଧି ବସିଥିବା ଦିନମଜୁରିଆ ।




ଭୁବନେଶ୍ୱର ବାଣୀବିହାର-ସତ୍‌ସଙ୍ଗ ରାସ୍ତାକୁ ଆନ୍ଦୋଳନକାରୀମାନେ ଅବରୋଧ କରିଛନ୍ତି ।

## କଟକ




କଟକଠାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭାରତବନ୍ଦ ସଫଳ କରିବାକୁ ଆହ୍ୱାନ ଦିଆଯାଉଛି ।

## ଅନୁଗୋଳ



ଅନୁଗୋଳରେ ରାସ୍ତାଘାଟ, ଦୋକାନବଜାର ଶୁନ୍‌ଶାନ୍ ।

## ପୁରୀ




ପୁରୀରେ କୃଷକ ବିରୋଧୀ ଆଇନ ବିରୋଧରେ ବିକ୍ଷୋଭ ।

## ଖୋର୍ଦ୍ଧା




ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଖୋର୍ଦ୍ଧାରେ ଆନ୍ଦୋଳନ କରାଯାଉଛି ।

ଧରିତ୍ରୀ
DHARITRI
ବୁଧବାର, ୯ ଡିସେମ୍ବର, ୨୦୨୦



## ସଂକ୍ଷେପରେ

### ଜ୍ୱାଇଁଙ୍କୁ ହାଣିଦେଲେ ଶ୍ୱଶୁର

ବଇଣ୍ଡା,୮।୧୨(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ଥାନା ବଏଜା ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଘରଜ୍ୱାଇଁ ଭାବେ ରହୁଥିବା ନିଶା ଥାନା କଙ୍କରେଇ ଗ୍ରାମର ବସନ୍ତ ବେହେରାଙ୍କୁ ଶ୍ୱଶୁର ପ୍ରସନ୍ନ ବେହେରା କଟୁରୀରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ବସନ୍ତଙ୍କ ଭାଇ ପୀତବାସଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୧୬୮/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ୱଶୁର ପ୍ରସନ୍ନଙ୍କୁ ଗିରଫ କରିଛି। ଆଇଆଇସି ପ୍ରତିଭା ମାଝି କହିଛନ୍ତି, ପ୍ରସନ୍ନଙ୍କ ଝିଅଙ୍କୁ ୫ ବର୍ଷ ତଳେ ବସନ୍ତ ବିବାହ କରିଥିଲେ। ବାହାଘରର ୧ ବର୍ଷ ପରେ ବସନ୍ତ ଶ୍ୱଶୁର ଘରେ ରହିଆସୁଥିଲେ। ପ୍ରସନ୍ନ ଦୈନିକ ମଦ୍ୟପାନ କରି ଝିଅ ସହ ଜ୍ୱାଇଁଙ୍କୁ ଗାଳିଗୁଲଜ କରୁଥିଲେ। ସୋମବାର ରାତି ୯ଟାରେ ସେ ଏପରି ବ୍ୟବହାର କରିବାରୁ ଜ୍ୱାଇଁ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ୱଶୁର ଏକ କଟୁରୀ ଆଣି ବସନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ବସନ୍ତଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।

### ବଡ଼ଭାଇଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଚାଲିଗଲେ ସାନଭାଇ

ରସୁଲପୁର,୮।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ସିଂହାପୁର ପଞ୍ଚାୟତର ଏକ ଘରୋଇ କଲେଜରେ କମ୍ପ୍ୟୁଟର ଅଧାପକ ଭାବେ କାର୍ଯ୍ୟ କରୁଥିବା ସୁଶାନ୍ତ ରାଉତ(୪୫)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ୧ ତାରିଖରେ ବଡ଼ଭାଇ ରଜତ ରାଉତ(୪୮)ଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ଏଥିରେ ମ୍ରିୟମାଣ ହୋଇ ସାନ ଭାଇଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ରଜତଙ୍କ ମୃତ୍ୟୁପରେ ସୁଶାନ୍ତ ଚିନ୍ତାଗ୍ରସ୍ତ ହୋଇପଡିଥିଲେ। ସୋମବାର ତାଙ୍କର ହୃଦ୍‌ଘାତ ହୋଇଥିଲା। ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଉକ୍ତ ମୃତ୍ୟୁକୁ ନେଇ ସିଂହାପୁର ଓ ଜାରକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାତୃଦ୍ୱୟଙ୍କ ବାପା ଜ୍ଞାନରଞ୍ଜନଙ୍କ ଚଳିତ ବର୍ଷ ସେପ୍ଟେମ୍ବରରେ ମୃତ୍ୟୁ ଘଟିଥିଲା। ୩ମାସ ଭିତରେ ଗୋଟିଏ ପରିବାରରୁ ୩ଜଣ ପୁରୁଷ ମୃତ୍ୟୁ ବରଣ କରିବା ପରେ ଏବେ ସେମାନଙ୍କ ପରିବାର ପୁରୁଷ ଶୂନ୍ୟ ହୋଇଯାଇଛି। ମୃତ ଭାଇ ଦୁଇଙ୍କ ୨ଟି ଲେଖାଏ ଝିଅ ରହିଛନ୍ତି। ରଜତଙ୍କ ବଡ଼ ଝିଅ ଦିବ୍ୟାଙ୍ଗ ବୋଲି ଜଣାପଡିଛି।

### ଓଡ଼ିଶା-ଝାଡ଼ଖଣ୍ଡ ସୀମା ବିବାଦ ସମାଧାନ ପ୍ରକ୍ରିୟା ଆରମ୍ଭ

ବାରିପଦା ଅଫିସ,୮।୧୨-ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ରିଘା ଗ୍ରାମ ନିକଟରେ ଥିବା କର୍ଙ୍ଗିରା ନଦୀରୁ ବାଲି ଉତ୍ତୋଳନକୁ ନେଇ ଦେଖାଦେଇଥିବା ସୀମା ବିବାଦର ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟ ପାଇଁ ଦେଖାଦେଇଥିବା ଏହି ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀମାନେ ହସ୍ତକ୍ଷେପ କରିଛନ୍ତି। କରଞ୍ଜିଆ ଉପଜିଲାପାଳ ଡ.ରଜନୀକାନ୍ତ ବିଶ୍ୱାଳ, ଏସ୍‌ଡିପିଓ ସତ୍ୟବିକାଶ ଭୂୟାଁଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଝାଡ଼ଖଣ୍ଡ ରାଜ୍ୟର ତହସିଲଦାର ଏବଂ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସଫଳ ଆଲୋଚନା କରିଥିଲେ। ପ୍ରକାଶ ଯେ, ଝାଡ଼ଖଣ୍ଡ ରାଜ୍ୟର କେତେକ ବାଲି ମାଫିଆ ବେଆଇନ ଭାବେ ଓଡ଼ିଶା ସୀମାକୁ ପଶିଆସି ବେଧଡ଼କ ବାଲି ଉତ୍ତୋଳନ କରୁଛନ୍ତି । ମୟୂରଭଞ୍ଜ ପ୍ରଶାସନ ପକ୍ଷରୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିଲା । ଅପର ପକ୍ଷରେ ଓଡ଼ିଶାର କିଛି ଲିଜଧାରୀଙ୍କର ବାଲି ଉତ୍ତୋଳନ ପାଇଁ ବ୍ୟବହୃତ ଗାଡ଼ିକୁ ଝାଡ଼ଖଣ୍ଡ ପ୍ରଶାସନ ବଳପୂର୍ବକ ଅଟକ ରଖି ମୋଟା ଅଙ୍କର ଜରିମାନା ଆଦାୟ କରୁଥିଲା। ଯାହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୟୂରଭଞ୍ଜ ଜିଲା ପ୍ରଶାସନ ଝାଡ଼ଖଣ୍ଡ ପ୍ରଶାସନକୁ ଅବଗତ କରିବା ପରେ ଉଭୟ ପକ୍ଷରୁ ଏକକ ମିଳିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ରରୁଆଁ ବ୍ଲକର ୪ଟି ସ୍ଥାନରେ ବାଲି ଖାଦାନ ଥିବା ବେଳେ ଚାରିବର୍ଷ ଧରି ସୀମା ବିବାଦ ଲାଗି ରହିଛି। ତେବେ ଗୋଟିଏ ସୀମା ବିବାଦ ନେଇ ସମାଧାନର ସୂତ୍ର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଅବଶିଷ୍ଟ ୩ଟିର ସମାଧାନ ପାଇଁ ଉଦ୍ୟମ ଅବ୍ୟାହତ ଥିବା ନେଇ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଏସ୍‌ଆଇଟି ତଦନ୍ତକୁ ବିରୋଧ

- ଆନ୍ଦୋଳନକାରୀଙ୍କୁ ଅଟକ ପରେ ଉତ୍ତେଜନା
- ଯଦୁପୁର ଦଳିତସାହିରେ ରାସ୍ତାରୋକୋ



ଯଦୁପୁର ଦଳିତସାହିବାସିନ୍ଦା ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଛନ୍ତି ।

**ନୟାଗଡ ଅଫିସ,୮।୧୨**

ବହୁ ଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ଏସ୍‌ଆଇଟି ତଦନ୍ତ ଚାଲିଛି । ହେଲେ ସୋମବାର ବିଳମ୍ବିତ ରାତିରେ କେତେଜଣ ଗ୍ରାମବାସୀଙ୍କ ଘରର କବାଟକୁ ପିଟି ଏସ୍‌ଆଇଟି ତଦନ୍ତ କରିବାର ପ୍ରକ୍ରିୟାକୁ ଯଦୁପୁର ଦଳିତସାହିରେ ବିରୋଧ କରାଯାଇଛି। ଅନ୍ୟପକ୍ଷେ ପରୀର ପରିବାରକୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ଦଳିତସାହିର ଜଣେ ଯୁବକଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ଅଟକ ରଖାଯିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଳିତସାହିର ମହିଳାପୁରୁଷମାନେ ସମ୍ପୃକ୍ତ ଯୁବକଙ୍କ ଅଟକକୁ ବିରୋଧ କରିଥିଲେ। ଏପରି କି ଦଳିତ ସାହି ଗାଁମୁଣ୍ଡରେ ସେମାନେ ପୂର୍ବାହ୍ନ ୯ଟାରେ ରାସ୍ତାରୋକୋ କରିଥିଲେ। ବିବାଦ ବଢୁଥିବା ଦେଖି ଏସ୍‌ଆଇଟି, କ୍ରାଇମବ୍ରାଞ୍ଚ ଟିମ୍ ଅଟକ ଯୁବକଙ୍କୁ ଛାଡି ଚାଲି ଆସିଥିଲା। ଗାଁ ଲୋକମାନେ ଆଲୋଚନା କରିବା ପରେ ଆନ୍ଦୋଳନରତ ଦଳିତସାହିର ଲୋକେ ଅପରାହ୍ନ ସାଢ଼େ ୨ଟାରେ ରାସ୍ତାରୋକୋ ପ୍ରତ୍ୟାହାର କରିନେଇଥିଲେ। ତେବେ ଆନ୍ଦୋଳନକାରୀ ସର୍ତ୍ତ ରଖିଥିଲେ ଯଦି ପୁଣି କାହାକୁ ଅଟକ ଓ ପଚରାଉଚରା କରାଯାଏ ପୁଣି ବିରୋଧ ଜାରି ରହିବ। ଏନେଇ ଦଳିତସାହିର ମାନସ ନାୟକ କୁହନ୍ତି, ମୁଁ ଜଣେ ରାଜମିସ୍ତ୍ରି। କରୋନା ଯୋଗୁ ମୋ ପରିଚୟ ବଦଳି ଯାଇଛି। ଏବେ ଇଟା ପକାଇ ଗୁଜୁରାଣ ମେଣ୍ଟାଉଛି। ଏଭଳି ସ୍ଥଳେ ସୋମବାର ବିଳମ୍ବିତ ରାତିରେ ମୋତେ ନେବା ପାଇଁ ଏସ୍‌ଆଇଟି ଓ ପୋଲିସ ଆସିଥିଲେ। ହେଲେ ମୁଁ ନ ଥିବାରୁ ନେଇ ପାରି ନ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ମୋତେ ମୋ ଘରୁ ନେଇ ଯାଇଥିଲେ। ହେଲେ ଗାଁଲୋକଙ୍କ ବିରୋଧ ଯୋଗୁ ନେଇପାରି ନ ଥିଲେ। ପରୀ ପରିବାର ନ୍ୟାୟ ପାଇବା ପାଇଁ ଆନ୍ଦୋଳନ କରିବା କ'ଣ ଭୁଲ୍। ସେହିପରି ଦଳିତସାହିର କୌଣସି ଲୋକଙ୍କ ଭୂମିକା ଏହି ଘଟଣାରେ ନ ଥିବାବେଳେ ରାତି ଅଧରେ ଆସି କବାଟ ପିଟି ତଦନ୍ତ କରିବା କେତେଦୂର ଯୁକ୍ତିଯୁକ୍ତ। ଏପରି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରୋକୋ ହୋଇଥିଲା ବୋଲି ସେ କହିଛନ୍ତି।

# ପରୀ ମା', ବାପାଙ୍କୁ ପୋଲିସର ଅଣଦେଖା

**ନୟାଗଡ ଅଫିସ,୮।୧୨**

ପରୀ ହତ୍ୟାକାଣ୍ଡକୁ ନେଇ ଅନେକ କଥା ଚର୍ଚ୍ଚା ଚାଲିଛି। ଯଦି ଏହି ଚର୍ଚ୍ଚା ଓ ସ୍ଥାନୀୟ ଲୋକଙ୍କ ମୌଖିକ ଅଭିଯୋଗରେ ସତ୍ୟତା ଥାଏ ତେବେ ପରୀ ହତ୍ୟାକାଣ୍ଡର ଗୁମର ଖୋଲିବା କାଠିକର ପାଠ ହୋଇ ପଡିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି ।

ଚର୍ଚ୍ଚା ଅନୁସାରେ ପରୀକୁ ଅପହରଣ ପରେ ଗାଁର ଏକ ନବନିର୍ମିତ କୋଠାଘରେ ରଖାଯାଇଥିଲା। ହତ୍ୟାର କାରଣ ଜଣାପଡି ନ ଥିଲେ ହେଁ ସେହି ଘରେ ଭୋଜିଭାତର ଆସର ଜମିଥିଲା। କେତେଜଣ ଅସମାଜିକ ଯୁବକ ଏଥିରେ ସାମିଲ ହୋଇଥିଲେ। ଜଣେ ବ୍ୟକ୍ତି ଅଦୃଶ୍ୟ ଭାବେ ରହି ସବୁ କିଛି କରୁଥିଲେ। ବଡବାପାଙ୍କ ସହ ପରୀ ବାପାଙ୍କ ସବୁବେଳେ ଝଗଡା ଲାଗୁଥିଲା । ପରୀକୁ ହତ୍ୟା କରି ବଡବାପାଙ୍କ ପରିବାରକୁ ଫସାଇ ଦେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଯୋଜନା ମୁତାବକ କାମ ହେଉଥିଲା । ପ୍ରମାଣ ନଷ୍ଟ କରିଦେବା ପାଇଁ ପରୀର ମୃତଦେହରେ କେମିକାଲ ଢାଳି ଦିଆଯାଇଥିଲା । ଏହାପରେ ବଡବାପା ଓ ପରୀଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ନିର୍ଯାତନା ଦେଇ ଭୟଭୀତ କରି ରଖିଥିଲା । ପୁଣି ବାରମ୍ବାର ଆନ୍ଦୋଳନ, ରାସ୍ତାରୋକୋ, ପ୍ରତିବାଦ ପରେ ବି କିଛି ସୁଫଳ ମିଳି ନ ଥିଲା। ପରୀର ମା'ବାପା ବାରମ୍ବାର କେତେଜଣ ଲୋକଙ୍କ ନାଁ କହୁଥିଲେ ହେଁ ପୋଲିସ ସେମାନଙ୍କ କଥାକୁ ଅଣଦେଖା କରି ଚାଲିଥିଲା। ଏହା ପଛରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା କେତେଜଣ ଲୋକ ନିଜ ନାମ ଗୋପନ ରଖି କହିଛନ୍ତି। ଏସ୍‌ଆଇଟି ତଦନ୍ତକୁ ସ୍ୱାଗତ କରାଯାଉଥିଲେ ହେଁ ଅଭିଯୁକ୍ତଙ୍କ ଲାଇ ଡିଟେକ୍ଟର ଟେଷ୍ଟ କାହିଁକି କରାଯାଉନି ବୋଲି ପ୍ରଶ୍ନ ଉଠୁଛି। ପୁଣି ପରୀ ସହ ଖେଳୁଥିବା ପିଲାମାନଙ୍କୁ କାହିଁକି ଏସ୍‌ଆଇଟି ପଚାରୁନି। ଏନେଇ ଗାଁ ସଭାପତି ଜୟକୃଷ୍ଣ ପରିଡା କହିଛନ୍ତି, ଗାଁରେ କେହି ବିବାଦ ଲଗାଇବାକୁ ଚେଷ୍ଟା କରୁଛନ୍ତି। ଦଳିତସାହିର ଲୋକମାନେ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ନ ଥିବାବେଳେ ସେମାନଙ୍କୁ ପଚରାଉଚରା ଓ ଅଟକ ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ଦଳିତସାହି ଲୋକେ ମୋତେ ଯିବାକୁ ଦେଇ ନ ଥିଲେ। ଆମ ଗାଁରେ ୧୦୦ ପରିବାରକୁ ନେଇ ତଦନ୍ତ କରାଯାଉ। ୧୨୦ ଦଳିତ ପରିବାରକୁ ଅଯଥାରେ ବିବାଦକୁ ଟଣା ନ ଯାଉ ବୋଲି ସେ କହିଛନ୍ତି। ଆମେ ଯାହା ଅନୁଭବ କରୁଛି ଏସ୍‌ଆଇଟି ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କୁ ଚିହ୍ନଟ କରିବ ବୋଲି ସେ କହିଛନ୍ତି।

# ୧୯ ବାଂଲାଦେଶୀ ମତ୍ସ୍ୟଜୀବୀ ଉଦ୍ଧାର



ଉଦ୍ଧାର ହୋଇଥିବା ବାଂଲାଦେଶୀ ମତ୍ସ୍ୟଜୀବୀଙ୍କ ଡଙ୍ଗା।

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ଭାରତୀୟ ତଟରକ୍ଷୀ ବାହିନୀ (ଇଣ୍ଡିଆନ୍ କୋଷ୍ଟ ଗାର୍ଡ) ଏକ ବାଂଲାଦେଶୀ ମତ୍ସ୍ୟଜୀବୀ ଡଙ୍ଗା (ଫିଶିଂ ବୋଟ୍)କୁ ବିପଦରୁ ଉଦ୍ଧାର କରିଛି। ଫଳରେ ଏଥିରେ ଥିବା ୧୯ ଜଣଙ୍କ ଜୀବନ ରକ୍ଷା ପାଇଛି। ଉଦ୍ଧାର ପରେ ସମସ୍ତଙ୍କୁ ବାଂଲାଦେଶ ତଟରକ୍ଷୀ ବାହିନୀକୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ଭୁବନେଶ୍ୱର କୋଷ୍ଟଗାର୍ଡର ଏୟାରକ୍ରାଫ୍ଟ ବଙ୍ଗୋପସାଗରରେ ପାଟ୍ରୋଲିଂ କରୁଥିବାବେଳେ ଇଣ୍ଡିଆନ୍ ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍‌ରେ ଏକ ବାଂଲାଦେଶୀ ମତ୍ସ୍ୟଜୀବୀ ଡଙ୍ଗାକୁ ଠାବ କରିଥିଲା । ଭିଏଚ୍‌ଏଫ୍ ରେଡିଓରେ ଡଙ୍ଗା ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା । ତେଣୁ ଇଣ୍ଡିଆନ୍ କୋଷ୍ଟଗାର୍ଡ ଜାହାଜ (ଆଇସିଜିଏସ୍) 'ଭରଦ'କୁ ଏହି ଏୟାରକ୍ରାଫ୍ଟ ସୂଚନା ପଠାଇଥିଲା । ଭରଦ ବଙ୍ଗୋପସାଗରର ଅନ୍ୟ ଏକ ଅପରେଶନରେ ନିୟୋଜିତ ଥିଲା । ଖବର ପାଇ ଜାହାଜଟି ତୁରନ୍ତ ବାହାରି ପଡ଼ିଥିଲା । ମଙ୍ଗଳବାର ଭୋରରେ ଏହା ଡଙ୍ଗା ପାଖରେ ପହଞ୍ଚି ଅନୁସନ୍ଧାନ କରିଥିଲା । ଅନୁସନ୍ଧାନରୁ ସ୍ପଷ୍ଟ ହୋଇଥିଲା ଯେ, ତାହା ବାଂଲାଦେଶର ମତ୍ସ୍ୟଜୀବୀ ଡଙ୍ଗା 'ରାଣା'। ମାଛ ଧରିବା ପାଇଁ ନଭେମ୍ବର ୧୫ରେ ଡଙ୍ଗାଟି ବାଂଲାଦେଶର କକ୍ସବାଜାର ଛାଡ଼ିଥିଲା । ଯନ୍ତ୍ରପାତି ଭାଙ୍ଗିବା କାରଣରୁ ଡଙ୍ଗାଟି ଇଣ୍ଡିଆନ୍ ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ ଭିତରକୁ ପଶି ଆସିଥିଲା । ଡଙ୍ଗାରେ କୌଣସି ରାଶନ ସାମଗ୍ରୀ ନ ଥିବାରୁ ମତ୍ସ୍ୟଜୀବୀମାନେ କ୍ଳାନ୍ତ ହୋଇପଡ଼ିଥିଲେ । ତେଣୁ କୋଷ୍ଟଗାର୍ଡ ଜାହାଜ ପକ୍ଷରୁ ସେମାନଙ୍କୁ ଫାଷ୍ଟ ଏଡ୍, ଖାଦ୍ୟ ଏବଂ ପାଣି ଯୋଗାଇ ଦିଆଯାଇଥିଲା । ଭାରତୀୟ ତଟରକ୍ଷୀ ବାହିନୀ ଏବଂ ବାଂଲାଦେଶ ତଟରକ୍ଷୀ ବାହିନୀ ମଧ୍ୟରେ ହୋଇଥିବା ଏମ୍‌ଓୟୁ ଅନୁଯାୟୀ ସେହି ମତ୍ସ୍ୟଜୀବୀମାନଙ୍କୁ ନେବା ପାଇଁ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ନିକଟରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ଅନୁରୋଧ କରାଯାଇଥିଲା । ଏହାପରେ ଡଙ୍ଗା ସହ ସମସ୍ତ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି ।

# ୧୧ରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

- କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତିକୁ ବିରୋଧ
- ପ୍ରତ୍ୟାହାର ପାଇଁ ଭାରତୀୟ ଚିକିତ୍ସକ ସଂଘର ଦାବି

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ଆୟୁଷ ଡାକ୍ତରମାନଙ୍କୁ ବିଭିନ୍ନ ଅପରେଶନ ପାଇଁ ଅନୁମତି ଲାଗି ଭାରତ ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଏହାକୁ ଭାରତୀୟ ଚିକିତ୍ସକ ସଂଘ ବିରୋଧ କରିବା ସହିତ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି। ଏହି ବ୍ୟବସ୍ଥା ଲାଗୁ କରାଗଲେ ଜନସାଧାରଣଙ୍କ ଚିକିତ୍ସା କ୍ଷେତ୍ରରେ ତଥା ଭାରତୀୟ ବିଜ୍ଞାନ କ୍ଷେତ୍ରରେ ଏକ ଅସ୍ୱାଭାବିକ ଏବଂ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେବ ବୋଲି ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଭାରତୀୟ ଚିକିତ୍ସକ ସଂଘର ଭୁବନେଶ୍ୱର ଶାଖା ତରଫରୁ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ସମ୍ପାଦକ ଡାକ୍ତର ପ୍ରତ୍ୟୁଷ କୁମାର ରାୟ କହିଛନ୍ତି, ଆଜିର ସମାଜରେ ବ୍ୟକ୍ତି ବିଶେଷମାନଙ୍କର ଉପଯୁକ୍ତ ଶିକ୍ଷା ନିମନ୍ତେ ଏଲୋପାଥି, ଆୟୁର୍ବେଦିକ ଆଦି ଭିନ୍ନ ଭିନ୍ନ ବିଭାଗଗୁଡ଼ିକୁ ଏକତ୍ର କରି ଚିକିତ୍ସା କରାଗଲେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବହୁ ବାଧାବିଘ୍ନ ସୃଷ୍ଟି ହେବ। ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡ଼ିବ। କାରଣ ସମସ୍ତଙ୍କର ଚିକିତ୍ସା ପ୍ରଣାଳୀ ଭିନ୍ନ। ତେଣୁ ଏଭଳି ବିଜ୍ଞପ୍ତି ପ୍ରତିବାଦରେ ଓଡ଼ିଶାରେ ଅଣଜରୁରୀ ସେବାରେ ନିୟୋଜିତ ଡାକ୍ତରମାନେ ଆସନ୍ତା ୧୧ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏ ହ । କ ୁ ମେଡିକାଲ ଶିକ୍ଷକ ସଂଘ, ସରକାରୀ ଡାକ୍ତର, ରେସିଡେଣ୍ଟ ଡାକ୍ତର, ନର୍ସିଂହୋମ ଡାକ୍ତର ଆସୋସିଏଶନ ଏବଂ ରାଜ୍ୟର ସମସ୍ତ ମେଡିକାଲ ଛାତ୍ର ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଡିସେମ୍ବର ୨ରୁ ୧୧ତାରିଖ ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ଆନ୍ଦୋଳନ ଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏହାକୁ ସଫଳ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନର ସମସ୍ତ ବିଭାଗ ତଥା ମେଡିକାଲ ଛାତ୍ର ସଙ୍ଗଠନ ପ୍ରତିନିଧିଙ୍କୁ ନେଇ ସଂଘ ସଭାପତି ଡା. ମାଗୁଣି ବେହେରା ଓ ସମ୍ପାଦକ ଡା. ପ୍ରତ୍ୟୁଷ ରାୟଙ୍କ ସଂଯୋଜନାରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଭାରତୀୟ ଚିକିତ୍ସକ ସଂଘ, ଭୁବନେଶ୍ୱର ଶାଖାର ସମ୍ପାଦକ ଡା. ରାୟ ସୂଚନା ଦେଇଛନ୍ତି।

# କୃଷ୍ଣସାର ମୃଗ ଶାବକ ଉଦ୍ଧାର

**ବୁଗୁଡ଼ା,୮।୧୨(ଡି.ଏନ.ଏ.)**

ବୁଗୁଡ଼ା ଫରେଷ୍ଟ ରେଞ୍ଜ ବାଲିପଦର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚକରାପଲ୍ଲୀ ଶିବ ମନ୍ଦିର ସମ୍ମୁଖ ପୋଖରୀରୁ ମଙ୍ଗଳବାର ସନ୍ଧ୍ୟାରେ ଏକ କୃଷ୍ଣସାରମୃଗ ସାବକକୁ ଉଦ୍ଧାର କରାଯାଇଛି। ତିନି ମାସର ଏହି ମୃଗ ସାବକଟି ଜଙ୍ଗଲରୁ ଦୌଡ଼ି ଦୌଡ଼ି ଆସି ପୋଖରୀ ଭିତରେ ପଡ଼ିଯାଇଥିଲା। ଉକ୍ତ ପୋଖରୀରେ ଗାଧୋଉଥିବା ଜଣେ ଲୋକ ମୃଗକୁ ଉଦ୍ଧାର କରି ନିଆଁ ସେକ ଦେଇ ବନ ବିଭାଗକୁ ଖବର ଦେଇଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ କ୍ଷୀରୋଦ ଗୌଡ଼, ବନରକ୍ଷୀ ପ୍ରଶାନ୍ତ ପଲେଇ ଘଟଣାସ୍ଥଳରେ ପହଞ୍ଚି ମୃଗ ସାବକକୁ ନେଇ ସୋଲଣ୍ଡି ସଂରକ୍ଷିତ ଜଙ୍ଗଲରେ ଛାଡିଛନ୍ତି।



ଉଦ୍ଧାର ହୋଇଥିବା କୃଷ୍ଣସାର ମୃଗ।

# ଗ୍ରାମବାସୀଙ୍କୁ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ୍,୮।୧୨**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଜିତୁ ନାଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନଭେମ୍ବର ୧୭ତାରିଖରେ ଭେଡ଼େନ ଥାନାରେ ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଭଙ୍ଗାରୁଜା ଏବଂ ଆକ୍ରମଣ ହୋଇଥିଲା। ଏଭଳି ଅଭିଯୋଗରେ ପୋଲିସ ମଙ୍ଗଳବାର ବୁର୍ଦ୍ଧା ଗ୍ରାମର ୩୦ଜଣଙ୍କୁ ଉଠାଇ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫଙ୍କ ମଧ୍ୟରେ ୬ ମହିଳା ଏବଂ ୯ ପୁରୁଷ ରହିଛନ୍ତି। ଅନ୍ୟମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡ଼ିଦେଇଛି। ଅନ୍ୟପଟେ ଗିରଫଦାରୀକୁ ବିରୋଧ କରି ପୁଣି ପୋଲିସ ସହିତ ଗ୍ରାମବାସୀଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉକ୍ତ ଗ୍ରାମରେ ୪ ପ୍ଲାଟୁନ ଫୋର୍ସ ମୁତୟନ ଥିବାରୁ ଗ୍ରାମବାସୀଙ୍କୁ ଗିରଫଦାରୀ ଭୟ ଘାରିଛି। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି ।



ପୋଲିସ ବୁର୍ଦ୍ଧା ଗ୍ରାମବାସୀଙ୍କୁ ଉଠାଇ ନେଉଛି ।

**ଥାନାରେ ଭଙ୍ଗାରୁଜା ଘଟଣା**

- ହତ୍ୟା ଅଭିଯୁକ୍ତଙ୍କୁ ଧରିବାରେ ବିଫଳ
- ଗିରଫଦାରି ବେଳେ ମୁହାଁମୁହିଁ ପରିସ୍ଥିତି
- ୧୫ ଗ୍ରାମବାସୀ ଗିରଫ
- ଗାଁରେ ଲାଗି ରହିଛି ଚାପା ଉତ୍ତେଜନା

ସୂଚନା ଅନୁସାରେ, ଜୁଲାଇ ୧୮ରେ ବୁର୍ଦ୍ଧା ଗ୍ରାମର ଲିଙ୍ଗରାଜ ନାଏକଙ୍କ ପୁଅ ଜିତୁ(୨୩)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲେ ମଧ୍ୟ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ବୁର୍ଦ୍ଧା ଗ୍ରାମବାସୀ ନଭେମ୍ବର ୧୭ରେ ଭେଡ଼େନ ଥାନାଧିକାରୀଙ୍କୁ ଏକ ଦାବିପତ୍ର ଦେବାକୁ ଆସିଥିଲେ। ମାତ୍ର ପୋଲିସ ଥାନା ଫାଟକ ନ ଖୋଲିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ତୁମୁଳକାଣ୍ଡ ଘଟିଥିଲା। ଉତ୍ତେଜିତ ଲୋକଙ୍କ ଢ଼େଲାମାଡ଼ ଏବଂ ପୋଲିସର ଲାଠିମାଡ଼ ଯୋଗୁ ଥାନା ପରିସର ରଣକ୍ଷେତ୍ର ପାଲଟିଥିଲା। ଏଥିରେ ଉଭୟ ପୋଲିସ ଓ ଗ୍ରାମବାସୀଙ୍କ ପକ୍ଷରୁ ୨ଜଣ ଲେଖାଏଁ ଆହତ ହୋଇଥିଲେ। ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଏବଂ ଥାନା ଭଙ୍ଗାରୁଜା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଡିଏସ୍‌ପି ସୁଧାକର ସାହୁ, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓ, ଏସ୍‌ଆଇ ଦିଲୀପ କୁମାର ବେହେରା, ଏସ୍. କେ. ବଳିୟାର ସିଂ ୫ ପ୍ଲାଟୁନ ଫୋର୍ସ ସହିତ ବୁର୍ଦ୍ଧା ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ପୋଲିସକୁ ଗାଁ ଭିତରକୁ ବାଟ ଛାଡ଼ି ନ ଥିଲେ ଏବଂ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଜିତୁ ନାଏକ ହତ୍ୟାକାଣ୍ଡକୁ ଆଉ ୧୦ଦିନ ପରେ ୫ମାସ ପୂରିବ । ହେଲେ ପୋଲିସ ଏହି ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା ଏଯାଏ ଘଟଣାର ପର୍ଦ୍ଦାଫାସ କରି ପାରିନାହିଁ।

### ବିବାହରେ କୋଭିଡ୍ ନିୟମ ଉଲ୍ଲଂଘନ, ୫ ଗିରଫ

**ଗୋପାଳପୁର, ୮।୧୨**

ବିବାହ ଉତ୍ସବରେ କୋଭିଡ୍ ନିୟମ ଉଲଂଘନ କରିବା ଅଭିଯୋଗରେ ଗୋପାଳପୁର ପୋଲିସ୍ ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିଛି। ଗୋପାଳପୁର ଥାନା ଗୋଳାବନ୍ଧ ସ୍ଥିତ ଓଡିଆର୍‌ପି କଲୋନୀରେ ଏକ ବିବାହ ଉତ୍ସବ ଚାଲିଥିଲା। ଏଥିରେ ବିନା ଅନୁମତିରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଡିଜେ ବକ୍ସ ଲଗାଯାଇଥିଲା। ଖବର ପାଇ ଗୋପାଳପୁର ପୋଲିସ୍ ସେଠାରେ ଚଢାଉ କରି ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ସହ ୪୦୭ ଟ୍ରକ, ଜେନେରେଟର, ୮ଟି ସାଉଣ୍ଡ ବକ୍ସ, ୨୦ଟି ଡିଜେ ଲାଇଟ୍, ୪ଟି ଏମ୍ପ୍ଲିଫାଇରକୁ ଜବତ କରିଛି। ଏ ନେଇ ନଂ ୨୧୨/୨୦ରେ ଏକ ମାମଲା ରୁଜୁ କରାଯାଇଛି।

# ମହାକାଶ କେନ୍ଦ୍ରକୁ ଦ୍ୱିତୀୟ ଡ୍ରାଗନ୍ କ୍ୟାପ୍‌ସୁଲ ପଠାଇଲା ସ୍ପେସ୍‌ଏକ୍ସ

କେପ୍ କାନାଭେରାଲ, ୮।୧୨

ଆମେରିକାର ଘରୋଇ ମହାକାଶ ସଂସ୍ଥା ସ୍ପେସ୍‌ଏକ୍ସ ଗତ ରବିବାର ଏହାର ଡ୍ରାଗନ୍ ସପ୍ଲାଏ କ୍ୟାପ୍‌ସୁଲ୍‌ର ନୂତନ ତଥା ବୃହତ୍ତର ଭର୍ସନ୍‌କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ପଠାଇଛି। ଏଥିରେ ଖ୍ରୀଷ୍ଟମାସ୍ ଉପହାର, ୪୦ ମୂଷା ସମେତ ୨,୯୦୦ କିଲୋଗ୍ରାମ ଓଜନର ସାମଗ୍ରୀ ପଠାଯାଇଛି। କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟରର ୩୯ଏ ପ୍ୟାଡ୍‌ରୁ ସ୍ପେସ୍‌ଏକ୍ସର ଫାଲ୍‌କନ୍‌୯ ରକେଟ ରିସପ୍ଲାଏ ମିଶନରେ ବାହାରିଥିଲା। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ସ୍ପେସ୍‌ଏକ୍ସ ଇତିମଧ୍ୟରେ ଦୁଇଟି କ୍ୟାପ୍‌ସୁଲ ପଠାଇଲାଣି। ରବିବାର ପଠାଯାଇଥିବା ଡ୍ରାଗନ କ୍ୟାପସୁଲ ସୋମବାର ମହାକାଶ କେନ୍ଦ୍ରରେ ପହଞ୍ଚିଛି।










See Career Appointment on every Wednesday & Saturday































































## ଗୋଲାପ ଗଛର କାଟଛାଣ୍ଟ

ଗୋଲାପ ଗଛ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅପରପକ୍ଷରେ ଗେଣ୍ଡୁ ଫୁଲ ଗଛରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ / ମାଙ୍କୋଜେବ୍ ୨ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ – ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ, ବି.ଏମ୍.–୨ ଏବଂ ବି.ଏମ୍.–୩ । ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ଏକ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡ଼ିଓଲସ୍ ଦୁଇ ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡ଼ିଓଲସ୍ ଲଗାଇ ପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଲିଲିୟମ୍ କନ୍ଦା ସଂଗ୍ରହ କରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।



## ଖରିଫ ଧାନ ଅମଳ କରୁଥିଲେ...

ଖରିଫ ଧାନର ଶତକଡା ୮୫ ଭାଗ କେଣ୍ଡା ପାଚିଯାଇଥିଲେ ବିଳମ୍ବ ନ କରି ଧାନ କାଟି ନିଅନ୍ତୁ। ଧାନ ଅମଳ ପରେ ଧାନକୁ ୨–୩ ଥର ଟାଣ ଖରାରେ ଶୁଖାଇ ରଖନ୍ତୁ। ଧାନ ଶୁଖିଗଲା ପରେ ଦାନ୍ତରେ କଡ କିମ୍ବା ଶୁଭି ଭାଙ୍ଗିଲେ ଜାଣିବେ ଯେ ଧାନ ସାଇତା ପାଇଁ ଉପଯୁକ୍ତ ହୋଇଯାଇଛି। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି କାନ୍ଥ, ଛାତ କିମ୍ବା ଚଟାଣରେ ଫାଟ କି କଣା ଥିଲେ ମାଟି କିମ୍ବା ସିମେଣ୍ଟ ଦ୍ୱାରା ବନ୍ଦ କରିଦିଅନ୍ତୁ। ଅମାର ଘରର କବାଟ, ଝରକାରେ ଫାଙ୍କ ରହିବା ଉଚିତ ନୁହେଁ। ଅମାରକୁ ସଫା କରିବା ପରେ ୧୦୦ ବର୍ଗ ଫୁଟ ଜାଗା ପାଇଁ ୨୫୦ ଗ୍ରାମ ହିସାବରେ ଶତକଡା ୫ ଭାଗ ମାଲାଥିଅନ୍ ଗୁଣ୍ଡ ଅମାର ଚଟାଣ, କାନ୍ଥ ଓ ଛାତରେ ବିଞ୍ଚି ଦେଲେ ପୋକ ଲାଗନ୍ତି ନାହିଁ। ଶସ୍ୟ ରଖାଯିବା ପୂର୍ବରୁ ଖାଲି ବସ୍ତାଗୁଡିକୁ ଧୋଇ ଟାଣ ଖରାରେ ଶୁଖାନ୍ତୁ।



## ବାଇଗଣରେ ପୋକ ପରିଚାଳନା


ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



## ବାଟ ଦେଖାଇଛି ପିଜୁଳି ଚାଷ

ଦଶମ ପାସ୍ ପରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରି କରିଥିଲେ। ହେଲେ ପାରିବାରିକ ସମସ୍ୟା ଯୋଗୁଁ ଚାକିରି ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ରୋଜଗାର ପାଇଁ କ'ଣ କରିବେ ସେଇ କଥା ଚିନ୍ତା କଲେ। ପଶ୍ଚିମବଙ୍ଗର ମେଦିନିପୁର ବୁଲିବାକୁ ଯାଇଥିଲେ, ସେଠାକାର ପିଜୁଳି ଚାଷ ଦେଖି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ଶେଷରେ ଏହି ଚାଷ କରି ସ୍ୱାବଲମ୍ବୀ ହେବା ଲାଗି ମନସ୍ଥ କଲେ। ଆରମ୍ଭ ହେଲା ଉଦ୍ୟମ। ମାତ୍ର ବର୍ଷ କେଇଟାରେ ସେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କ ପାଇଁ ରୋଜଗାରର ବାଟ ଦେଖାଇଛନ୍ତି। ସେହି ବ୍ୟକ୍ତି ଜଣକ ହେଲେ ନଟବର ବିଶ୍ୱାଳ(ମୋ:୮୫୯୯୮୭୩୮୮୪)। ତାଙ୍କ ଜନ୍ମ ଯାଜପୁର ଜିଲା ବରହଟା ଗ୍ରାମରେ (ପିତା– କାହ୍ନୁଚରଣ ବିଶ୍ୱାଳ, ମା'–ମୋତି ବିଶ୍ୱାଳ)। ପ୍ରଥମେ ନିଜ ବାଡ଼ିର ୧୫ ଗୁଣ୍ଠ ଜମିରେ ଆରମ୍ଭ କଲେ ପିଜୁଳି ଚାଷ। ପ୍ରାରମ୍ଭିକ ସଫଳତା ତାଙ୍କ ଉତ୍ସାହକୁ ବଢାଇଦେଲା। ଏହା ପରେ ସେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ହୀରପୁର ଗ୍ରାମର ରଘୁନାଥଜୀଉ ମଠର ୫ ଏକର ଜମି ଓ ଦାଣ୍ଡକୁଳ ଗ୍ରାମବାସୀଙ୍କ ଠାରୁ ୪ ଏକର ଜମି ଲିଜ୍ ନେଇ ଅତ୍ୟାଧୁନିକ ପ୍ରଣାଳୀରେ ବୈତରଣୀ ନଦୀକୂଳ ପଠାରେ କଲେ ପିଜୁଳି ଚାଷ। ପିଜୁଳି ବ୍ୟତୀତ କଦଳୀ, ପୋଟଳ, ସାରୁ, ମାଟିଆଳୁ, କ୍ୟାପସିକମ୍, ସପୁରି ଚାଷ ମଧ୍ୟ କରିଛନ୍ତି। ତେବେ ପୂର୍ବରୁ ସେ ମହାରାଷ୍ଟ୍ର ଯାଇ ଅଙ୍ଗୁର ଓ ପିଜୁଳି ଚାଷ ସମ୍ପର୍କରେ ତାଲିମ ମଧ୍ୟ ନେଇଥିଲେ। କଲିକତାରୁ ପିଜୁଳି ଚାରା ଆଣି ସେ ଏବେ ୧୫୦୦ ପିଜୁଳି ଗଛ ଲଗାଇଛନ୍ତି। 'ପିଜୁଳି ଗଛ ପାଞ୍ଚ ବର୍ଷ ପରେ ଫଳ ଆସିବା କଥା କିନ୍ତୁ ଚଳିତ ବର୍ଷ ପ୍ରଥମ କରି ପିଜୁଳି ଗଛ ( ଅର୍ଥାତ ଦୁଇ ବର୍ଷ ମଧ୍ୟରେ) ଫଳ ଆସିଛି। ଉତ୍ପାଦିତ ପିଜୁଳି ମଧ୍ୟରୁ ଗୋଟିଏ ପିଜୁଳିର ଓଜନ ୧କିଗ୍ରା.୧୦୦ଗ୍ରାମ ଥିଲା ବୋଲି କହନ୍ତି ନଟବର।' ଚଳିତ ବର୍ଷ ସେ ପ୍ରାୟ ୨୦ କୁଇଣ୍ଟାଲ ପିଜୁଳି ତୋଳିଛନ୍ତି। ସବୁ ଗଛ ଫଳିଲେ ପ୍ରତେକ ଦିନ ଅଢେଇ କୁଇଣ୍ଟାଲ ଭଳି ପିଜୁଳି ଉତ୍ପାଦନ ହେବ ବୋଲି କୁହନ୍ତି। ଏହାଛଡା ନାଡୀକୋଳି,ଆପେଲବେରୀ,ଆତ ଚାଷ ପାଇଁ ଆଶା ରଖିଛନ୍ତି।

**ସଫଳ ଚାଷୀ**



ନଟବର ବିଶ୍ୱାଳ

ସରକାରୀ ସାହାଯ୍ୟ ମିଳିଲେ ଏଠାରେ ଅଙ୍ଗୁର ଫଳାଇପାରିବେ ବୋଲି ସେ ଦୃଢୋକ୍ତି ବ୍ୟକ୍ତ କରନ୍ତି। ଏବେ ତାଙ୍କ ସହ ୧୦ ଜଣ ବଗିଚାରେ କାମ କରି ସେମାନଙ୍କ ପରିବାର ଚଳାଇବାରେ ସକ୍ଷମ ହେଉଛନ୍ତି। 'ଜଣେ ମନ ଦେଇ କାମ କଲେ ଚାଷରୁ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ। ତେବେ ସରକାରୀ ସହଯୋଗ ମିଳିଲେ ସେ ଆହୁରି ଆଗକୁ ଯାଇପାରନ୍ତେ ବୋଲି କୁହନ୍ତି ୬୦ବର୍ଷ ବୟସ୍କ ଏହି ସଫଳ ଚାଷୀ ।

–ଦେବେନ୍ଦ୍ର ଆନ୍ଦିଆ



# ମେହେନ୍ଦି: ଚାଷଠୁ ବ୍ୟବସାୟ



ପ୍ରତ୍ୟୁଷ ପଣ୍ଡା

ମେହେନ୍ଦି ଏକ ପ୍ରାକୃତିକ ରଙ୍ଗ ଜାତୀୟ ଗଛ, ଏହା ସାଧାରଣତଃ କେଶ ରଙ୍ଗ କରିବାରେ ଏବଂ ମହିଳାଙ୍କର ହାତ, ଗୋଡ଼ରେ ବିଭିନ୍ନ ପ୍ରକାର ସଜାଇବାରେ ବ୍ୟବହାର କରାଯାଏ। ମେହେନ୍ଦି ଯାହାକୁ ହେନା ମଧ୍ୟ କୁହାଯାଏ। ଓଡ଼ିଶାର ଘରେ ଘରେ ମଞ୍ଜୁଆତି ନାମରେ ଜଣାଯାଏ। ମେହେନ୍ଦି ସାଧାରଣତଃ ବ୍ୟବସାୟ ଭିତ୍ତିରେ ଚାଷ କରାଯାଇପାରିବ। ମେହେନ୍ଦିରୁ ସାଧାରଣତଃ ମେହେନ୍ଦି ପାଉଡର, ମେହେନ୍ଦି କୋନ, ମେହେନ୍ଦି ଫୁଲରୁ ଅତର ଇତ୍ୟାଦି ପ୍ରସ୍ତୁତ କରାଯାଇପାରିବ ଏବଂ ଏହାର ଆଦର ମଧ୍ୟ ବହୁତ ଅଧିକ।

**ଜଳବାୟୁ:** ମେହେନ୍ଦି ସାଧାରଣତଃ ଗୋଟିଏ ଉଷ୍ମ ଜଳବାୟୁ ଜାତୀୟ ଫସଲ, ଯେଉଁ ଅଞ୍ଚଳରେ ଅଧିକ ଉଷ୍ମ ଜଳବାୟୁ ଦେଖାଯାଏ, ସେଠାରେ ମେହେନ୍ଦିର ରଙ୍ଗ ସେତେ ଭଲହୁଏ। ଏହି ଚାଷ ପାଇଁ ବାର୍ଷିକ ୪୦୦ ମିମି ବୃଷ୍ଟିପାତ ଆବଶ୍ୟକ। ସାଧାରଣତଃ ମରୁଡ଼ି ସମ୍ଭାଳି ପାରୁଥିବା ଫସଲ ମଧ୍ୟରୁ ମେହେନ୍ଦି ଅନ୍ୟତମ।

**ମୃତ୍ତିକା:** ଯେକୌଣସି ମୃତ୍ତିକାରେ ମେହେନ୍ଦି ଚାଷ କରାଯାଇପାରିବ। କିନ୍ତୁ ମେହେନ୍ଦି ଚେର ତଳକୁ ବହୁତ ଯାଏ। ତେଣୁ ବାଲିଆ ଦୋରସା କିମ୍ବା ଦୋରସା ମାଟି ସବୁଠାରୁ ଭଲ। ଏହା ସହ ୩.୪ରୁ ୮ପିଏଚ ଥିବା ମୃତ୍ତିକା ମେହେନ୍ଦି ଚାଷ ପାଇଁ ସର୍ବୋତ୍କୃଷ୍ଟ।

**ରୋପଣ:** ସାଧାରଣତଃ ମଞ୍ଜି, ଗଛ ଏବଂ କଲମୀ ଗଛ ଦ୍ୱାରା ମେହେନ୍ଦି ଲଗାଯାଇ ପାରିବ। କିନ୍ତୁ ବ୍ୟବସାୟ ଭିତ୍ତିରେ ଗଛ ଲଗାଇବା ଭଲ। ଯଦି ମଞ୍ଜି ଲଗାଇବେ ତେବେ ଏକର ପ୍ରତି ୨.୫ କେଜି ଦରକାର। ତେଣୁ ମଞ୍ଜିରୁ ନର୍ସରୀରେ ଲଗାଇବା ପାଇଁ ମାର୍ଚ୍ଚ ମାସରେ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ। ୩ ମାସ ହୋଇଗଲେ ସାଧାରଣତଃ ନର୍ସରିରୁ ମୁଖ୍ୟ ଭୂମିରେ ରୋପଣ କରାଯାଏ। ମୁଖ୍ୟ ଭୂମିରେ ଲଗାଇବାର ପ୍ରକୃତ ସମୟ ଜୁଲାଇ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନ ୪୫x୩୦ସିଏମ ଓ ୬୦x୨୫ସିଏମ ରହିବା ଆବଶ୍ୟକ। ଯଦି ଗଛ ଲଗାଉଥିବା ତେବେ ଉପରୁ ୧୦ସିଏମ କାଟି ଲଗାଇବା ଦ୍ୱାରା ଗଛ ଶୀଘ୍ର ଶୀଘ୍ର ବଢ଼ିବ।

ସାଧାରଣତଃ ମେହେନ୍ଦି ଚାଷ ପାଇଁ କୌଣସି ରାସାୟନିକ ସାରର ଆବଶ୍ୟକତା ନ ଥାଏ, ଏହା କେବଳ ଜୈବିକ ଖତରେ ବଢିଥାଏ। ତେବେ ଏହ ଚାଷ ପାଇଁ ୬ ଟନ ଶଢ଼ା ଗୋବର ଖତ ପ୍ରତି ଏକର ଆବଶ୍ୟକ।



**କୀଟନାଶକ:** ଏହି ଗଛରେ ସାଧାରଣତଃ କୌଣସି କୀଟ ଆକ୍ରମଣ ହୁଏ ନାହିଁ । ଯଦି କେତେବେଳେ କୀଟ ଆକ୍ରମଣ ଦେଖାଦିଏ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ତାହାର ଉପଚାର କରିପାରିବେ।

**ଜଳସେଚନ:** ଜଳସେଚନ ସାଧାରଣତଃ ମେହେନ୍ଦି ଗଛ ଆବଶ୍ୟକ କରେ ନାହିଁ । କେବଳ ମୃତ୍ତିକା ପୂରା ଶୁଖିଗଲେ ଆମେ କିଛି ଜଳସେଚନ କରିବା । କାରଣ ମେହେନ୍ଦି ଏକ ଉଷ୍ମ ଜଳବାୟୁ ଅଞ୍ଚଳର ଫସଲ। ଏହା ମରୁଡ଼ି ଅବସ୍ଥାରେ ମଧ୍ୟ ଭଲ ହୋଇପାରେ। ଅଧିକ ଜଳ ଦେଲେ ମେହେନ୍ଦି ରଙ୍ଗ ଭଲ ଆସେ ନାହିଁ।

**ଗଛ ଚୟନ:** ତେବେ ମେହେନ୍ଦି ସାଧାରଣତଃ ଦୁଇ ପ୍ରକାରର । ଗୋଟିଏ ଚଉଡା ପତ୍ର ବିଶିଷ୍ଟ ଦେଶୀ ମେହେନ୍ଦି ଏବଂ ଅନ୍ୟଟି ଛୋଟ ପତ୍ର ବିଶିଷ୍ଟ ବୁଦାଳିଆ ଗଛ। ତେଣୁ ସବୁ ବେଳେ ଦେଶୀ ଚଉଡା ପତ୍ର ବିଶିଷ୍ଟ ଗଛ ଲଗାଇବା।

**ଅମଳ:** ସାଧାରଣତଃ ଦୁଇ ଥର ଗଛର ପତ୍ର କଟାଯାଏ । ଗୋଟିଏ ମାର୍ଚ୍ଚ ଏପ୍ରିଲ ମାସରେ ଏବଂ ଅନ୍ୟଟି ଅକ୍ଟୋବର ନଭେମ୍ବର ମାସରେ । ତେବେ ମୂଳରୁ ୨ ରୁ ୩ ଇଞ୍ଚ ଛାଡି ଗଛ କାଟିବା। ପ୍ରଥମ ବର୍ଷ ଅମଳ କମ୍ ଆସେ। ତେବେ ଦ୍ୱିତୀୟ ବର୍ଷଠାରୁ ୨୫ ବର୍ଷ ପର୍ଯ୍ୟନ୍ତ ପ୍ରତି ଏକର ୫୦୦ରୁ ୬୦୦ କେଜି ପର୍ଯ୍ୟନ୍ତ ଶୁଖିଲା ପତ୍ର ମିଳେ।

**ଲାଭ:** ତେବେ ୪୬୫୦ଟଙ୍କା ପ୍ରତି ୪୦ କି.ଗ୍ରା. ଶୁଖିଲା ପତ୍ରକୁ ମିଶାଇ ଏହି ହିସାବ ନେଲେ ୧୫ ବସ୍ତା ହେଉଛି । ଗୋଟିଏ ବସ୍ତା ୪୦ କି.ଗ୍ରା. । ତେବେ ୧୫ ବସ୍ତା x ୪୬୫୦= ୬୯୭୫୦ ଟଙ୍କା ବା ୭୦ ହଜାର ଟଙ୍କା ପ୍ରତି ଏକର।

*–ତୃତୀୟ ବର୍ଗ, କୃଷି ଛାତ୍ର,*
*ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ*
*ମୋ: ୭୮୭୩୮୨୭୮୩୦*

### ବ୍ୟବସାୟ

ମେହେନ୍ଦି ଗଛରୁ ଗୋଟିଏ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବା ସବୁଠାରୁ ଭଲ। କାରଣ ମେହେନ୍ଦି ବ୍ୟବସାୟରେ ପ୍ରତିଯୋଗିତା ବହୁତ୍ କମ୍ ଏବଂ ମାତ୍ର ୩୦ରୁ ୩୫ ହଜାର ଟଙ୍କା ଖର୍ଚ୍ଚ କରି ଆପଣ ମେହେନ୍ଦି ବ୍ୟବସାୟ ଆରମ୍ଭ କରିପାରିବେ। ଯଦି ଆପଣ ମେହେନ୍ଦି ପାଉଡ଼ର କରି ବିକିବାକୁ ଚାହୁଁଛନ୍ତି, ତେବେ ପାଲଭରାଇଜର, ଗୋଟିଏ ପତ୍ର ଶୁଖାଇବା ମେଶିନ ଏହା ଆପଣ ସୂର୍ଯ୍ୟ ତା'ପରେ ମଧ୍ୟ କରିପାରିବେ କିନ୍ତୁ ଏହା ଅଧିକ ଏବଂ କମ୍ ଶୁଖିଲେ ଏହାର ମାନ ହ୍ରାସ ପାଏ, ତା'ପରେ ପ୍ୟାକେଟ କରିବା ପାଇଁ ପ୍ୟାକେଟ ମେଶିନ, ଓଜନ କରିବା ପାଇଁ ଓଜନ ମେଶିନ ଆବଶ୍ୟକ। ପାଲଭରାଇଜର ମୂଲ୍ୟ ୧୫୦୦୦ ଟଙ୍କା, ପତ୍ର ଶୁଖାଇବା ମେଶିନ ୮୦୦୦ ଟଙ୍କା, ପ୍ୟାକେଟ ପାଇଁ ମେଶିନ ୧୦୦୦ ଟଙ୍କା, ଓଜନ ମେଶିନ ୨୦୦୦ ଟଙ୍କା, ସମୁଦାୟ ୨୬୦୦୦ ଟଙ୍କା। ଯଦି ଆପଣ ମେହେନ୍ଦି ଜୋନ୍ କରିବାକୁ ଚାହୁଁଛନ୍ତି ତେବେ ମେହେନ୍ଦି ପାଉଡର ମିଶାଇବା ମେଶିନ ଏବଂ କୋନ୍ ଭରିବା ମେଶିନ ଆବଶ୍ୟକ । ତେବେ କୋନ୍ ଭରିବା ମେଶିନ୍ ପାଇଁ ୮୦୦୦ଟଙ୍କା ଏବଂ ମଗାଇବା ମେଶିନ୍ ପାଇଁ ୧୨୦୦୦ ଟଙ୍କା ଆବଶ୍ୟକ, ତା' ସହ କୋନ୍ ପ୍ୟାକେଟ୍ ଇତ୍ୟାଦି ପାଇଁ ୫୦୦୦ ଟଙ୍କା ଆବଶ୍ୟକ। ଆମେ ଯଦି ଗୋଟିଏ ମେହେନ୍ଦି ପାଉଡର ପ୍ୟାକେଟ୍‌କୁ ୧୫୦ରୁ ୨୫୦ ଟଙ୍କା ପ୍ରତି କି.ଗ୍ରା. ବିକିବା ତେବେ ଆମର ବ୍ୟବସାୟ ବହୁତ ଭଲ ହେବ ଏବଂ ଗୋଟିଏ କୋନ୍‌କୁ ୧୦ ଟଙ୍କା ବ୍ୟବସାୟ ବହୁତ ଭଲ ହେବ ଏବଂ ଗୋଟିଏ କୋନ୍‌କୁ ୧୦ ଟଙ୍କାରେ ବିକିଲେ ଆମକୁ ୬ରୁ ୭ ଟଙ୍କା ଲାଭ ହେବ, ଏହିପରି ଭାବରେ ଗୋଟିଏ ଚାଷରୁ ବ୍ୟବସାୟ ଆରମ୍ଭ କରି ଆମେ ଆତ୍ମନିର୍ଭର ହେବା ସହ ଅନ୍ୟ କେତେ ଲୋକଙ୍କ ପାଇଁ ନିଯୁକ୍ତିର ମାର୍ଗ ଖୋଲି ଦେବ।

## ସୂର୍ଯ୍ୟମୁଖୀ ସମ୍ପର୍କରେ..

### ଏ ମାସର କୃଷି ସୂଚନା

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରିପ୍ସ ଆକ୍ରମଣ କମାନ୍ତୁ। ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ। ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ। ଏହା ମହୁମାଛି ପାଇଁ କ୍ଷତିକାରକ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ। ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



**ସୋରିଷ ଫସଲ:** ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା ପେନ୍‌କୋନାଜୋଲ୍ ୦.୫ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ଲାଗି ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ସକାଶେ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପିଆଜ :** ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ। ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ। ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପଶୁପାଳନ :** ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ଓୟୁଏଟି, ଭୁବନେଶ୍ୱର

## ଚିନାବାଦାମ ଚାଷରେ ଘାସବଛା

ଚିନାବାଦାମ ଗଜା ହେବାର ତିନି ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୧୦୦ ଗ୍ରାମ ଜିପସମ୍ ଛାଟନ୍ତୁ। ଗଛ ଧାଡିର ପାର୍ଶ୍ୱରେ ପ୍ରୟୋଗ କରାଗଲେ ଏକର ପ୍ରତି କେବଳ ୫୦ ଗ୍ରାମ ଜିପସମ ଆବଶ୍ୟକ ହୋଇଥାଏ। ଫସ୍‌ଫରସ ସାରକୁ ଆମୋନିୟମ ସଲଫେଟ୍ କିମ୍ବା ସିଙ୍ଗଲ ସୁପର ଫସଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପସମର ଆବଶ୍ୟକତା ପଡେ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ବାଦାମ ଲଗାଇବାର ୩୦–୪୦ଦିନର ଗଛରେ ଫୁଲ ଧରେ। ଫୁଲ ଧରିବା ପରେ ଆଉ ମାଟିକୁ କୋଡାଖୁସା କରନ୍ତୁ ନାହିଁ ଏବଂ ଏହି ସମୟରେ ବିଲରେ ନ ପଶିବା ଭଲ। କାରଣ ଏହି ସମୟଠାରୁ ଫୁଲ ଝାଉଁଳେ ଏବଂ ଓହଳଗୁଡିକ କ୍ରମେ ଭିତରକୁ ପ୍ରବେଶ କରୁଥାଏ। ଏହି ଓହଳ ହିଁ ମାଟି ଭିତରେ ଚିନାବାଦାମ ହୋଇ ବଢ଼େ। ଥଣ୍ଡା ଅଧିକ ହେଲେ ଚିନାବାଦାମ ଗଜା ଭଲ ହୁଏ ନାହିଁ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଡିସେମ୍ବର ୯/୨୦୨୦ Wednesday, December 9/ 2020

# ଟି୨୦: ଭାରତ ବିଜୟରେ ବ୍ରେକ୍

**ସିଡ୍‌ନୀ, ୮।୧୨**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚରେ ଭାରତ ୧୨ ରନରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ତେବେ ପ୍ରଥମ ୨ଟି ମ୍ୟାଚ ଜିତିଥିବାରୁ ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୧୮୬ ରନ କରିଥିଲା। ଜବାବରେ ଅଧିନାୟକ ବିରାଟ କୋହଲିଙ୍କ ଲଢୁଆ ଇନିଂସ ସତ୍ତ୍ୱେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୪ ରନ କରିବାକୁ ସକ୍ଷମ ହୋଇଥିଲା। ଅଷ୍ଟ୍ରେଲିଆ ସ୍ପିନର ମିଚେଲ ସ୍ୱେପସନ ମ୍ୟାନ ଅଫ ଦି ମ୍ୟାଚ ଓ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏଠାରେ ପରାଜିତ ହେବା ଫଳରେ ଭାରତର କ୍ରମାଗତ ବିଜୟରେ ବ୍ରେକ୍ ଲାଗିଛି। ଟି ୨୦ରେ କ୍ରମାଗତ ୧୧ ବିଜୟ ପରେ ପରାଜୟ ସ୍ୱାଦ ଚାଖିଛି ଟିମ୍ ଇଣ୍ଡିଆ। ଏହା ପୂର୍ବରୁ ଶେଷଥର ପାଇଁ ଦଳ ୨୦୧୯ ଡିସେମ୍ବରରେ ତ୍ରିଭେନ୍ଦ୍ରମଠାରେ ୱେଷ୍ଟଇଣ୍ଡିଜଠାରୁ ହାରିଥିଲା। ସେହିପରି ବିଦେଶ ମାଟିରେ କ୍ରମାଗତ ୧୦ ବିଜୟ ପରେ ଭାରତକୁ ପ୍ରଥମ ପରାଜୟ ମିଳିଛି। ୨୦୧୯ ଫେବୃୟାରୀରେ ହାମିଲଟନଠାରେ ହାରିବା ପରେ ଭାରତ କ୍ରମାଗତ ବିଜୟୀ ହୋଇ ଆସୁଥିଲା। କ୍ରିକେଟର ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ମାଟିରେ ସିରିଜ ବିଜୟୀ ହେବାରେ କୋହଲି ଦ୍ୱିତୀୟ ବିଦେଶୀ ଅଧିନାୟକ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ'ପ୍ଲେସିଙ୍କ ପରେ ସେ ଏହି ସଫଳତା ପାଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍(୦)ଙ୍କ ଉଇକେଟ ଶୀଘ୍ର ହରାଇଥିଲା।

- ତୃତୀୟ ଟି୨୦ରେ ଅଷ୍ଟ୍ରେଲିଆ ୧୨ ରନରେ ବିଜୟୀ
- ୨-୧ରେ ସିରିଜ ଜିତିଲା ଟିମ୍ ଇଣ୍ଡିଆ

ତେବେ ଅନ୍ୟତମ ଓପନର ମାଥ୍ୟୁ ୱାଡେ ଦ୍ୱିତୀୟ ଉଇକେଟରେ ଷ୍ଟିଭ୍ ସ୍ମିଥଙ୍କ ସହ ୬୫ ଏବଂ ତୃତୀୟ ଉଇକେଟରେ ଗ୍ଲେନ ମ୍ୟାକ୍ସୱେଲଙ୍କ ସହ ୯୦ ରନର ଭାଗୀଦାରି ଗଢ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦଳ ପକ୍ଷରୁ ୱାଡେ ସର୍ବାଧିକ ୮୦( ୫୩ ବଲ, ୭ ଚୌକା, ୨ ଛକା), ମ୍ୟାକ୍ସୱେଲ ୫୪(୩୬ ବଲ, ୩ ଚୌକା, ୩ ଛକା) ଓ ସ୍ମିଥ ୨୪(୨୩ ବଲ, ୧ ଚୌକା) ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨ଟି ଏବଂ ଟି. ନଟରାଜନ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତୀୟ ଖେଳାଳିଙ୍କ ଖରାପ ଫିଲ୍ଡିଂ ଏବଂ କ୍ୟାଚ ଡ୍ରପ୍ ମଧ୍ୟ ଅଷ୍ଟ୍ରେଲିଆକୁ ଅନେକ ପରିମାଣରେ ସହାୟକ ହୋଇଥିଲା।

୧୮୭ ରନ ବିଜୟ ଲକ୍ଷ୍ୟ ଥିବାବେଳେ ଭାରତ କୌଣସି ରନ ହେବା ପୂର୍ବରୁ ଲୋକେଶ ରାହୁଲ(୦)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମ୍ୟାକ୍ସୱେଲଙ୍କୁ ପ୍ରଥମ ଓଭର ବୋଲିଂ ଦେଇ ଫିଞ୍ଚ୍ ଯେଉଁ ଜୁଆ ଖେଳିଥିଲେ ସେଥିରେ ରାହୁଲ ଫସି ଯାଇଥିଲେ। ଅଧିନାୟକ ବିରାଟ ଏକାକୀ ଲଢ଼ିଥିଲେ ହେଁ ଅପର ପାର୍ଶ୍ୱରୁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ସେପରି ସମର୍ଥନ ଦେଇପାରି ନ ଥିଲେ। ଫଳରେ ଟିମ୍ ଇଣ୍ଡିଆ ବିଜୟ ଲକ୍ଷ୍ୟଠାରୁ ୧୨ ରନ ଦୂରରେ ରହି ଯାଇଥିଲା। କୋହଲି ୬୧ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୮୫ ରନ କରି ୧୯ତମ ଓଭରର ପ୍ରଥମ ବଲ୍‌ରେ ଆଉଟ ହେବା ସହ ଭାରତର ବିଜୟ ଆଶା ଶେଷ ହୋଇଯାଇଥିଲା। ଶିଖର ଧାୱନ ୨୧ ବଲ୍‌ରୁ ୨୮(୩ ଚୌକା), ସଞ୍ଜୁ ସାମ୍‌ସନ ୧୦ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୧୩ ବଲ୍‌ରୁ ୨୦(୧ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ।


ବିରାଟ କୋହଲି

### ୩ଟି ଫର୍ମାଟରେ ଅଷ୍ଟ୍ରେଲିଆରେ ସିରିଜ ଜିତିଥିବା ବିଦେଶୀ ଅଧିନାୟକ

- ଫାଫ୍ ଡୁ'ପ୍ଲେସି (ଦକ୍ଷିଣ ଆଫ୍ରିକା): ଟେଷ୍ଟ: ୨-୧ (୨୦୧୬-୧୭), ଏକଦିବସୀୟ: ୨-୧ (୨୦୧୮), ଟି୨୦: ୧-୦ (୨୦୧୮)।
- ବିରାଟ କୋହଲି (ଭାରତ): ଟେଷ୍ଟ: ୨-୧ (୨୦୧୮-୧୯), ଏକଦିବସୀୟ: ୨-୧ (୨୦୧୯), ଟି୨୦: ୨-୧ (୨୦୨୦)।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାଡେ-ଏଲବିଡବ୍ଲ୍ୟୁ-ଠାକୁର-୮୦
ଫିଞ୍ଚ୍-କ-ପାଣ୍ଡ୍ୟା-ବୋ-ସୁନ୍ଦର-୦
ସ୍ମିଥ-ବୋ-ସୁନ୍ଦର-୨୪
ମ୍ୟାକ୍ସୱେଲ-ବୋ-ନଟରାଜନ-୫୪
ହେନରିକ୍ସ-ନଟଆଉଟ-୫
ଶର୍ଟ-ରନଆଉଟ-୭
ସାମ୍ସ-ନଟଆଉଟ-୪
ଅତିରିକ୍ତ-୧୨
ମୋଟ(୫ ଉଇକେଟ, ୨୦ ଓଭର) ୧୮୬।
ଉଇକେଟ ପତନ:୧/୧୪, ୨/୭୯, ୩/୧୬୯, ୪/୧୭୫, ୫/୧୮୨।
ବୋଲିଂ(ଭାରତ)
ଚହର ୪-୦-୩୪-୦
ସୁନ୍ଦର ୪-୦-୩୪-୨
ନଟରାଜନ ୪-୦-୩୩-୧
ଚହଲ ୪-୦-୪୧-୦
ଠାକୁର ୪-୦-୪୩-୧।

**ଭାରତ ଇନିଂସ**
ରାହୁଲ-କ-ସ୍ମିଥ-ବୋ-ମ୍ୟାକ୍ସୱେଲ-୦
ଧାୱନ-କ-ସାମ୍ସ-ବୋ-ସ୍ୱେପସନ-୨୮
କୋହଲି-କ-ସାମ୍ସ-ବୋ-ଟାଏ-୮୫
ସାମ୍‌ସନ-କ-ସ୍ମିଥ-ବୋ-ସ୍ୱେପସନ-୧୦
ଆୟାର-ଏଲବିଡବ୍ଲ୍ୟୁ-ସ୍ୱେପସନ-୦
ପାଣ୍ଡ୍ୟା-କ-ଫିଞ୍ଚ୍-ବୋ-ଜାମ୍ପା-୨୦
ସୁନ୍ଦର-କ-ଟାଏ-ବୋ-ଆବୋଟ-୭
ଠାକୁର-ନଟଆଉଟ-୧୭
ଚହଲ-ନଟଆଉଟ-୦
ଅତିରିକ୍ତ-୭
ମୋଟ(୭ ଉଇକେଟ, ୨୦ ଓଭର) ୧୭୪।
ଉଇକେଟ ପତନ:୧/୦, ୨/୭୪, ୩/୯୭, ୪/୧୦୦, ୫/୧୪୪, ୬/୧୫୧, ୭/୧୬୪।
ବୋଲିଂ(ଅଷ୍ଟ୍ରେଲିଆ)
ମ୍ୟାକ୍ସୱେଲ ୩-୦-୨୦-୧
ଆବୋଟ ୪-୦-୪୯-୧
ସାମ୍ସ ୨-୦-୨୯-୦
ଟାଏ ୪-୦-୩୧-୧
ସ୍ୱେପସନ ୪-୦-୨୩-୩
ଜାମ୍ପା ୩-୦-୨୧-୧

**ମ୍ୟାନ ଅଫ୍ ଦି ମ୍ୟାଚ: ମିଚେଲ ସ୍ୱେପସନ**
**ମ୍ୟାନ ଅଫ ଦି ସିରିଜ: ହାର୍ଦ୍ଦିକ ପାଣ୍ଡ୍ୟା**

# ବ୍ରେକ୍‌ଡ୍ୟାନ୍ସିଂକୁ ଅଲିମ୍ପିକ ମାନ୍ୟତା



**ଜେନିଭା, ୮।୧୨(ଏପି)**

ଆନୁଷ୍ଠାନିକ ଭାବେ ବ୍ରେକ୍‌ଡ୍ୟାନ୍ସିଂ ଏବେ ଅଲିମ୍ପିକ କ୍ରୀଡ଼ାର ମାନ୍ୟତା ହାସଲ କରିଛି। ଏହି କ୍ରୀଡ଼ା ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଡେବ୍ୟୁ କରିବ। ଯୁବପିଢ଼ିର କ୍ରୀଡ଼ା ପ୍ରଶଂସକଙ୍କୁ ଆକର୍ଷିତ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବ୍ରେକ୍‌ଡ୍ୟାନ୍ସିଂକୁ ଅଲିମ୍ପିକ୍‌ରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ସ୍କେଟ୍‌ବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସର୍ଫିଙ୍ଗ୍‌କୁ ମଧ୍ୟ ଅଲିମ୍ପିକ୍ ମାନ୍ୟତା ପ୍ରଦାନ କରାଯାଇଛି। ଆଇଓସିର କାର୍ଯ୍ୟକାରୀ କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଏହି ୩ଟି କ୍ରୀଡ଼ା ଟୋକିଓ ଅଲିମ୍ପିକ୍ସରେ ଡେବ୍ୟୁ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ କାରଣରୁ ଟୋକିଓ ଅଲିମ୍ପିକ୍ସକୁ ୨୦୨୧ ଜୁଲାଇ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

ଏହି କ୍ରୀଡ଼ାଗୁଡିକୁ ଅଲିମ୍ପିକ୍ସରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଟୋକିଓ ଅପେକ୍ଷା ପ୍ୟାରିସ ଅଲିମ୍ପିକ୍ସରେ ୧୦ଟି ଇଭେଣ୍ଟ କମ୍ ଖେଳାଯିବ। ପ୍ୟାରିସ୍‌ରେ ମୋଟ ୩୨୯ଟି ଇଭେଣ୍ଟ ଖେଳାଯିବ। ଭାରୋତ୍ତୋଳନରୁ ୪ଟି ଇଭେଣ୍ଟକୁ ବାଦ୍ ଦିଆଯିବ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଆଥଲେଟିକ୍ସ କୋଟା ୨୦୨୪ ରଖାଯାଇଛି। ଟୋକିଓ ଅଲିମ୍ପିକ୍ସଠାରୁ ଏହା ୬୦୦ କମ୍। ଦୁଇଟି କ୍ରୀଡ଼ା ବକ୍ସିଂ ଓ ଭାରୋତ୍ତୋଳନରେ ଭାଗନେବାକୁ ଥିବା ଆଥଲେଟ୍‌ଙ୍କ ସଂଖ୍ୟାରେ ଅବନତି ହେବ।

ପ୍ୟାରିସ୍‌ରେ ଭାରୋତ୍ତୋଳନରେ ୧୨୦ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଆଥଲେଟ୍ ସଂଖ୍ୟାଠାରୁ ଏହା ଅଧାରୁ ଆହୁରି କମ୍। ଡୋପିଂ ସମସ୍ୟା କାରଣରୁ ଏହି କ୍ରୀଡ଼ାକୁ ସମ୍ପୂର୍ଣ୍ଣ ରୂପେ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍)ରେ ହୋଇଥିବା ସଂସ୍କାର ନେଇ ଆଇଓସି ଚିନ୍ତିତ ରହିଛି।

ପ୍ୟାରିସ ସମେତ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଆଇଓସି ଭବିଷ୍ୟତ ପାଇଁ ଦୀର୍ଘକାଳୀନ ପ୍ରାଥମିକତା ଧାର୍ଯ୍ୟ କରିଛି। ଅଲିମ୍ପିକ୍ସରେ ସମାନ ସଂଖ୍ୟାରେ ମହିଳା ଓ ପୁରୁଷ ଖେଳାଳିମାନେ ଅଂଶଗ୍ରହଣ କରିବା ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ଏଥିସହିତ ସହରୀକୃତ ଇଭେଣ୍ଟକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି।

ଅଲିମ୍ପିକ୍ସରେ ବ୍ରେକ୍‌ଡ୍ୟାନ୍ସିଂକୁ ବ୍ରେକିଂ ବୋଲି କୁହାଯିବ। ୨୦୧୮ ବୁଏନ୍ସ ଆୟାର୍ସ ଯୁବ ଅଲିମ୍ପିକ୍ସରେ ଏହାର ପରୀକ୍ଷାମୂଳକ ପ୍ରୟୋଗ କରାଯାଇଥିଲା ଓ ଏହା ସଫଳ ମଧ୍ୟ ହୋଇଥିଲା। ଏହାପରେ ପ୍ୟାରିସ ଆୟୋଜକମାନେ ବ୍ରେକ୍‌ଡ୍ୟାନ୍ସକୁ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ୟାରିସ୍‌ର ପ୍ଲେସ୍ ଡି ଲି କନ୍‌କୋର୍ଡରେ ଏହି କ୍ରୀଡ଼ା ସମେତ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ୩- ଅନ୍-୩ ବାସ୍କେଟବଲକୁ ଭେନ୍ୟୁ ପ୍ରଦାନ କରାଯାଇଛି। ସେହିପରି ସର୍ଫିଙ୍ଗ୍‌କୁ ଫ୍ରାନ୍ସର ତାହିତି ସମୁଦ୍ର ଉପକୂଳଠାରୁ ୧୫,୦୦୦ କିଲୋମିଟର ଦୂରରେ ପ୍ରଶାନ୍ତ ମହାସାଗରରେ ଆୟୋଜନ କରାଯିବ। ଏ ନେଇ ଗତ ମାର୍ଚ୍ଚରେ ଆଇଓସି ସମ୍ମତି ପ୍ରକାଶ କରିଥିଲା। ସୋମବାର ଅନୁଷ୍ଠିତ ହୋଇଥିବା ବୈଠକରେ ୨୮ଟି ଜଣାଶୁଣା ସମର ଗେମ୍ସ ସ୍ପୋର୍ଟ୍ସ ସହ ମୋଟ ୪୧ଟି ଇଭେଣ୍ଟ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲା।

ଅନ୍ୟପଟେ ବିଭିନ୍ନ କ୍ରୀଡ଼ାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି। ଓସିଏନ ରୋଇଂ ଓ ପାରକୋର ଭଳି ଇଭେଣ୍ଟକୁ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ପୁରୁଷ ୫୦ କି.ମି. ଚାଲି ବଦଳରେ ଏକ ମିକ୍ସଡ ଜେଣ୍ଡର ଟିମ୍ ଇଭେଣ୍ଟ ସାମିଲ କରାଯିବ।

- ୨୦୨୪ ଅଲିମ୍ପିକ୍ସରେ ପଦାର୍ପଣ କରିବ
- ସ୍କେଟ୍‌ବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସର୍ଫିଙ୍ଗ୍ ସାମିଲ

# ବେଙ୍ଗାଲୁରୁ-ନର୍ଥଇଷ୍ଟ ମ୍ୟାଚ ଡ୍ର


**ଇଣ୍ଡିଆନ ସୁପରଲିଗ୍**

**ଫତୋର୍ଦ୍ଦା, ୮।୧୨:** ଇଣ୍ଡିଆନ ସୁପରଲିଗ୍‌ରେ ମଙ୍ଗଳବାର ବେଙ୍ଗାଲୁରୁ ଏଫସି ଓ ନର୍ଥ ଇଷ୍ଟ ୟୁନାଇଟେଡ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ମ୍ୟାଚର ୪ର୍ଥ ମିନିଟରେ ଲୁଇସ ମାଚାଡୋ ଏକ ଗୋଲ ଦେଇ ନର୍ଥଇଷ୍ଟକୁ ଅଗ୍ରଣୀ କରାଇଥିଲେ। ତେବେ ୧୩ତମ ମିନିଟରେ ବେଙ୍ଗାଲୁରୁର ଜୁଆନାନ ଗୋଲଟି ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ୧-୧ ଗୋଲରେ ଶେଷ ହେବାପରେ ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୭୦ତମ ମିନିଟରେ ବଦଳ ଖେଳାଳି ଉଦାନ୍ତ ସିଂ ଗୋଲ ସ୍କୋର କରି ବେଙ୍ଗାଲୁରୁକୁ ଅଗ୍ରଣୀ ଦେଇଥିଲେ। ମାତ୍ର ଦଳର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୭୮ତମ ମିନିଟରେ ମାଚାଡୋ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚକୁ ପୁଣି ବରାବର ସ୍ଥିତିକୁ ନେଇ ଆସିଥିଲେ। ଫଳରେ ନର୍ଥଇଷ୍ଟ ଓ ବେଙ୍ଗାଲୁରୁର ଅପରାଜେୟ ଧାରା ଅବ୍ୟାହତ ରହିଥିଲା। ଏହି ମ୍ୟାଚ ପରେ ନର୍ଥଇଷ୍ଟ ୫ ମ୍ୟାଚରୁ ୨ ବିଜୟ ଓ ୩ ଡ୍ର ସହ ୯ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୪ ମ୍ୟାଚ ଖେଳି ୧ ବିଜୟ ଓ ୩ ଡ୍ର ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଉଠିଛି।

# ବ୍ୟାଟ୍ସମ୍ୟାନ ବୋଲିଂ କରିବା ଗୁରୁତ୍ୱପୂର୍ଣ୍ଣ: ସୁରେଶ ରାଇନା

**ନୂଆଦିଲ୍ଲୀ,୮।୧୨(ପି.ଟି.):** ବ୍ୟାଟ୍ସମ୍ୟାନମାନେ କାମଚଳା ବୋଲିଂ କରିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତନ କ୍ରିକେଟର ସୁରେଶ ରାଇନା କହିଛନ୍ତି। ପୂର୍ବରୁ ଏଭଳି ଉଦାହରଣ ରହିଥିଲା। ତେବେ ବର୍ତ୍ତମାନ ଭାରତୀୟ ଦଳରେ ଏହା ପରିଲକ୍ଷିତ ହେଉନାହିଁ । ପିଠିରେ ଅସ୍ତ୍ରୋପଚାର କରାଇଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ବୋଲିଂ କରୁନାହାନ୍ତି। ତେଣୁ ଭାରତ ନିକଟରେ ଷଷ୍ଠ ବୋଲିଂ ବିକଳ୍ପ ନାହିଁ। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜରେ ଭାରତୀୟ ଦଳ ପାଇଁ ଷଷ୍ଠ ବୋଲରଙ୍କ ବିକଳ୍ପ ନାହିଁ।

ତେଣୁ ଜଣେ ବ୍ୟାଟ୍ସମ୍ୟାନ ବୋଲିଂ କରିବା ଓ ଜଣେ ବୋଲର ଭଲ ବ୍ୟାଟିଂ କରିବା ନିଶ୍ଚିତ ଭାବେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରାଇନା ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ରାଇନା ପୂର୍ବରୁ ଅଫ୍ ବ୍ରେକ୍ ବୋଲିଂ କରି ବେଶ୍ ସଫଳତା ହାସଲ କରିଛନ୍ତି। ସେହିପରି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ୍ୟ ତାଙ୍କ କ୍ୟାରିୟରରେ ଏକାଧିକ ବାର ବୋଲିଂ କରି ଦଳକୁ ଜିତାଇଛନ୍ତି। ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ନିୟମିତ ଭାବେ ବୋଲିଂ କରିବାର ଉଦାହରଣ ରହିଛି। ଏପରିକି ଯୁବରାଜ ସିଂ ବିଶ୍ୱକପ୍‌ରେ ଦୃଷ୍ଟାନ୍ତମୂଳକ ବୋଲିଂ କରି ଭାରତକୁ ଜିତାଇଥିଲେ। ସେହିପରି ବୋଲରମାନେ ମଧ୍ୟ ବେଳେ ବେଳେ ଉପଯୋଗୀ ବ୍ୟାଟିଂ କରିବା ଜରୁରୀ ବୋଲି ବୋଲି ୩୪ ବର୍ଷୀୟ ରାଇନା କହିଛନ୍ତି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ